RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -165 ସଂଖ୍ୟା-୧୬୫
ଭୁବନେଶ୍ୱର, ବୁଧବାର, ୧୦ ସେପ୍ଟେମ୍ବର ୨୦୨୫
Bhubaneswar, Wednesday, 10, September, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ସିପି ରାଧାକ୍ରିଷ୍ଣନ ଦେଶର ନୂଆ ଉପରାଷ୍ଟ୍ରପତି

**ନୂଆଦିଲ୍ଲୀ,୯।୯(ନି.ପ୍ର):** ଉପ ରାଷ୍ଟ୍ରପତି ନିର୍ବାଚନରେ ବାଜି ମାରିଛନ୍ତି ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ। ଆଜି ଅନୁଷ୍ଠିତ ଉପ ରାଷ୍ଟ୍ରପତି ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆର ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ରୁ ଅଧିକ ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି। ସିକ୍ରେଟ ବାଲଟରେ ହୋଇଥିବା ଭୋଟିଂରେ ସିପି ରାଧାକ୍ରିଷ୍ଣନଙ୍କୁ ୪୫୨ ଖଣ୍ଡ ଭୋଟ ମିଳିଛି। ସେହିପରି ଜଷ୍ଟିସ ରେଡ୍ଡୀ ୩୦୦ ଖଣ୍ଡ ଭୋଟ ପାଇଛନ୍ତି। ୧୫ ଜଣ ସାଂସଦଙ୍କ ଭୋଟ ନାକଚ ହୋଇଥିବା ରିଟର୍ଣ୍ଣିଂ ଅଫିସର ତଥା ରାଜ୍ୟସଭା ମହାସଚିବ ପିସି ମୋଦି ଘୋଷଣା କରିଛନ୍ତି।ତେବେ ଭାରତୀୟ ଜନତା ପାର୍ଟି ତରଫରୁ ଦାବି କରାଯାଇଛି ଯେ, ୧୪ ଜଣ ସାଂସଦ କ୍ରସ୍ ଭୋଟିଂ କରିଛନ୍ତି। ସଂସଦରେ ଏନଡିଏ ପାଖରେ ମୋଟ ୪୨୭ ସାଂସଦ ଅଛନ୍ତି। ଏଥିରେ ୱାଇଏସଆ।ର କଂଗ୍ରେସର ୧୧ ସାଂସଦଙ୍କୁ ମିଶାଇଲେ ଏହି ସଂଖ୍ୟା ୪୩୮ ହେଉଛି। ହେଲେ ଏନଡିଏ ପ୍ରାର୍ଥୀଙ୍କୁ ମୋଟ ୪୫୨ ଭୋଟ୍ ମିଳିଥିବାରୁ,



ଆ।ଉ ୧୪ଟି ଭୋଟ୍ କ୍ରସ୍ ଭୋଟିଂ ହୋଇଥିବା କୁହାଯାଉଛି।
ସିପି ରାଧାକ୍ରିଷ୍ଣନ ବିଜୟ ହୋଇଥିବାରୁ ସେ ଦେଶର ପରବର୍ତ୍ତୀ ଉପ ରାଷ୍ଟ୍ରପତି ଭାବେ ଶପଥ ନେବେ ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ଆଜି ଦିନ ୧୦ଟାରୁ ଭୋଟିଂ ଆରମ୍ଭ ହୋଇଥିଲା। ପ୍ରଥମ ଭୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିଲେ। ଏହାପରେ ଉଭୟ ଲୋକସଭା ଓ ରାଜ୍ୟସଭାର ସାଂସଦମାନେ ଧାଡ଼ିରେ ଆସି ନିଜ ପସନ୍ଦର ପ୍ରାର୍ଥୀଙ୍କୁ ପାଇଁ ଭୋଟିଂ କରିଥିଲେ ଉପ ରାଷ୍ଟ୍ରପତି ନିର୍ବାଚନରେ ୯୮% ଭୋଟିଂ ହୋଇଥିଲା। ଉଭୟ ଗୃହର ସାଂସଦଙ୍କ ସଂଖ୍ୟା ୭୮୮ ରହିଥିବା ବେଳେ ଏବେ ୭ଟି ଆସନ ଖାଲି ପଡ଼ିଛି। ୭୮୧ ବୈଧ ଭୋଟ ମଧ୍ୟରୁ ୧୩ ଜଣ ସାଂସଦ ଭୋଟ ଦେଇ ନଥିଲେ। ବିଆରଏସ୍‌ର ୪ ଜଣ, ବିଜେଡିର ୭ ଜଣ, ଅକାଳୀ ଦଳ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ଉପ ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେଇ ନାହାନ୍ତି ମୋଟ ୭୬୭ ଜଣ ସାଂସଦ ଭୋଟ ଦେଇଥିଲେ ଏହା ମଧ୍ୟରୁ ୭୫୨ ବୈଧ ଓ ୧୫ଟିକୁ ନାକଚ କରାଯାଇଥିଲା।
ବିଜେପି ନେତୃତ୍ୱାଧୀନ ଏନଡିଏର ୪୨୭ ଜଣ ସାଂସଦ ଭୋଟ ଦେଇଛନ୍ତି। ସେହିପରି ବିରୋଧୀ ମେଣ୍ଟର ସମସ୍ତ ୩୧୫ ଜଣ ସାଂସଦ ଭୋଟ ଦେଇଥିବା କଂଗ୍ରେସ ନେତା ଜୟ ରାମ ରମେଶ କହିଥିଲେ। ହେଲେ ବିରୋଧୀ ମେଣ୍ଟର ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ପ୍ରଥମ ପସନ୍ଦର ଉପ ରାଷ୍ଟ୍ରପତି ଭାବେ ୩୦୦ ଖଣ୍ଡ ଭୋଟ ମିଳିଛି ଅର୍ଥାତ ୧୫ ଖଣ୍ଡ ଭୋଟ ମିଳିନାହିଁ। ଯେଉଁ ୧୫ ଖଣ୍ଡ ଭୋଟ ନାକଚ ହୋଇଛି, ସମ୍ଭବତଃ ତାହା ବିରୋଧୀ ସାଂସଦଙ୍କର ବୋଲି କୁହାଯାଉଛି।ପୂର୍ବ ଗଣତି ହିସାବରେ ଏନଡିଏ ପ୍ରାର୍ଥୀ ଅଧିକ ଭୋଟ ପାଇଛନ୍ତି। ଏନଡିଏ ପାଖରେ ୪୨୭ ଜଣ ସାଂସଦ ଉଭୟ ସଦନରେ ଥିବାବେଳେ ଏହା ଠାରୁ ଅଧିକ ସମର୍ଥନ ପାଇଛନ୍ତି ସିପି ରାଧାକ୍ରିଷ୍ଣନ।ଅର୍ଥାତ ଆନ୍ଧ୍ର ପ୍ରଦେଶର ୱାଇଏସ୍‌ଆର କଂଗ୍ରେସର କିଛି ସାଂସଦ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ରାଜ୍ୟସଭାରେ ଦଳର ୭ ଜଣ ଓ ଲୋକସଭାରେ ୪ ଜଣ ସଦସ୍ୟ ରହିଛନ୍ତି ସେମାନେ ସମସ୍ତେ ସମ୍ଭବତଃ ସିପି ରାଧାକ୍ରିଷ୍ଣନଙ୍କୁ ସମର୍ଥନ କରିଛନ୍ତି।
ସେହିପରି ରାଜ୍ୟସଭାରେ ଥିବା ଆପର ବିଦ୍ରୋହୀ ସାଂସଦ ସ୍ୱାତୀ ମାଲିଲ ମଙ୍ଗଳବାର ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା କୁହାଯାଉଛି। ଲୋକସଭାରେ ଥିବା ୭ ସ୍ୱାଧୀନ ସାଂସଦଙ୍କ ମଧ୍ୟରୁ ଜଣେ ଭୋଟିଂରୁ ଦୂରେଇ ରହିଥିଲେ।
ବାକି ୬ ଜଣଙ୍କ ଭୂମିକା ଉପରେ ସମସ୍ତ ନଜର ରହିଥିଲା ସେମାନେ ମଧ୍ୟ ଏନଡିଏକୁ ସମର୍ଥନ ଦେଇଛନ୍ତି ଜେଡପିଏମ(ମିଜୋରାମ)ର ମଧ୍ୟ ଜଣେ ସାଂସଦ ବି ସିପି ରାଧାକ୍ରିଷ୍ଣନଙ୍କୁ ଭୋଟ ଦେଇଥିବା ଜଣାପଡ଼ିଛି ଏଥିଯୋଗୁ ସିପି ରାଧାକ୍ରିଷ୍ଣ ମୋଟ ୪୫୨ ଖଣ୍ଡ ଭୋଟ ପାଇଛନ୍ତି ତେବେ ଏହା ୩ ବର୍ଷ ତଳେ ଧନଖଡ଼ ହାସଲ କରିଥିବା ୫୨୮ଟି ଭୋଟରୁ କମ।ଚନ୍ଦ୍ରପୁରମ ପୋନ୍ନସ୍ୱାମୀ ରାଧାକ୍ରିଷ୍ଣନ ବା ସି.ପି ରାଧାକ୍ରିଷ୍ଣନ ୧୯୫୭ ମସିହା ଅକ୍ଟୋବର ୨୦ ତାରିଖରେ ତାମିଲନାଡୁର ତିରୁପ୍ପୁରରେ ଜନ୍ମ ହୋଇଥିଲେ। ୧୬ ବର୍ଷ ବୟସରୁ ସେ ଆରଏସ୍‌ଏସ୍ ଓ ଜନସଂଘ ସହ ଜଡ଼ିତ ହୋଇଥିଲେ। ତାଙ୍କର ଦୀର୍ଘ ରାଜନୀତିକ କ୍ୟାରିୟରରେ ସେ ଅନେକ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ତାମିଲନାଡୁ ବିଜେପିର ସଭାପତି ଭାବେ କାର୍ଯ୍ୟ କରିଥିଲେ। ସି.ପି ରାଧାକ୍ରିଷ୍ଣନ ତାପୂର୍ବରୁ ୧୯୯୮ ଓ ୧୯୯୯ରେ ସେ ଦୁଇ ଥର ତାମିଲନାଡୁର କୋଏମ୍ବାଟୁର ଆ।ସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ।

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୯(ନି.ପ୍ର):** ନବନିର୍ବାଚିତ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ନବନିର୍ବାଚିତ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ ଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆପଣଙ୍କର ଗଭୀର ପ୍ରଶାସନିକ ଅଭିଜ୍ଞତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗଭୀର ପ୍ରତିବଦ୍ଧତା ସଂସଦ ତଥା ଦେଶର ମର୍ଯ୍ୟାଦା ଓ ଗରିମାକୁ ବୃଦ୍ଧି କରିବ। ଏହି ମର୍ଯ୍ୟାଦାପୂର୍ଣ୍ଣ ପଦବୀରେ ଦେଶର ସେବା କରିବା ନିମନ୍ତେ ନିର୍ବାଚିତ ହୋଇଥିବାରୁ ଆପଣଙ୍କୁ ଅନେକ ଅନେକ ଶୁଭକାମନା।

# ନେପାଳରେ ବିଦ୍ରୋହ ଉଗ୍ରରୂପ

## ପ୍ରଧାନମନ୍ତ୍ରୀଙ୍କ ପରେ ଇସ୍ତଫା ଦେଲେ ରାଷ୍ଟ୍ରପତି

କାଠମାଣ୍ଡୁ,୯।୯: ନେପାଳରେ ସୋସିଆଲ ମିଡିଆ ପ୍ରତିବନ୍ଧକକୁ ନେଇ ଜେନ୍ ଜେଡ୍‌ର ବିରୋଧ ପ୍ରଦର୍ଶନ ହେବା ପରେ ଶେଷରେ ଇସ୍ତଫାର ସୁଅ ଛୁଟିଛି। ଗତକାଲି ପ୍ରଥମେ ଗୃହ ମନ୍ତ୍ରୀ ଇସ୍ତଫା ଦେବା ପରେ ଆଜି ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ପରେ ପରେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଇସ୍ତଫା ଦେଇଛନ୍ତି। ଆମେରିକା, ୟୁରୋପୀୟ ସଂଘ (ଇୟୁ), ବ୍ରାଜିଲ, ଭାରତ, ଚାଇନା ଓ ଅଷ୍ଟ୍ରେଲିଆ ସମେତ ବିଶ୍ୱର ବିଭିନ୍ନ ଭାଗରେ ଅପପ୍ରଚାର, ଡେଟା ପ୍ରିଭେସି, ଅନଲାଇନ ସେଫ୍ଟି ଓ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ସରକାରମାନେ କଟକଣା ଲଗାଉଥିବାବେଳେ ନେପାଳ ମଧ୍ୟ ଅନୁରୂପ ପନ୍ଥା ଆପଣାଇ ଫସିଯାଇଛି। ଯାହାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଛି।



ନେପାଳରେ ସୋସିଆଲ ମିଡିଆ ପ୍ରତିବନ୍ଧକକୁ ନେଇ ବିରୋଧ ପ୍ରଦର୍ଶନ ହେବା ପରେ, ସରକାର ସୋମବାର (ସେପ୍ଟେମ୍ବର ୮) ରେ ତାଙ୍କ ନିଷ୍ପତ୍ତି ପ୍ରତ୍ୟାହାର କରିନେଇଥିଲେ। ତିନି ଦିନ ପୂର୍ବ, ସରକାର ଫେସବୁକ, ଏକ୍ସ ଏବଂ ହ୍ୱାଟ୍ସଆପ ସମେତ ୨୬ ଟି ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ।ଏହି ନିଷ୍ପତ୍ତିର ପ୍ରତିବାଦରେ ରାଜଧାନୀ କାଠମାଣ୍ଡୁ ସମେତ ଅନେକ ସ୍ଥାନରେ ହିଂସାତ୍ମକ ପ୍ରତିବାଦ କରାଯାଇଥିଲା। ପ୍ରଦର୍ଶନକାରୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷରେ ଏପର୍ଯ୍ୟନ୍ତ ଅତି କମରେ ୨୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତମାନଙ୍କୁ ସିଭିଲ୍ ହସ୍ପିଟାଲ, ଟ୍ରମା ସେଣ୍ଟର, ଏଭରେଷ୍ଟ ହସ୍ପିଟାଲ, କାଠମାଣ୍ଡୁ ମେଡିକାଲ କଲେଜ, ତ୍ରିଭୁବନ ୟୁନିଭର୍ସିଟି ଟିଚିଂ ହସ୍ପିଟାଲ ଆଦିରେ ଭର୍ତ୍ତି କରାଯାଇଛି। ଏଥିରେ କେତେଜଣ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ସ୍ଥିତି ଅଣାୟତ୍ତ ହେବା ପରେ ନିୟନ୍ତ୍ରଣକୁ ଆଣିବା ପାଇଁ ସରକାର ସେନାକୁ ମୁତୟନ କରିଛନ୍ତି। ରାଜଧାନୀର ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ପ୍ରଶାସନ କର୍ଫ୍ୟୁ ଜାରି କରିଛି।
ମଙ୍ଗଳବାର ନେପାଳର ରାଷ୍ଟ୍ରପତି ରାମ ଚନ୍ଦ୍ର ପୌଡେଲଙ୍କ ଘର ଉପରେ ବିକ୍ଷୋଭକାରୀମାନେ ଆକ୍ରମଣ କରିଥିଲେ। ପ୍ରତିବାଦକାରୀମାନେ ଅନେକ ମନ୍ତ୍ରୀଙ୍କ ଘର ଉପରେ ମଧ୍ୟ ଆକ୍ରମଣ କରିଛନ୍ତି। ପ୍ରଦର୍ଶନକାରୀଙ୍କ ଆକ୍ରମଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେର ବାହାଦୂର ଦେଉବା ଆହତ। ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ ପ୍ରଚଣ୍ଡ, ଯୋଗାଯୋଗ ମନ୍ତ୍ରୀ ପୃଥ୍ୱୀ ସୁବ୍ବା ଗୁରୁଙ୍ଗ, ପୂର୍ବତନ ଗୃହମନ୍ତ୍ରୀ ରମେଶ ଲେଖକଙ୍କ ବାସଭବନ ଉପରେ ଆକ୍ରମଣ। ପ୍ରତିବାଦକାରୀମାନେ ରାଷ୍ଟ୍ରପତି ରାମଚନ୍ଦ୍ର ପୋଡେଲଙ୍କ ବାସଭବନ ଉପରେ ମଧ୍ୟ ଆକ୍ରମଣ କରିଥିଲେ ବିକ୍ଷୋଭକାରୀ।ଦେଉବାଙ୍କ ପତ୍ନୀଙ୍କୁ ମଧ୍ୟ ପ୍ରତିବାଦକାରୀମାନେ ମାଡ଼ ମାରିଛନ୍ତି। ନେପାଳରେ ବିକ୍ଷୋଭକାରୀମାନେ ଗୁଳି ଚଳାଇଥିବା ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।ପ୍ରଦର୍ଶନକାରୀମାନେ ଭୈରବ ବିମାନବନ୍ଦରକୁ ଘେରି ରହିଛନ୍ତି। ସଂସଦ ଭବନରେ ନିଆଁ ଲଗାଇ ଦେଇଛନ୍ତି ବିକ୍ଷୋଭକାରୀ।ରାଷ୍ଟ୍ରପତିଙ୍କ ବ୍ୟତୀତ ୯ ଜଣ ମନ୍ତ୍ରୀଙ୍କ ଘରେ ମଧ୍ୟ ଭଙ୍ଗାରୁଜା ଏବଂ ନିଆଁ ଲଗାଯାଇଛି। ଓଲିଙ୍କ ଇସ୍ତଫା ପରେ, ନେପାଳରେ ନୂତନ ସରକାର ଗଠନ ପାଇଁ ଆନ୍ଦୋଳନ ତୀବ୍ର ହୋଇଛି।ଆନ୍ଦୋଳନର ନେତା ବାଲେନ ଶାହ ଏବଂ ରବି ଲାମିଛାନେଙ୍କ ମଧ୍ୟରେ ଆଲୋଚନା।ରାଷ୍ଟ୍ରପତି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

### ଭାରତୀୟଙ୍କ ପାଇଁ ଆଡ୍‌ଭାଇଜରି ଜାରି

କାଠମାଣ୍ଡୁ: ନେପାଳରେ ଓଲି ସରକାରଙ୍କ ବିରୋଧରେ ଯୁବକଙ୍କ ଅକ୍ରୋଶ ଭାବ ଥମିବାର ନାଁ ଧରୁନାହିଁ। ହିଂସକ ପ୍ରଦର୍ଶନ ମଧ୍ୟରେ ଏବେ ସୁଦ୍ଧା ଓଲି ସରକାରରେ ୫ ଜଣ ଇସ୍ତଫା ଦେଇ ସାରିଲେଣି। ଏପରି ଖରାପ ଅବସ୍ଥା ଭିତରେ ଭାରତୀୟ ବୈଦେଶିକ ମନ୍ତ୍ରାଳୟ (ଏମ୍‌ଇଏ) ନେପାଳରେ ଭାରତୀୟମାନଙ୍କ ପାଇଁ ଏକ ଆଡ୍‌ଭାଇଜରି ଜାରି କରିଛି। ଏମ୍‌ଇଏ ନେପାଳରେ ଥିବା ଭାରତୀୟଙ୍କୁ ସତର୍କ ରହିବାକୁ, ଅନାବଶ୍ୟକ ଯାତ୍ରା ନକରିବାକୁ ଓ ସ୍ଥାନୀୟ ଅଧିକାରୀଙ୍କ ନିର୍ଦ୍ଦେଶ ମାନିବାକୁ ପରାମର୍ଶ ଦେଇଛି।

### ମାଓ ସଙ୍ଗଠନର ନୂତନ ସାଧାରଣ ସମ୍ପାଦକ

ଭୁବନେଶ୍ୱର୯।୯(ନି.ପ୍ର.):: ଥିପୁରି ତିରୁପତିଙ୍କ କାନ୍ଧରେ ମାଓ ସଙ୍ଗଠନ ଦାୟିତ୍ୱ। ଥିପୁରି ତିରୁପତି ଓରଫ ଦେବୁଜୀ ସଙ୍ଗଠନର ସାଧାରଣ ସମ୍ପାଦକ ନିଯୁକ୍ତି ନେଇ ସୂଚନା ରହିଛି। କୁଖ୍ୟାତ ମାଓବାଦୀ ବାସବରାଜୁଙ୍କ ମୃତ୍ୟୁ ପରେ ଖାଲି ପଡିଥିଲା ପଦବି। ସେ ତିରୁପତି, ଦେବୁଜି, କୁମା ଦାଦା, ଚେତନ ପରି ଅନେକ ନାଁରେ ପରିଚିତ। ଥିପୁରି ତିରୁପତି ମାଓବାଦୀଙ୍କ ସେଣ୍ଟ୍ରାଲ ମିଲିଟାରୀ କମାଣ୍ଡ ମୁଖ୍ୟ ଦାୟିତ୍ୱରେ ଥିଲେ। ସେ କେନ୍ଦ୍ରୀୟ କମିଟି ସଦସ୍ୟ, ପଲିଟ ବ୍ୟୁରୋ ସଦସ୍ୟ, ସେଣ୍ଟ୍ରାଲ ରିଜିଓନାଲ ବ୍ୟୁରୋ ସଦସ୍ୟ ଥିଲେ। କମ୍ୟୁନିକେସନ ଇନଚାର୍ଜ ସହ ଦକ୍ଷିଣ ସବ ଜୋନାଲ ବ୍ୟୁରୋ ଦାୟିତ୍ୱରେ ବି ଥିଲେ ସେ। ତେଲେଙ୍ଗାନା ଜଗତିଆଲ ଜିଲ୍ଲାର ନିବାସୀ ହେଉଛନ୍ତି ତିରୁପତି। ୩ ଦଶକ ଧରି ସଂଗଠନ ସହ ଜଡିତ ୬୫ ବର୍ଷ ବୟସ୍କ ତିରୁପତି। ସେ ୨୦୧୦ ଦାନ୍ତେୱାଡା ୬୫ ସିଆରପିଏଫ୍ ଯବାନଙ୍କ ହତ୍ୟାକାଣ୍ଡ ଘଟଣାର ମାଷ୍ଟରମାଇଣ୍ଡ। ଏହାଛଡା ୨୦୦୭ ରାଣୀବୋଦଲି୫୫ ଯବାନଙ୍କ ହତ୍ୟାଘଟଣାରେ ବି ସେ ସମ୍ପୃକ୍ତ।

# ବିଜେଡି ଛାଡ଼ିଲେ ଭାସ୍କର ରାଓ ଓ ହିମିରିକା

ରାୟଗଡ଼ା,୯।୯(ନି.ପ୍ର.): ବିଜୁ ଜନତା ଦଳକୁ ଗୋଟିଏ ଦିନରେ ଦୁଇ ଦୁଇଟି ଶକ୍ତ ଝଟକା ଲାଗିଛି। ରାୟଗଡ଼ା ଜିଲ୍ଲାର ଦୁଇ ଜଣ ବରିଷ୍ଠ ନେତା ବିଜେଡ଼ିର ହାତ ଛାଡ଼ିଛନ୍ତି। ପୂର୍ବତନ ସାଂସଦ ଏନ୍.ଭାସ୍କର ରାଓ ଏବଂ ପୂର୍ବତନ ବିଧାୟକ ଲାଲ ବିହାରୀ ହିମିରିକା ବିଜେଡ଼ିର ପ୍ରାଥମିକ ସଦସ୍ୟ ପଦରୁ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ଉଭୟ ଦଳର ପ୍ରତିଷ୍ଠାତା ସଦସ୍ୟ ଥିଲେ।



ବିଜେଡିକୁ ଲାଗିଛି ବଡ ଝଟକା। ଦଳରୁ ଇସ୍ତଫା ଦେଇଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ। ସେ ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ତାଙ୍କ ସହିତ ରାୟଗଡାରୁ ଦଳର ଆଉ ଦୁଇ ଜଣ ବଡ ନେତା ମଧ୍ୟ ଇସ୍ତଫା ଦେଇଛନ୍ତି। ସେମାନେ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ଓ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା। ବିଜେଡିରୁ ଇସ୍ତଫା ଦେବାର ଠୋସ୍ କାରଣ ଏନ୍. ଭାସ୍କର ରାଓ ତାଙ୍କ ଇସ୍ତଫାପତ୍ରରେ ଲେଖି ନଥିଲେ ହେଁ ରାୟଗଡା ଜିଲ୍ଲା ସଭାପତି ଚୟନକୁ ନେଇ ସେ ଅସନ୍ତୁଷ୍ଟ ଥିଲେ ବୋଲି ଜଣାପଡିଛି। ଇସ୍ତଫାପତ୍ରରେ ସେ ଲେଖିଥିବା ଗୋଟିଏ ଦୁଇଟି ଧାଡିରେ ସେ ପରୋକ୍ଷରେ ତାଙ୍କର କ୍ଷୋଭ ପ୍ରକାଶ କରିଥିବା ଜଣାପଡୁଛି।ଇସ୍ତଫାପତ୍ରରେ ସେ ଲେଖିଛନ୍ତି, ମୁଁ ଅନୁଭବ କରୁଛି ଯେ ଆମ ଦଳର ଆବଶ୍ୟକତାକୁ ମୁଁ ସନ୍ତୋଷଜନକ ଭାବେ ପୂରଣ କରିବା ଦିଗରେ ନ୍ୟାୟ ପ୍ରଦାନ କରିପାରି ନାହିଁ।ସେହିପରି ସେ ଲେଖିଛନ୍ତି, ମୁଁ ଭାବୁନାହିଁ ବ୍ୟକ୍ତିଗତ ଭାବେ ମୁଁ କ'ଣ ହରାଇଲି ଓ କ'ଣ ପାଇଲି, ତାହା ବର୍ଣ୍ଣନା କରିବାର କିଛି ଆବଶ୍ୟକତା ରହିଛି। ତାହା ଆପଣଙ୍କୁ ବି ଭଲ ଭାବେ ଜଣାଅଛି।
ତେବେ ଅନ୍ୟ ଏକ ଧାଡିରେ ଏନ୍. ଭାସ୍କର ରାଓ ଲେଖିଛନ୍ତି ଯେ କୌଣସି କାରଣ ପାଇଁ କାହାରି ବିରୋଧରେ ତାଙ୍କର କୌଣସି ପ୍ରକାର ଅଭିଯୋଗ ନାହିଁ। ଇସ୍ତଫାପତ୍ରରେ ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନିମନ୍ତ୍ରଣକ୍ରମେ ସେ ବିଜୁ ପରିବାରରେ ସାମିଲ ହୋଇଥିଲେ। ୧୯୭୪ରେ ସେ ସକ୍ରିୟ ରାଜନୀତିରେ ପାଦ ଥାପିଥିଲେ। ସେହିଦିନଠାରୁ ସେ ଦଳ ପାଇଁ କାର୍ଯ୍ୟ କରିଆସୁଥିଲେ। ଦଳର ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ ସେ ତାଙ୍କ ଦକ୍ଷତା ଅନୁସାରେ କାର୍ଯ୍ୟ କରିଛନ୍ତି। ଯେତେବେଳେ ଦଳ ଯାହା କାର୍ଯ୍ୟ ଦେଇଛି, ତାହା ସେ କରିଛନ୍ତି।
ଏନ୍. ଭାସ୍କର ରାଓ ଇସ୍ତଫାପତ୍ରରେ ଲେଖିଛନ୍ତି ଯେ ତାଙ୍କ ଜିଲ୍ଲାର ଲୋକଙ୍କ ପାଇଁ ସେ ସମାଜସେବାରେ ନିଜକୁ ନିୟୋଜିତ କରିବେ। କାରଣ ତାଙ୍କର ୫୧ ବର୍ଷର ରାଜନୀତିକ କ୍ୟାରିୟରରେ ସେ ତାଙ୍କ ଜିଲ୍ଲାର ଜନସାଧାରଣ ଓ ସମର୍ଥକଙ୍କଠାରୁ ଅକୁଣ୍ଠିତ ଭଲ ପାଇବା ପାଇଛନ୍ତି। ବର୍ତ୍ତମାନ ସମୟ ଆସିଛି ଯେ ସେ ତାଙ୍କ ଜିଲ୍ଲାର ଲୋକଙ୍କୁ ସମାନ ଭଲ ପାଇବା ଫେରସ୍ତ କରିବେ। ବିଜେଡି ଛାଡିବା ସହିତ ଏନ୍. ଭାସ୍କର ରାଓ ବିଜୁ ସ୍ୱାଭିମାନ ମଞ୍ଚର ଗଠନ ନେଇ ସୂଚନା ଦେଇଛନ୍ତି। ଏହାର ସେ ଆବାହାକ ରହିଛନ୍ତି। ଏହାର ବ୍ୟାନରରେ ଲେଖାଯାଇଛି ସ୍ୱାଭିମାନ ସହ ସାଲିସ ନାହିଁ। ସୂଚନାଯୋଗ୍ୟ, ୨୦୧୬ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଏନ୍. ଭାସ୍କର ରାଓ।

# ବାଣୀ ବିହାରରେ ପୁଣି ଉତ୍ତେଜନା

## କ୍ୟାମ୍ପସକୁ ଧସେଇ ପଶି କୁଳପତିଙ୍କୁ ଘେରିଲେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୯।୯(ନି.ପ୍ର.): ଉତ୍କଳ ବିଶ୍ୱବିଦ୍ୟାଳୟକୁ ଅଣଛାତ୍ର ମୁକ୍ତ କରିବା ପ୍ରକ୍ରିୟା ଭିତରେ ଚାପା ଉତ୍ତେଜନା ଲାଗି ରହିଛି। ଆଜି(ମଙ୍ଗଳବାର) ଛାତ୍ର ସଙ୍ଗଠନ ବାଣୀ ବିହାର ବନ୍ଦ କରିବା ଡାକରା ଦେଇଥିବା ବେଳେ କ୍ୟାମ୍ପସ ଭିତରକୁ ଛାତ୍ରମାନେ ଧସେଇ ପଶିଛନ୍ତି। ଭିସିଙ୍କୁ ଘେରି ଭଡାରେ ଲାଗିଥିବା ସରକାରୀ କ୍ୱାର୍ଟର୍ସ ଖାଲି କରିବାକୁ ଦାବି କରାଯାଇଛି। ସେପଟେ ଭିସି କହିଛନ୍ତି, ଯିଏ ଅନଧିକୃତ ଭାବେ କ୍ୱାର୍ଟର୍ସ ମାଡି ବସିଛନ୍ତି ସେଗୁଡିକୁ ଖାଲି କରାଯିବ। ବସ୍ତି ଭାଙ୍ଗିବା ପାଇଁ ବିଏମସି ସହ



କଥାବାର୍ତ୍ତା କରିଛୁ। ଅଣଛାତ୍ରଙ୍କୁ ଖାଲି କରିବା ପରେ ଆକ୍ସନ ମୋଡରେ ଅଛନ୍ତି କର୍ତ୍ତୃପକ୍ଷ। ଆଜି ନୋଟିସ ଦିଆଯାଇଛି। ଏହା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁଳପତି କହିଛନ୍ତି। ବାଣୀବିବହାରି ଅଣଛାତ୍ର ବିଦା ପରେ କ୍ୟାମ୍ପସରେ ଦେଖାଦେଇଛି ଉତ୍ତେଜନା। ଗତକାଲି ପୋଲିସ ଉପସ୍ଥିତିରେ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ୪ଟି ହଷ୍ଟେଲରୁ ଅଣଛାତ୍ରଙ୍କୁ ବାହାର କରାଯାଇଥିଲା।
ଗତକାଲି ଅଣଛାତ୍ରଙ୍କୁ ହଟାଇ ୩ ନଂ ହଷ୍ଟେଲକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଥିଲା। ମରାମତି କରି ଛାତ୍ରଙ୍କୁ ଆଲଟମେଣ୍ଟ କରାଯିବା ନେଇ କୁହାଯାଇଛି। ୨ନଂ ହଷ୍ଟେଲ୍‌ର ୨୫ ରୁମ୍ ଓ ୧ନଂ ହଷ୍ଟେଲ୍‌ର ୧୯ ରୁମ୍ ସିଲ୍ କରିଛନ୍ତି ବାଣୀବିହାର କର୍ତ୍ତୃପକ୍ଷ। ସେହିପରି ୧ନଂ ହଷ୍ଟେଲ ପାଖରେ ଥିବା କ୍ୟାଣ୍ଟିନ ମଧ୍ୟ ସିଲ୍ ହେଲା। ଏହା ପରେ ରାତିରେ ବି ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଆଜି କୁଳପତିଙ୍କ ଅଫିସରେ ଧସେଇ ପଶିଛନ୍ତି ଛାତ୍ରଗୋଷ୍ଠୀ।

### ଆଜି ସୁଭଦ୍ରା ବୈଠକ

ଭୁବନେଶ୍ୱର,୯।୯: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଏକ ବଡ଼ ସୂଚନା ଦେଇଛନ୍ତି। ବୁଧବାର ସୁଭଦ୍ରା ସମୀକ୍ଷା ବୈଠକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ଗଣମାଧ୍ୟମକୁ କହିଛନ୍ତି। ଏପରିକି ସମୀକ୍ଷା ବୈଠକରେ ବାଦ ପଡ଼ିଥିବା ହିତାଧିକାରୀଙ୍କୁ ସାମିଲ କରାଯିବ ସମ୍ପର୍କରେ ଆଲୋଚନା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।ଅନ୍ୟପକ୍ଷେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସୁଭଦ୍ରା ଯୋଜନାରେ ଆବେଦନ କରିଥିବା ହିତାଧିକାରୀଙ୍କ ତଥ୍ୟ ଦେବାକୁ ୩ ବିଭାଗ ପରିବହନ, ଖାଦ୍ୟ ଯୋଗାଣ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ତଥ୍ୟ ମଗାଯାଇଥିଲା।ବାଣିଜ୍ୟ ଓ ପରିବହନ ବିଭାଗକୁ ହିତାଧିକାରୀଙ୍କ ୪ ଚକିଆ ତଥ୍ୟ ମଗାଯାଇଥିବା ବେଳେ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଏପରି କି ଧାନ ବିକ୍ରି ତଥ୍ୟ ନେଇ ଖାଦ୍ୟ ଓ ଯୋଗାଣ ବିଭାଗକୁ ମଗାଯାଇଛି। ସମ୍ପୃକ୍ତ ୩ ବିଭାଗର ରିପୋର୍ଟ ଆଧାରରେ ସୁଭଦ୍ରା ସମୀକ୍ଷା ବୈଠକ ବସିବ। ବାଦ ପଡିଥିବା ହିତାଧିକାରୀଙ୍କୁ ଯୋଡ଼ିବା ନେଇ ବୈଠକରେ ନିଷ୍ପତ୍ତି ହୋଇପାରେ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

# ସିଆଚିନରେ ହିମସ୍ଖଳନ

## ଦୁଇ ଅଗ୍ନିବୀରଙ୍କ ସମେତ ୩ ଯବାନ ସହିଦ

ଲଦାଖ,୯।୯(ଏଜେନ୍ସି: ଲଦାଖର ସିଆଚିନ୍ ଗ୍ଲେସିୟରରେ ଏକ ବିରାଟ ହିମସ୍ଖଳନ ହୋଇଛି, ଯେଉଁଥିରେ ତିନି ଜଣ ଭାରତୀୟ ସୈନିକ ସହିଦ ହୋଇଛନ୍ତି। ତେବେ ଏହା ହେଉଛି ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର, ଯେଉଁଠି କି ସୈନିକମାନେ -୬୦ ଡିଗ୍ରୀ ଥଣ୍ଡା, ପ୍ରବଳ ପବନ ଏବଂ ବରଫ ଭିତରେ ଦେଶର ସୁରକ୍ଷା କରନ୍ତି। ଆଉ ସେମିତି ଏକ ଜାଗାରେ ହିମସ୍ଖଳନ ଘଟିବା ସହିତ ଦେଶର ଯବାନ ସହିଦ ହୋଇଛନ୍ତି।
ଏହି ତିନି ଜଣ ସୈନିକ ମହାର ରେଜିମେଣ୍ଟର ଥିଲେ। ସେମାନଙ୍କ ଭିତରୁ ଜଣେ ଗୁଜୁରାଟ ହୋଇଥିବାବେଳେ ଅନ୍ୟ ଦୁଇ ଜଣ ଉତ୍ତର ପ୍ରଦେଶ ଏବଂ ଝାଡ଼ଖଣ୍ଡର ଥିଲେ। ତେବେ ହିମସ୍ଖଳନରେ ପାଞ୍ଚ ଜଣ ସୈନିକ ଫସି ରହିଛନ୍ତି, ଆଉ ଜଣେ କ୍ୟାପ୍ଟେନଙ୍କୁ ଉଦ୍ଧାର କରାଯାଇଛି। ଜାଣିରଖିବା ଉଚିତ ଯେ, ବର୍ତ୍ତମାନର ସମୟରେ ସିଆଚିନରେ ହିମସ୍ଖଳନ ସାଧାରଣ କଥା। ୧୯୮୪ ମସିହାର ଅପରେସନ ମେଘଦୂତ ପରଠାରୁ ଆଜି ଭିତରେ ଖରାପ ପାଗ ଯୋଗୁଁ ସେଠାରେ ପ୍ରାୟ ୧,୦୦୦ ରୁ ଅଧିକ ସୈନିକ ସହିଦ ହୋଇଛନ୍ତି। ଜାଣିରଖିବା ଉଚିତ ଯେ, କରାକୋରମ୍ ପର୍ବତମାଳାର ୨୦,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଅଛି ସିଆଚିନ୍ ଗ୍ଲେସିୟର୍। ତେବେ ଏଥର ହିମସ୍ଖଳନର ଖବର ପାଇବା ମାତ୍ରେ, ଭାରତୀୟ ସେନା ଏବଂ ବାୟୁସେନା ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବିଶେଷଜ୍ଞଙ୍କ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ, ଯେଉଁମାନେ କି ବର୍ତ୍ତମାନ ପର୍ଯ୍ୟନ୍ତ ବରଫରେ ପୋତି ହୋଇଥିବା ସୈନିକମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି।

### ପୁଣି ଆମ ବସ ଦୁର୍ଘଟଣାଗ୍ରସ୍ତ

କଟକ୯।୯(ନି.ପ୍ର.): ପୁଣିଆମ ବସ ଦୁର୍ଘଟଣାଗ୍ରସ୍ତ। କଟକ ଗଣେଶଘାଟ ନିକଟରେ ଆମ ବସ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି। ଦୁର୍ଘଟଣାରେ ଜେଜେମା, ନାତୁଣୀ ଆହତ ହୋଇଥିବା ବେଳେ ସେମାନଙ୍କୁ ସିଟି ହସପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ବସଟି ନେତାଜୀ ଟର୍ମିନାଲରୁ ସିଡିଏ ଆଡକୁ ଯାଉ ଥିବା ବେଳେ ଗଣେଷଘାଟ ନିକଟରେ ଥିବା ଷ୍ଟପେଜରେ ବସକୁ ଅପେକ୍ଷା କରି ଜଣେ ୯ ବର୍ଷୀୟ ବାଳିକା ଓ ତାଙ୍କ ସମ୍ପର୍କୀୟା ଛିଡା ହୋଇଥିଲେ। ତେବେ ବସଟି ଷ୍ଟପେଜରେ ଯାତ୍ରୀଙ୍କୁ ଓହ୍ଲାଇ ଆଗକୁ ମାଡିଯିବାରୁ ତଳେ ଛିଡା ହୋଇ ଥିବା ଶିଶୁ ଓ ତାଙ୍କ ସମ୍ପର୍କୀୟଙ୍କ ଦେହରେ ଧକ୍କା ଲାଗିଥିଲା। ଫଳରେ ବାଳିକା ଜଣକ ତଳେ ପଡିଯାଇ ଆହତ ହୋଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ବସକୁ ଅଟକାଇ ପାଟିତୁଣ୍ଡ କରୁଥିବା ବେଳେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝା ସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଆଞ୍ଚଳିକ ମନ୍ଥନ

ବୁଧବାର,୧୦,ସେପ୍ଟେମ୍ବର,୨୦୨୫ Wednesday,10 September 2025, Bhubaneswar





# ମଦ, କାର୍ ଜବତ; ଜଣେ ଗିରଫ

ରାଜଗାଙ୍ଗପୁର, ୯।୯:(ମନ୍ଥନ)ରାଜ୍ୟ ପୁଲିସ ପ୍ରଶାସନ ପକ୍ଷରୁ ରାଜ୍ୟରେ ଚୋରା ନିଶା କାରବାରକୁ ରୋକିବା ପାଇଁ ଆରମ୍ଭ ହୋଇଛି ଅପରେସନ ପ୍ରହାର । ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁ ପୁର ଅଞ୍ଚଳରେ ରବିବାର ରାତିରେ ବେଆଇନ ମଦ ଚାଲାଣ ହେଉଥିବା ବେ ବେଳେ ଚଢ଼ଉ କରି ମଦ, କାର୍ ଜବତ ସହ ଜଣକୁ ଗିରଫ କରିଛ । ସେ ହେଲେ ରାଜଗାଙ୍ଗପୁର ବଗିଚାପଡା ଅଞ୍ଚଳର ଶିବ ସୋନଙ୍କର (୨୮) । ଗତ ରାତ୍ରୀରେ ବେଆଇନ ମଦ ଚାଲାଣ ହେଉଥିବା ନେଇ ପୁଲିସ ସୂଚନା ପାଇଥିଲା । ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ ଦାଶଙ୍କ ନିର୍ଦ୍ଦେଶରେ ପୁଲିସ ଅଧିକାରୀ ସହରର ବଗିଚାପଡା ଗଣେଶ ମନ୍ଦିର ନିକଟରେ ଚଢ଼ଉ କରି ଏକ କାର (ଓଡି ୧୬ଇ ୬୫୭୯) କୁ ଜବତ କରିବା ସହ କାରରେ ଥିବା ବେଆଇନ ଚାଲାଣ ହେଉଥିବା ବିଭିନ୍ନ ବ୍ରାଣ୍ଡର ୧୦୧. ୨୭ ଲିଟର ବିଦେଶୀ ମଦକୁ ଜବତ କରିଥିଲେ । ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଶିବକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ସପ୍ତାହ ୧ତାରିଖରେ ପୁଲିସ ୨୭ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ଓ ପୁଲିସର ଆକ୍ସନ ମୁଡ୍ ଦେଝଛ ସହରରେ ନିଶା କାରାବାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଗୁମ୍ମା, ୯।୯:(ମନ୍ଥନ) ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଭୁବନି ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ଅନୁପ ପଣ୍ଡା ଓ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଓ ପିଡି ଶଙ୍କର କେରକେଟା ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଭୁବନି ସମେତ ଅଜୟଗଡ,ସେରଙ୍ଗ ଓ ତୁମୁଲ ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ ୬୧ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୧୮ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୪୩ ଯ ବିଶେଷ କରି ଜମିର ସୀମା ନିର୍ଦ୍ଧାରଣ ପାଇଁ ବର୍ଷ ବିତିଯାଉଥିଲେ ମଧ୍ୟ ଦାୟିତ୍ୱ ରେ ଥିବା ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ହେତୁ ଲୋକେ ବୋହୁ ସମସ୍ୟାର ସମୁଖୀନ ହେଉଥିବା ଅଭିଯୋଗ କାରୀମାନେ ପ୍ରକାଶ କରିଛନ୍ତି । କେବଳ ଜଣଙ୍କୁ ରେଡ କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,, ଜଳ ସେଚନ, ଗୃହ ନିର୍ମାଣ, ରାସନ୍ କାର୍ଡ, ମନରେଗା, ଶିକ୍ଷା, ମୋ ଘର ଯୋଜନା, ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଗୁମ୍ମା ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ସୁନେମୀ ମଣ୍ଡଳ,ସ୍ଥାନୀୟ ସରପଞ୍ଚ ପ୍ରଦୀପ ମଣ୍ଡଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡି ,ତହସିଲଦାର ଶରତ ଶବର, ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଓ ସମସ୍ତ ଲାଇନ ବିଭାଗର ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏଥିରେ ସ୍ଥାନୀୟ ପଞ୍ଚାୟତର ନିର୍ବାହୀ ଅଧିକାରୀ ମଧୁ ପୋଲାକି, ଏ.ଡି.ଓ କାହ୍ନୁ ଚରଣ ନାହାକ,ଯୋଗାଣ ସହାୟକ ଜିଖରୀୟ ଏବଂ ଗାଁ ସାଥି ଅଜୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ଖେଳାଳୀ ଚୟନ ପାଇଁ କେନ୍ଦ୍ରାପଡାର ୨୯ଜଣ ଯୋଗଦେଲେ

କେନ୍ଦ୍ରାପଡ଼ା,୯।୯:(ମନ୍ଥନ)ଆସନ୍ତା ୨୨ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ରାଞ୍ଚିର ମୋରାବାଡି ଫୁଟବଲ ଷ୍ଟାଡିୟମରେ ୩୬ତମ ପୂର୍ବ ଜୋନ କନିଷ୍ଠ ଆଥଲେଟିକ ଚମ୍ପିଆନସିପ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ରାଜ୍ୟ ଆଥଲେଟିକ ଆସୋସିଏସନ ଦ୍ୱାରା କଟକ ବାରବାଟି ଷ୍ଟାଡିୟମ ପୋଲିସ ପଡିଆରେ ଚଳିତମାସ ୬ରୁ ୭ତାରିଖ ଦୁଇଦିନ ଧରି ଖେଳାଳୀ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡା ଆଥଲେଟିକ ଆସୋସିଏସନ ପକ୍ଷରୁ ୧୪ରୁ ୨୦ବର୍ଷ ବୟସର ୨୯ଜଣ ଖେଳାଳୀ ଯୋଗଦେଇଥିଲେ। ଚୟନ ଶିବିରରେ ଲମ୍ଫଡିଆଁ, ଉଚ୍ଚଡିଆଁ, ୬୦ମିଟର, ୨ଶହ ମିଟର, ୪ଶହ ମିଟର, ୬ଶହ ମିଟର, ଏକହଜାର, ତିନିହଜାର, ୫ହଜାର ମିଟର ଦୌଡ, ସଟପୁଟ୍ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚୟନ ଶିବିରରେ ଯୋଗଦେବାକୁ କେନ୍ଦ୍ରାପଡାରୁ ୨୯ଜଣ ଖେଳାଳୀଙ୍କୁ ନେଇ ଆଥଲେଟିକ କୋଚ ସେକ ସୌକତ ଖାନ, ମ୍ୟାନେଜର ସୁହାନା ପରୱିନ, ଖ୍ୱାଜା ରମଜାନୀ ଓ ସେକ ଆବାସ ପ୍ରମୁଖ କଟକ ଯାଇଥିଲେ। ରାଜ୍ୟ ଆଥଲେଟିକ ଆସୋସିଏସନ ପକ୍ଷରୁ ଚୟନ ହୋଇଥିବା ଖେଳାଳୀଙ୍କ ସମ୍ପର୍କରେ ପତ୍ର ପାଇବା ପରେ ଖେଳାଳୀମାନେ ରାଞ୍ଚିର ମୋରାବାଡି ଫୁଟବଲ ଷ୍ଟାଡିୟମରେ ହେବାକୁ ଥିବା କନିଷ୍ଠ ଆଥଲେଟିକ ଚମ୍ପିଆନସିପ ପ୍ରତିଯୋଗିତାରେ ଭାଗ ନେବାକୁ ଯାତ୍ରା କରିବେ ବୋଲି ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଓ ପୂର୍ବତନ ଭଲିବଲ ଖେଳାଳୀ ବିକାଶ ଖୁଣ୍ଟିଆ ପ୍ରମୁଖ କହିଛନ୍ତି।

# ସ୍ୱର୍ଣ୍ଣ କ୍ଷେତ୍ର ପରିଷଦ କାର୍ଯ୍ୟାଳୟ ଓ ସାଂସ୍କୃତିକ ମଣ୍ଡପର ଶୁଭ ଉଦଘାଟନ ଉତ୍ସବ

ମାହାଙ୍ଗା,୯।୯:(ମନ୍ଥନ)ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତି ଜ୍ୟୋତି ଆଶ୍ରମ ମାହାଙ୍ଗା ଠାରେ ଆଜି ସନ୍ଧ୍ୟାରେ ଆର୍ବିଭାବ ମହୋତ୍ସବ ମଣ୍ଡପ ଓ ସ୍ୱର୍ଣ୍ଣ କ୍ଷେତ୍ର ପରିଷଦ କାର୍ଯ୍ୟାଳୟ ମାନ୍ୟବର ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ କର କମଳରେ ଶୁଭ ଉଦଘାଟନ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ଗଙ୍ଗାଧର ଜେନା ସଭାପତିତ୍ୱ କରିଥିବା ବେଳେ ବିଧାୟକ



ଶାରଦା ପ୍ରସାଦ ପ୍ରଧାନ ଯୋଗ ଦେଇ ଗାଁ ପୁଅ ଭାବେ ଆଶ୍ରମର ଅଧୁରା କାର୍ଯ୍ୟକୁ ସମାପନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହା ସହ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲିର ପରିଷଦର ଶାଖା ଗୁଡିକୁ ବିଧାୟକ ପାଣ୍ଠିରୁ ତିନି ଲକ୍ଷ ଲେଖାଏଁ ଯୋଗାଇ ଦେଇଥିବା ପ୍ରକାଶ କରିଥିଲେ । ଆଶ୍ରମର ପାଞ୍ଚ ବର୍ଷ ମଧ୍ୟରେ ପରିଷଦର ଉନ୍ନତି ପାଇଁ ଆହୁରି ଅର୍ଥର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ । ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦର ସଭାପତି ନିମାଇଁ ଚରଣ ଦାସ, ପରିଷଦର ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ଦାସ, ପରିଷଦର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଜେନା, କୈଳାସ ଚନ୍ଦ୍ର ମହାନ୍ତି ଓ ଆସିଷ୍ଟାଣ୍ଟ ଇଞ୍ଜିନିଅର ସନ୍ଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ସମିତି ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ମାହାଙ୍ଗା ପଞ୍ଚାୟତ ସଭାପତି ଗୌତମ ପ୍ରସାଦ ଲାଲ, ଉପ ସଭାପତି ପ୍ରିୟବ୍ରତ ସାହୁ, ଭବାନୀ ଶଙ୍କର ସାହୁ, ପୂର୍ବତନ ସରପଞ୍ଚ କାର୍ତ୍ତିକ ଜେନା, ଧାରୋଶ୍ୟାମପୁର ଶାଖାରୁ କାର୍ତ୍ତିକ ଚନ୍ଦ୍ର ସାମଲ, ଦୋଳ ଗୋବିନ୍ଦ ସାହୁ, ଶ୍ରୀଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।ଉତ୍ସବରେ ଆର୍ବିଭାବ ମହୋତ୍ସବ ମଣ୍ଡପ ଓ ସ୍ୱର୍ଣ୍ଣ କ୍ଷେତ୍ର ପରିଷଦ କାର୍ଯ୍ୟାଳୟ ନିମନ୍ତେ ବିଧାୟକ ପାଣ୍ଠିରୁ ଅର୍ଥ ବ୍ୟବସ୍ଥା କରି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ଆଶ୍ରମ ପକ୍ଷରୁ ବିଧାୟକଙ୍କୁ ଅଶେଷ କୃତଜ୍ଞତା ପ୍ରଦାନ କରିଥିଲେ । ଏଥିରେ ଆଶ୍ରମର ଶତାଧିକ ଅନ୍ତେବାସୀ, ଅନୁଷ୍ଠାନର କର୍ମ କର୍ତ୍ତା, ଗୁରୁ ମା, ଗୁରୁ ଭାଇ, ଗୁରୁ ଭଉଣୀ ମାନେ ଶହ ଶହ ସଂଖ୍ୟାରେ ଯୋଗ ଦେଇଥିଲେ । ଶେଷରେ ପରିଷଦର ସାଙ୍ଗଠନିକ ମୁଖ୍ୟ କୈଳାସ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଭା ସେସ ରେ ପାଲା,ଭଜନ ପରିବେଷଣ ହୋଇଥିଲା।

# ଲଗାଣ ବର୍ଷା ଫଳରେ ଧାନ ଗଛରେ ପୋକ, ଚାଷୀ ମୁଣ୍ଡରେ ଚଡକ

ପଟ୍ଟାମୁଣ୍ଡାଇ,୯।୯:(ମନ୍ଥନ)ପଟ୍ଟାମୁଣ୍ଡାଇ ଅଞ୍ଚଳ ଏକ ପ୍ରାକୃତିକ ବିପର୍ଯ୍ୟସ୍ତ କବଳିତ ଅଂଚଳ ଓ ପ୍ରତ୍ୟେକ ବର୍ଷ ଏ ଅଂଚଳର ଚାଷୀ ମାନେ ବିପର୍ଯୟର ସାଥୀ ପାଲଟିଛନ୍ତି । ଚଳିତର୍ଷ ଲଗାଣ ବର୍ଷା ଲାଗିରହିଥିବାରୁ, ଭେଡା ଅଂଚଳର ଧାନଗଛରେ ପ୍ରବଳ ପୋକଲାଗି ଧାନ ଗଛ ମରିବାକୁ ବସିଲାଣି । ଫଳରେ ଧାର କରଜକରି ଚାଷ କରିଥିବା ଚାଷିମାନଙ୍କ ମୁଣ୍ଡରେ ଚଡ଼କ ପଡିଛି ।ଧୋୟା ଅଂଚଳର ଚାଷିମାନଙ୍କ ଦୁର୍ଦ୍ଦଶା କହିଲେ ନସରେ, ଲଗାତାର ୪ଥର ବନ୍ୟା ଯୋଗୁଁ ବ୍ୟାପକ ଫସଲହାନୀ ଘଟିଛି । ଯାହାଫଳରେ ଚାଷୀମାନେ ସର୍ବସ୍ୱାନ୍ତ ହୋଇଛନ୍ତି । ଉନ୍ନତମାନର ବିହନ ଅଭାବ ଯୋଗୁଁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ି ଥିବାବେଳେ ସାରର ଉତ୍କଟ ଅଭାବ ଓ କଳା ବଜାରୀ ଚାଷୀଙ୍କ ଆଖିରେ ଲୁହ ଆଣି ଦେଇଛ। ବିହନ, ସାର ଓ କୀଟନାଶକ କ୍ରୟ କରିବାରେ ଚାଷୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି । ସମ୍ପ୍ରତି ବହୁ ଆଶା ନେଇ ଧାନ ଚାଷ କରିଥିବା ଚାଷୀମାନେ ପୁଣି ଚିନ୍ତା ରେ ପଡିଛନ୍ତି ଓଏବେ ଧାନ ଗଛରେ ରୋଗ ପୋକ ଆର୍ବିଭାବକୁ ନେଇ ଚାଷୀ ହରଡ଼ ଘଣାରେ ପଡି କଲବଲ ହେଉଛି । ରୁଅ। ବେଉସା ସାରି ୨ୟ ପର୍ଯ୍ୟାୟ ସାର ଦେବା ବେଳକୁ ଧାନ ଗଛରେ ରୋଗ ପୋକଦେଖାଦେଇଛି। ସମ୍ପ୍ରତି ଧାନ ଗଛ ରେ ଗଣ୍ଡି ରୋଗ,ପତ୍ରପୋଡ଼ା ରୋଗ ଆଦି ବିଭିନ୍ନ ରୋଗପୋକ ଯୋଗୁଁ ଧାନ ଗଛ ସବୁ ନଷ୍ଟ ହେବାକୁଲାଗିଛି । ଚାଷୀମାନେ ଧାର କରଜ କରି ବିହନ, ସାର ଓ କୀଟନାଶକ ଔଷଧ କିଣି ଚାଷ କରିଥିଲେ ମଧ୍ୟ ଧାନ ଫସଲ ଅବସ୍ଥା ଦେଖି ସଂପୂର୍ଣ୍ଣ ଭାଙ୍ଗି ପଡିଛି ଓ ଚାଷ ଓ ଚାଷୀଙ୍କ ସଂକଟ ବେଳେ କୃଷି ବିଭାଗ ନିଦ୍ରା ବିଷ୍ଣୁ ସାଜି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ପଟ୍ଟାମୁଣ୍ଡାଇର କୌଣସି କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଚାଷୀ ମାନଙ୍କୁ ଫସଲ ରକ୍ଷା ପାଇଁ ଉଚିତ ପରାମର୍ଶ ଓ ସହାୟତା ପ୍ରଦାନ କରିବା ଦେଖାଯାଉନାହିଁ । ଏଥି ପାଇଁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟ ସରକାର ଓ କୃଷି ବିଭାଗ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବୀ ହେଉଛି ।

# ସାରର ଅଭାବୀ ବିକ୍ରିକୁ ନେଇ ବିଭିନ୍ନ ସୋସାଇଟି ସମ୍ପାଦକଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା

ବୁଗୁଡ଼ା ,୯।୯:(ମନ୍ଥନ)ବର୍ତ୍ତମାନ ସମୟରେ ଚାଷୀଙ୍କୁ ସାରର ଆବଶ୍ୟକତା ଥିବା ବେଳେ ସୋସାଇଟିଗୁଡିକୁ ଆବଶ୍ୟକ ପରିମାଣ ସାର ଆସୁନଥିବାରୁ ସାର ବ୍ୟବସାୟୀମାନେ ଚଢ଼ା ଦରରେ ସାର ବିକ୍ରୟ କରୁଥିବା ଅଭିଯୋଗ ହେବା ପରେ ଆଜି ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳା ନନ୍ଦ ମଳିକ ତାଙ୍କର ବୁଗୁଡ଼ା ସ୍ଥିତ ବାସ ଭବନରେ ପୋଲସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ସମବାୟ ସୋସାଇଟିର ସଭାପତି ଓ ସମ୍ପାଦକମାନଙ୍କୁ ଡାକି ସମସ୍ୟାର କିପରି ସମାଧାନ ହୋଇ ପାରିବ ସେନେଇ ଆଲୋଚନା କରିବା ସହ ସୋସାଇଟି ଗୁଡିକୁ ଯେମିତି ପର୍ଯ୍ୟାପ୍ତ ସାର ଯୋଗାଣ ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ ଏବଂ ଅଞ୍ଚଳର ସମସ୍ତ ଚାଷୀ କିପରି ସରକାରୀ ସହାୟତା ପାଇବେ ସେନେଇ ନିର୍ଦ୍ଦେଶ ଦେବା ସହ ଜୈବକ ପ୍ରଣାଳୀରେ ଚାଷ କରିବା ପାଇଁ ଆହ୍ୱାନ ଦେଇଥିଲେ । ବୈଠକରେ ପୋଲସରା ବ୍ଲକର ୧୬ଟି ଓ ବୁଗୁଡ଼ା ବ୍ଲକର ୧୪ଟି ସମବାୟ ସମିତିରେ ସମ୍ପାଦକ ଓ ସଭାପତି ଯୋଗଦେଇ ଥିଲେ ।

# ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୯।୯:(ମନ୍ଥନ)ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଉପରିସ୍ଥ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୫୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୦୨ ଟି, ଆବାସ ପାଇଁ ୩ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୯ ଟି, ଭତ୍ତା ପାଇବା ପାଇଁ ୦୫ ଟି, ପୋଲିସ ସହାୟତା ପାଇଁ ୦୬ ଟି ଏବଂ ଅନ୍ୟାନ୍ୟ ୧୮




ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୦୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସତ୍ୟବ୍ରତ ଦାସ ,ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ବିରିଡ଼ି, ଶ୍ରୀମତି ଆୟୁଷୀ ପତି, ତହସିଲଦାର, ବିରିଡ଼ି,ଶ୍ରୀ ସଞ୍ଜୟ କୁମାର ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।

# ପିତୃ ପୁରୁଷଙ୍କ ତୃପ୍ତି ପାଇଁ ଅପରପକ୍ଷରେ ବିଶ୍ୱାମିତ୍ର ଋଷି ଘାଟରେ ଶ୍ରଦ୍ଧାଳୁଙ୍କ ପିଣ୍ଡ ଦାନ

କାକଟପୁର,୯।୯:(ମନ୍ଥନ)ସୋମବାର ଠାରୁ ଆରମ୍ଭ ହୋଇଛି ଆଶ୍ୱିନ ମାସ ପ୍ରତିପଦ ତିଥିଯ ଓଡ଼ିଅ। ସଂସ୍କୃତି ଓ ପରମ୍ପରା ଅନୁସାରେ ଆରମ୍ଭ ହୋଇଛି ପିତୃ ପକ୍ଷ ବା ଅପର ପକ୍ଷଯ ପ୍ରତିପଦ ଠାରୁ ମହାଳୟା ଅମାବାସ୍ୟା ତିଥି ପର୍ଯ୍ୟନ୍ତ ସମୟକୁ ପିତୃ ପକ୍ଷ ବା ଅପରପକ୍ଷ କୁହାଯାଇଥାଏ ଏହି ସମୟ ରେ ପିତୃ ପୁରୁଷ ମାନେ ନିଜ ନିଜ ଗୃହ କୁ ପରିଭ୍ରମଣ କରିବାକୁ ପ୍ରେତ ଲୋକ ରୁ ପୃଥିବୀ ଲୋକ କୁ ଆସୁଥିବା ବିଶ୍ୱାସ ରହିଛି।



ଏହି ସମୟ ରେ ପିତୃ ପୁରୁଷ ମାନଙ୍କୁ ଶ୍ରାଦ୍ଧ (ପିଣ୍ଡ ଓ ତିଳ ତର୍ପଣ) ପ୍ରଦାନ କଲେ ସେମାନେ ତୃପ୍ତ ହୋଇ ନିଜ ପରିବାର କୁ ଆଶିବାଦ ପ୍ରଦାନ କରିଥାନ୍ତି । ଏହି ବିଶ୍ୱାସ ରେ ଅଞ୍ଚଳ ର ଶ୍ରଦ୍ଧାଳୁ ମାନେ କାକଟପୁର ସ୍ଥାନୀୟ ବିଶ୍ୱାମିତ୍ର ଋଷି ଘାଟ ଠାରେ ନିଜ ପିତୃ ପୁରୁଷ ମାନଙ୍କୁ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି । ଅନେକ ଆର୍ଥିକ ସ୍ୱଚ୍ଛଳ ପରିବାର ପକ୍ଷରୁ ଶ୍ରୀ କ୍ଷେତ୍ର ପୁରୀ ର ପଞ୍ଚ ତୀର୍ଥ ଓ ଭୁବନେଶ୍ୱର ର ବିନ୍ଦୁ ସାଗର ଠାରେ ପିତୃ ପୁରୁଷ ମାନଙ୍କୁ ଶ୍ରାଦ୍ଧ ପ୍ରଦାନ କରାଯାଉଥିବା ବେଳେ ଅନ୍ୟ ଶ୍ରଦ୍ଧାଳୁ ମାନେ ପୂଣ୍ୟତୋୟା ପ୍ରାଚୀ ନଦୀ ର ବିଭିନ୍ନ ତୀର୍ଥ ସ୍ଥଳୀ ଠାରେ ପିତୃ ପୁରୁଷ ମାନଙ୍କୁ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି । ଏଥିପାଇଁ ପ୍ରାଚୀ ନଦୀ କୂଳରେ ଥିବା ବିଶ୍ୱାମିତ୍ର ଆଶ୍ରମ ସ୍ଥିତ ଋଷି ତୀର୍ଥ ସମେତ ପ୍ରାଚୀ ଅବବାହିକା ର କୂଳେ କୂଳେ ଥିବା ବିଭିନ୍ନ ତୀର୍ଥ ସ୍ଥାନମାନଙ୍କରେ ଶ୍ରାଦ୍ଧ ଦେବା ପାଇଁ ଶ୍ରଦ୍ଧାଳୁ ଙ୍କ ଭିଡ଼ ଜମୁଛି ।

# ୨ଟି ଅତିରିକ୍ତ ଶ୍ରେଣୀ ଗୃହ ଉଦଘାଟନ

ବୁଗୁଡା,୯।୯:(ମନ୍ଥନ)୦୯/୨୫ : ସ୍ଥାନୀୟ ପିପୁଲ୍ସ ହାଇସ୍କୁଲର ଏକ ଅତିରିକ୍ତ ଶ୍ରେଣୀ ଗୃହ ଏବଂ ଗୋଲିଅ। ଗ୍ରାମସ୍ଥ ଶ୍ରୀ କାନ୍ତ ସ୍ୱାମୀ ତପୋବନ ନୋଡାଲ ଉଚ୍ଚ ବିଦ୍ୟାଳୟର ଏକ ଅତିରିକ୍ତ ଶ୍ରେଣୀ କକ୍ଷକୁ



ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦଘାଟନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, କେ.ନୀଳମାଧବ ଆଚାରୀ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟପକ୍ଷରେ ଗୋଲିଅ। ପଞ୍ଚାୟତ ଅନ୍ତର୍ଗତ ବାଦୁଅ। ଗ୍ରାମରେ ନିଖିଳ ଉତ୍କଳ ଦୋରା ସମାଜ କୋଠଘର ଏବଂ ଖଦାଳ ସାହି କୋଠଘର ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟ ମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ଜଣାଯାଇଛି ।

# ବନିତା ରାଉତ ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚତଦନ୍ତ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

କେନ୍ଦ୍ରାପଡ଼ା,୯।୯:(ମନ୍ଥନ)ପଟ୍ଟାମୁଣ୍ଡାଇ ବୋଧଗାଁର ଝିଅ ବନିତା ରାଉତ ବିଭତ୍ସ ଗଣହତ୍ୟାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ସୋମବାର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ପୋଲିସିର ନିଷ୍କ୍ରିୟତା ଓ ପକ୍ଷପାତିତା, ଦୋଷୀମାନଙ୍କୁ ଘଣ୍ଟ ଘୋଡାଇବା, ମୃତ ବନିତାଙ୍କ ବିରୁଦ୍ଧରେ ପୋଲିସର ବୟାନ ବାଜି ଏବଂ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ଅତ୍ୟାଚାର ବିରୁଦ୍ଧରେ ଅନୁଷ୍ଠିତ ଗଣଧାରଣା ପୂର୍ବରୁ ଭୀଷଣ ବର୍ଷା ସତ୍ତ୍ୱେ ସ୍ଥାନୀୟ ସାନ୍ତସାହି ପୋଲ ନିକଟରୁ ପାଞ୍ଚଶହରୁ ଅଧିକ ମହିଳା ଓ ପୁରୁଷଙ୍କ ଏକ ଗଣପଟୁଆର ସହରର ମୁଖ୍ୟ ରାସ୍ତା ଅତିକ୍ରମ କରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା ।ପ୍ରକାଶଥାଉକି ଗତ ମାସ ୨୮ତାରିଖରେ ପଟ୍ଟାମୁଣ୍ଡାଇ ପୌରପରିଷଦ କାର୍ଯ୍ୟାଳୟ ନିକଟ ଭେଣ୍ଡିଙ୍ଗଯୋନର କେବିନ ନଂ୩୧ରେ ମୃତ ବନିତାଙ୍କୁ ହତ୍ୟାକାରାଯାଇ ରଖା ଯାଇଥିଲା। ବନିତାଙ୍କୁ ନପାଇ ଘରଲୋକେ ପୋଲିସରେ ଏଫଆଇଆର ଦେଲାପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ମୃତଦେହ କେବିନ୍‌ରେ ତିନିଦିନ ରହିବା ପରେ




ଗନ୍ଧ ହେବାରୁ ପୋଲିସ ଖବର ପାଇ କବାଟ ଭାଙ୍ଗି ମୃତ ଦେହକୁ ଉଦ୍ଧାର କରିଥିଲେବି କେବଳ ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ପରିଡା ଓରଫ ଚକୁଲିକୁ ଗିରଫ କରି ନିରବ ଦ୍ରଷ୍ଟା ସାଜିଛି। ମୃତ ବନିତାର ମା'ଙ୍କ ବୟାନକୁ ମଧ୍ୟ ରେକର୍ଡ କରାଯାଇନି। ପରନ୍ତୁ ପୋଲିସ ସାମ୍ବାଦିକ ସମ୍ମିଳନୀ କରି ମୃତ ବନିତାଙ୍କ ଚରିତ୍ର ସଂହାର କରିଛି। ଏଭଳି ସ୍ଥଳେ ଧାରଣାକାରୀମାନେ ପୋଲିସର ତଦନ୍ତ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ତେଣୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବା, କେବଳ ଚକୁଲି ନୁହେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା, ଅପରାଧିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ମୃତ ବନିତାଙ୍କ ପୁଅକୁ ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଓଡିଶା କୃଷକ ସଭା ଜିଲ୍ଲା ସମ୍ପାଦକ ବିଜୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଓଡିଶା କୃଷକ ସଭା ଜିଲ୍ଲା ସଭାପତି ଗୟାଧର ଧଳ, ଓଡ଼ିଶାର ବିଶିଷ୍ଟ କର୍ମଚାରୀ ନେତା ନରୋତ୍ତମ ପାର୍ଥସାରଥୀ, ପଟ୍ଟାମୁଣ୍ଡାଇର ବରିଷ୍ଠ କୃଷକ ନେତା ଦାସରଥୀ ସାହୁ, ନବଦିଗନ୍ତ ସ୍ୱେଚ୍ଛାସେବୀ ସାମାଜିକ ସଂଗଠନର ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଯଦୁମଣି ଦାସ, ସୁଦର୍ଶନ ମଳିକ, ସ୍ଥାନୀୟ ନାୟବ ସରପଞ୍ଚ ସହଦେବ ଦାସ, ଲିଳି ଜେନା, ଗୋଲାପ ଜେନା, ସୂର୍ଯ୍ୟକାନ୍ତ ତ୍ରିପାଠୀ ଓ ସରୋଜ ସାହାଣୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏକ ସାତଜଣିଆ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସାତ ଦିନ ମଧ୍ୟରେ ଦାବି ପୂରଣ ନହେଲେ ବ୍ୟାପକ ଆନ୍ଦୋଳନ ହେବବୋଲି ବକ୍ତା ମାନେ ଚେତାବନୀ ଦେଇଥିଲେ।

# ପୋଖରୀ ପାଲିଟିଛି ୩୨୬ ନମ୍ବର ଜାତୀୟ ରାଜପଥ

**ମାଲକାନାଗିରି,୯।୯:(ମନ୍ଥନ)**ମାଲକାନଗିରି ଜିଲ୍ଲାରେ ସଡକ ଦୁର୍ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ଜିଲ୍ଲାରେ ଯେଉଁ ବ୍ଲକ କୁ ପରିଦର୍ଶନ କରିବେ ପ୍ରତ୍ୟେକ ବ୍ଲକ ରେ ରାସ୍ତା କାଦୁଅ ପୋଚ ପୋଚ ସହ ପାଣି ଜମିବାର ଚିତ୍ର ଦେଖାଯାଉଛି । ଇଏ ତ ଗଲା ବ୍ଲକ ଏବଂ ଗ୍ରାମାଞ୍ଚଳ କଥା ବିଶେଷ କରି ଯଦି ଦେଖିବେ ମାଲକାନଗିରି ଜିଲ୍ଲାର ଜାତୀୟ ରାଜପଥର ଦୃଶ୍ୟ ଯାହାକି ୩୨୬ ନମ୍ବର ଜାତୀୟ ରାଜପଥ ମାଲକାନଗିରି ଠାରୁ ଆରମ୍ଭ କରି ସୀମାନ୍ତ ମୋଟୁ ପର୍ଯ୍ୟନ୍ତ ଯେଉଁଠି ଦେଖିବେ ସେଇଠି ବଡ ବଡ ଗାତ ରାଜ ରାସ୍ତା ମଝିରେ ସୃଷ୍ଟି ହୋଇ ପାଣି ଜମିଛି ଏବଂ କୃତିମ ପୋଖରୀ ଭଳି ଦେଖା ଦେଉଛି । ମାଲକାନଗିରି ଠାରୁ ଆରମ୍ଭ କରି ସୀମାନ୍ତ ମୋଟୁ ପର୍ଯ୍ୟନ୍ତ ପାଖା ପାଖି ୧୦୦ କିଲୋମିଟର ରୁ ଉର୍ଦ୍ଧ୍ୱ ଦୂରତା ବିଶିଷ୍ଟ ଏହି ରାଜ ରାସ୍ତା ର ମଝିରେ ବଡ଼ ବଡ଼ ଗାତ ସବୁ ସୃଷ୍ଟି ହୋଇ ରାଜ ରାସ୍ତା ମଝିରେ କୃତ୍ରିମ ବନ୍ଧ ପାଲଟି ଯାଇଛି । ସେଥିମଧ୍ୟରୁ ରାଜରାସ୍ତା କୁ ଲାଗିରହିଥିବା କିଛି ଗାଁ ଗୁଡିକ ହେଲା କାଲିମେଲା ବ୍ଲକର ଏମ୍. ଭି-୬୪ ଗ୍ରାମର ମଶାଣି ସମ୍ମୁଖରେ ରୁ ଆରମ୍ଭ କରି ଗାଁ ଶେଷ ଦୁର୍ଗା ମଣ୍ଡପ ନିକଟରେ, କାଙ୍ଗୁରୁକୋଣ୍ଡା ଛକ ନିକଟରେ, ଏମ ଭି ୭୪ ଗାଁ ନିକଟରେ, ଏମ ଭି ୯୬ ମସାଣି ନିକଟରେ, ଏମ. ପି.



ଭି- ୧୨୭ ଗାଁ ନିକଟରେ, ଏମ. ଭି -୭୯ ସମ୍ମୁଖ ରେ ଏବଂ ଏମ. ଭି -୭୯ ଥାନା ପାର ହେଲା ଲଛିପେଟା ନିକଟରେ, ଏମ ଭି- ୭୯ ଗାଁ ମସାଣି ନିକଟରେ, ମହାରାଜପଲ୍ଲୀ ରାଜସ୍ୱ ବିଭାଗ କାର୍ଯ୍ୟଳୟ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟଳୟ ନିକଟରେ, ଏମ .ପି. ଭି -୮୧ ଗ୍ରାମ ପ୍ରବେଶ ପୂର୍ବୁ, ଓ ଗାଁ ମଝିରେ ରେ କୋଇକୋଣ୍ଡା ଗାଁ ଛକ ନିକଟରେ, ଏମ. ଭି -୮୮ ଗାଁ ପ୍ରବେଶ ପୂର୍ ରୁ ଏବଂ ଏମ ଭି ୮୮ ଗାଁ ନିକଟରେ ଥିବା ପଲୁର ପୋଲିସ ଫାଣ୍ଡି ସମ୍ମୁଖ ରେ, ଏମ ପି ଭି ୧୨୮ ଗାଁ ଛକ ସମ୍ମୁଖୀ ରେ, ଏମ. ପି. ଭି ୫୬, ପୁଷୁଗୁଡା ନ ଏବଂ ପୁଷୁଗୁଡା ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ।ସ ସମ୍ମୁଖୀ ରେ, ତାଣ୍ଡିମେଟଲା ଏମ. ଭି- ୭୮ ଛକ, କମଳାପୁର ଛକ , ମୁରଲିଗୁଡା ଗାଁ ନିକଟରେ, କୋତାଗୁଡା ଗାଁ ପ୍ରବେଶ ପୂର୍ବରୁ ଓ ପରେ ବାରିବାଞ୍ଚା ଗାଁ ଛକ ଏବଂ ମୋଟୁ ଓ ପୋଡ଼ଶୀ ରାଜ୍ୟ ଆନ୍ଧ୍ର ର କାଲେର କୁ ସଂଯୋଗ କରୁଥିବା ଛକ ନିକଟରେ ଅବସ୍ଥା କହିଲେ ନଚଳେ ଯାହାକୁ ନେଇ ଏହି ରାଜ ରାସ୍ତା ରେ ଯାତାୟାତ କରୁଥିବା ପାଦ ଚଲା କରୁଥିବା ସାଧାରଣ ଜନତା ଠାରୁ ଆରମ୍ଭ କରି ସାଇକେଲ ଚାଳକ, ମଟର ସାଇକେଲ ଚାଳକ, ତିନି ଛକିଅ। ଅଟ ଚାଳକ, ଚାରି ଛକିଅ। କାର, ବୋଲେରୋ, ପିକ ଅପ ଭ୍ୟାନ, ଟ୍ରକ, ଟ୍ରଲର, ଓ ବିଭିନ୍ନ ଘରୋଇ, ଓ ସରକାରୀ ଯାତ୍ରୀ ବାହୀ ବସ, ଆମ୍ବୁଲାନ୍ସ, ଏବଂ ବିଭିନ୍ନ ସମୟ ରେ ଏହି ରାଜ ରାସ୍ତା ରେ ଯାତାୟତ କରିଥିବା ବିଭିନ୍ନ ବିଭାଗୀୟ ସରକାରୀ ଅଧିକାରୀ ସମେତ ସାଧାରଣ ଜନସାଧାରଣ ଏହି ୩୨୬ ନମ୍ବର ଜାତୀୟ ରାଜରାସ୍ତା ଉପରେ ବନ୍ଧ ଭଳିଅ। ଦେଖା ଯାଉଥିବା ରାସ୍ତା ମଝିରେ ଗାତ ଗୁଡ଼ିକୁ ନେଇ ଏହି ବାଟ ଦେଇ ଯାତାୟାତ ରେ ନାକେ ଦମ ହେଉଛନ୍ତି । ପ୍ରତିଦିନ ଏହି ବାଟ ଦେଇ ଯାତାୟତ କରୁଥିବା ପୋଡ଼ଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ, ମହାରାଷ୍ଟ ପ୍ରମୁଖ ରାଜ୍ୟ ରୁ ବିଭିନ୍ନ ମାଲ ବୋଝେଇ ଟ୍ରକ ଟ୍ରଲର ଡ୍ରାଇଭର ମାନେ ଏବଂ ଯାତ୍ରୀ ବାହୀ ବସ ଗୁଡିକ ର ଡ୍ରାଇଭର ମାନେ ରାସ୍ତା ଖରାପ ଥିବା ସକାଶେ ଅସନ୍ତୋଷ ପ୍ରକାଶ କରିବା ସହିତ ଯାତ୍ରୀ ଜରୁରୀ କାଳୀନ ସମୟରେ ନିର୍ଦ୍ଧାରିତ ସମୟ ଠାରୁ ବିଳମ୍ବରେ ପହଞ୍ଚିବାକୁ ନେଇ କ୍ଷବ ପ୍ରକାଶ କରି ତୁରନ୍ତ ରାସ୍ତା ମରାମତି ନିମନ୍ତେ ଦାବି କରିଛନ୍ତି ।



# ରାଜ୍ୟସ୍ତରୀୟ ସ୍କୁଲ ଗେମ ଟାଇକଣ୍ଡୋ ପ୍ରତିଯୋଗିତା ପାଇଁ ବଲାଙ୍ଗିର ଦଳର କେନ୍ଦୁଝର ଗସ୍ତ

**ବଲାଙ୍ଗୀର,୯।୯:(ମନ୍ଥନ)**ଆସନ୍ତା ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ର ବର୍ବିଲ୍ ଠାରେ ରାଜ୍ୟସ୍ତରୀୟ ସ୍କୁଲ ଗେମ ଟାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି ।ଏଥିରେ ବଲାଙ୍ଗିର ଜିଲ୍ଲାରୁ ୧୬ ଜଣିଆ। ଟିମ୍ ଆଜି କେନ୍ଦୁଝର ଅଭିମୁଖେ ଯାତ୍ରା କରିଛନ୍ତି ।୧୭ ବର୍ଷରୁ କମ୍ ବାଳିକା ବିଭାଗରେ ରୀତୁ ବାଗ୍, ରୀତୁ ବିଶି, ଶ୍ରାବଣୀ ଜାଲ, ପୁଷ୍ପାଂଜଳି ଚନ୍ଦନ, ଓ ବାଳକ ବିଭାଗରେ ଜୟମ୍ ସାହୁ, ଯୋର୍ତିମୟ ଜେନା, ସୀତୁ ପୋଡ଼, ଓମପ୍ରକାଶ ପୃଷ୍ଟି, ହୃଷିକେଶ ପୁଟେଲ, ପ୍ରମିତ ବିଶ୍ୱାଳ, ଭୋଜରକ୍ଷଜ୍ ବେହେରା ଓ ବିଭୁବ୍ରତ ସାହୁ ଭାଗ ନେଉଥିବା ବେଳେ ୧୪ ବର୍ଷର କମ୍ ବାଳିକା



ବିଭାଗରେ ମିରା ସେଠ ଓ ବାଳକ ବିଭାଗରେ ଯୁବରାଜ ତୁମୁନିୟା, ସାଇ ଶକ୍ତି ସିବକ୍ଷନନ୍ଦ ବେହେରା, ଲିଙ୍ଗରାଜ ପଧାନ ଓ ଗୋପବନ୍ଧୁ ନନ୍ଦ ଭାଗ ନେଉଥିବା ବେଳେ ଟିମ୍ ମ୍ୟାନେଜର ଭାବେ ୟୁଜିଏଚ୍ଏସ୍ ଚିକଲବାହାଲ ପିଇଟି ରାଜକୁମାର ପାଣିଗ୍ରାହୀ ଓ ଏନବୀ ଉଚ୍ଚ ବିଦ୍ୟାଳୟ ଜରକ୍ଷସିଂଘକ୍ଷ ପୀଇଟୀ ପୁଷ୍ପାଂଜଳି କିଶାନ ମନୋନିତ ହୋଇଛନ୍ତି ।ଏହି ଅବସରରେ ବଲାଙ୍ଗିର ଶିକ୍ଷା ବିଭାଗ ତରଫରୁ ଟାଇକଣ୍ଡୋ କୋଚ ତଥା ଜାତୀୟ ସ୍ତରୀୟ ରେଫରି ଅସିମ କୁମାର ଭୋଇଙ୍କୁ ଏହି ରାଜ୍ୟସ୍ତରୀୟ ସ୍କୁଲ ଟାଇକଣ୍ଡୋ ପ୍ରତିଯୋଗିତା ପରିଚାଳନା କରିବା ପାଇଁ ଟେକ୍ନିକାଲ ଅଫିସିଆଲ ଭାବେ ନିୟୋଜିତ କରଯାଇଛି ।ଏ ଅବସରେ ଡୀପୀଇଓ ପ୍ରଦୀପ ପାତ୍ର, ଟାଉନ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଓ ଚିକଲ୍ ବକ୍ଷହକ୍ଷଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜକିଶୋର ପଧାନ ସମସ୍ତ ଛାତ୍ର ଛାତ୍ରୀଙ୍କୁ ସ୍ୱବେଚ୍ଛା କରିଛନ୍ତି ।

# ଆନ୍ତଃଜାତିକ ସାକ୍ଷରତା ଦିବସ ପାଳିତ

ଯାଜପୁର,୯।୯:(ମନ୍ଥନ)ଯାଜପୁର ପୌରପାଳିକା ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଆର୍ନ୍ତର୍ଜାତିକ ସାକ୍ଷରତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନ ଶିକ୍ଷୟତ୍ରୀ ଅନୀତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ରୂପେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟିତ କରି ସରକାରଙ୍କ ଏହି ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଦ୍ୱାରା ବହୁ ଲୋକ ଉପକୃତ ହେବେ ବୋଲି କହିଥିଲେ। ସମ୍ମାନୀତ ଅତିଥି ରୂପେ ଯାଜପୁର ବ୍ଲକର ଏବିଡ଼ିଓ , ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ଜିଲା ବିଜ୍ଞାନ ନିରିକ୍ଷକ କୁମାର ସେନ୍ ସେନାପତି, ସିଡ଼ିପିଓ, ଏବିଇଓ ନିର୍ମଳ ଜେନା ଓ ମନୋଜ ସାହୁ ଯୋଗଦାନ କରି ଏହି ଅଭିଯାନର ଉଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଯାଜପୁର ବ୍ଲକ ଅନ୍ତର୍ଗତ ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟତ୍ରୀ, ଅଙ୍ଗନୱାଡ଼ି କର୍ମୀ ମାନଙ୍କୁ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଦ୍ୱାରା ୧୫ବର୍ଷରୁ ଉର୍ଦ୍ଧ ବ୍ୟକ୍ତି ମାନଙ୍କୁ କିଭଳି ସ୍ୱାକ୍ଷର କରାଯିବ ସେ ବିଷୟରେ ଅବଗତ କରାଯାଇଥିଲା ।ଏହି ଅବସରରେ ସ୍ୱାକ୍ଷର ନଥିବା ଲୋକ ମାନଙ୍କୁ କିପରି ଡ଼ିଜିଟାଲ ଶିକ୍ଷା ଦିଆଯାଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ।ଆମ ଜିଲାର ସ୍ୱାକ୍ଷରତା ହାର ବୃଦ୍ଧି କରିବା ପାଇଁ ଉଲ୍ଲାସ ପ୍ରୋଗ୍ରାମ ବହୁ ମାତ୍ରାରେ ସହଯୋଗ କରିବ ବୋଲି ଅତିଥି ମାନେ ମତପୋଷଣ କରିଥିଲେ ।ଶେଷରେ ସିଅସେସି ତିମିର ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ସପୂର୍ଣ୍ଣ ସହଯୋଗ କରିଥିଲେ ।

# ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁଙ୍କୁ କୃଷ୍ଣଚନ୍ଦ୍ର ଦାଶ ସ୍ମୃତି ସମ୍ମାନ ପ୍ରଦାନ

ମାହାଙ୍ଗ,୯।୯:(ମନ୍ଥନ)ପବିତ୍ର ଗୁରୁ ଦିବସ ପାଳନ ଅବସରରେ ଶ୍ରୀ ଗୁରୁପୂଜନ ସମିତି ସାଲେପୁର ପକ୍ଷରୁ ସାଲେପୁର ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ବୟୋଜ୍ୟେଷ୍ଠ, ଅବସରପ୍ରାପ୍ତ କୃତୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଅଛି । ଏହି ଅବସରରେ ମାହାଙ୍ଗା ବ୍ଲକର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ , ଜଣାଶୁଣା କବି ତଥା ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ,ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ କୃଷ୍ଣଚନ୍ଦ୍ର ଦାଶ ସ୍ମୃତି ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବରିଷ୍ଠ ସାମ୍ବାଦିକ କବି ଅକ୍ଷୟ କୁମାର ଦାଶ ପୌରୋହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସତ୍ୟ ନାରାୟଣ ଆଚାର୍ଯ୍ୟ, କେନ୍ଦ୍ରାପଡା ଦିବ୍ୟଜୀବନ ସଂଘର ଉପାଧ୍ୟକ୍ଷ ଡ. କାଳୀପ୍ରସନ୍ନ ଶତପଥି, ଅନୁଷ୍ଠାନର ସଂପାଦକ ଡ. ଗୌତମ ମହାରଣା, ସାଲେପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବ୍ୟବତୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । କବି ପ୍ରସନ୍ନ ମିଶ୍ର, ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, ସାରସ୍ୱତ ସମାରୋହ ସମିତିର ସଂପାଦକ ଡ. ଚାରୁଲତା ଦେବୀ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଚଳିତ ବର୍ଷ ରାଜ୍ୟର ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାହୁଙ୍କୁ ପୂର୍ବରୁ ନନ୍ଦକିଶୋର ସାମଲ ସ୍ମୃତି ସମ୍ମାନ, କ୍ଷୀରୋଦଚନ୍ଦ୍ର ସାମଲ ସ୍ମୃତି ସମ୍ମାନ, ଶ୍ରୀ ଗଜାନନ ମହୋତ୍ସବ ସାରସ୍ୱତ ସମ୍ମାନ ପାଇଥିବାରୁ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ କବି ଗୌତମ ଚରଣ ଜେନା, ମାହାଙ୍ଗା ସାହିତ୍ୟ ସମାଜର ସଭାପତି ଡ. ଏକାଦଶୀ ପ୍ରଧାନ ଓ ସରସ୍ୱତ ସଂଗଠକ କବି ଭକ୍ତ ଚରଣ ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

# ଜବାହରଲାଲ ନେହେରୁ ମହାବିଦ୍ୟାଳୟ ପରିସରରେ ଆଇ.ଟି. ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାହାଙ୍ଗା,୯।୯:(ମନ୍ଥନ)ଜବାହରଲାଲ ନେହେରୁ ମହାବିଦ୍ୟାଳୟ କୁଆଁପାଳ ଓ ଓଡିଶା ନଲେଜ କର୍ପୋରୋସନ ଲିଃ. (ଓ.କେ.ସି.ଏଲ) ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ଆଇ.ଟି.ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଚିତ୍ତରଂନ ଦସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ କଟକର ଡି.ଏଲ୍.ସି. ସୂର୍ଯ୍ୟ ନାରାୟଣ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କମ୍ପ୍ୟୁଟର ଶିକ୍ଷାର ଉପଯୋଗିତା ଏବଂ ଛାତ୍ର ଛାତ୍ରୀମାନେ ଏହାକୁ ପାଥେୟ କରି କିଭଳି ଭବିଷ୍ୟତରେ ସଫଳତାର ଶିଖର ଛୁଇଁ ପାରିବେ ସେ ସଂପର୍କରେ ମତ ବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଦୀପ୍ତ କୁମାର ଜେନା ଯୋଗଦେଇ କମ୍ପ୍ୟୁଟର ଶିକ୍ଷା କିଭଳି ଦୈନନ୍ଦିନ ଜୀବନରେ ଆବଶ୍ୟକତା ରହିଛି । ଏଥିସହିତ ଆଇ.ଟି. ଦକ୍ଷତା ବୃଦ୍ଧି, ଛାତ୍ର ଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସୂଚନା ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସିଲାରାଣୀ ସାହୁ, ବୃନ୍ଦାବନ ବରାଳ, ସ୍ୱର୍ଣ୍ଣଲକ୍ଷ୍ମୀ ପ୍ରଧାନ, ଇପ୍ସିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହାସହ ଓ.କେ.ସି.ଏଲ୍ର ଅନ୍ୟ କର୍ମକର୍ତ୍ତାମାନେ ମଧ ଉପସ୍ଥିତ ଥିଲେ । ମହାବିଦ୍ୟାଳୟ ପକ୍ଷରୁ ପ୍ରାଧ୍ୟାପକ ରବିନାରାୟଣ ବାରିକ, ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ବେହେରା, ପ୍ରାଧ୍ୟାପକ ଅଶୋକ କୁମାର ସିଂ, ପ୍ରାଧ୍ୟାପକ ବସନ୍ତ କୁମାର ସେଠୀ, ଡ. ଜୟଶ୍ରୀ ରାଉତ, ପ୍ରାଧ୍ୟାପକ ବାଇଧର ଦାସ ଓ ଅନ୍ୟମାନଙ୍କ ମଧ୍ୟରେ ଜଗବନ୍ଧୁ ବେହେରା, ଅମୀୟରଂଜନ ସେଠୀ, ଇପ୍ସିତା ଦାସ, ସାମ୍ବାଦିକ ବିଜୟ କୁଅଁର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ -୨୦୨୫ ପାଳିତ

ନୟାଗଡ଼, ୯।୯:(ମନ୍ଥନ)୨୦୨୫ ରିଖ ଆନ୍ତର୍ଜାତୀୟ ସାକ୍ଷରତା ଦିବସ - ୨୦୨୫ ପାଳିତ ହୋଇଥିଲା ।ଏହା ଜିଲ୍ଲାସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ ) ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୟାଗଡ଼ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲପାଳ ଶ୍ରୀମତୀ ରୋଜିନା ଦାସ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଏକ ସଚେତନ ରାଲି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଗୀତାଞ୍ଜଳୀ ସାହୁ,ବିଜ୍ଞାନ ନିରୀକ୍ଷକ ଶ୍ରୀଯୁକ୍ତ ଶରତ କୁମାର ସାହୁ ଓ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ସେଠୀ ଯୋଗଦାନ କରିଥିଲେ ୟନବ ଭାରତ ସାକ୍ଷରତା ଅଭିଯାନ କାର୍ଯକ୍ରମରେ ବିଚାରକ ଭାବରେ ସୁସାହିତିକ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ଓ ଶିକ୍ଷକ ପ୍ରତାପ କୁମାର ପରିଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ବାହାଡ଼ାଝୋଲା ଯୋଗଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରୁଥିବା ଶିକ୍ଷାର୍ଥୀ ମାନଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ




ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ବକ୍ତୃତା ବିଭାଗରେ ପୁଣ୍ୟଜ୍ୟୋତି ବଳିଆରସିଂହ ପ୍ରଥମ, ଓଏଭି ବଳରାମ ପ୍ରସାଦ ରଣପୁର,ଦ୍ୱିତୀୟ ଅଭିପିଶା ମିଶ୍ର ଜନଶକ୍ତି ନୋଡାଲ ଉଚ୍ଚ ବିଦ୍ୟାଳୟ , ଋହାଳି, ନୂଆଗାଁ ତୃତୀୟ ଶୁଭସ୍ମିତ ରଥ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୟାଗଡ଼ୟପ୍ରବନ୍ଧ ବିଭାଗରେ ସୌମ୍ୟଶ୍ରୀପତି ମିଶ୍ର ପ୍ରଥମ, ଓଏଭି ବଳରାମ ପ୍ରସାଦ ରଣପୁର,ଦ୍ୱିତୀୟ ବିଜୟଲକ୍ଷ୍ମୀ ପରିଡ଼ା,ଓଏଭି ନୂଆଗାଁ ତୃତୀୟ ଶୁଭମ କାଠୁଆ। ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ , ଦଶପଲ୍ଲାୟଚିତ୍ରାଙ୍କନ ବିଭାଗରେ ଲୋପାମୁଦ୍ରା ପ୍ରଧାନ ପ୍ରଥମ, ଓଏଭି ନୂଆଗାଁ,ଦ୍ୱିତୀୟ ବିଷ୍ଣୁ ପ୍ରସାଦ ମଲ୍ଲିକ, ବି ଡି ବିଦ୍ୟାପୀଠ ଭାପୁର, ତୃତୀୟ ଶ୍ରୀମୟୀ ସ୍ୱାତିପର୍ଣ୍ଣା ଓଏଭି ଆଖୁପଦର ଓଡ଼ଗାଁ ।ପୋଷ୍ଟର ମେକିଙ୍ଗିରେ ସିପ୍ରା ସୋମାଲିନ ପରିଡ଼ା ପ୍ରଥମ, ଓଏଭି ନୂଆଗାଁ,ଦ୍ୱିତୀୟ ପ୍ରଜ୍ଞା ପାରମିତା ସାହୁଓଏଭି ବଳରାମ ପ୍ରସାଦ ରଣପୁର, ତୃତୀୟ ଦେବୀପ୍ରସାଦ ମହାପାତ୍ର ଆର ଏମ ଜେ ଉଚ୍ଚ ବିଦ୍ୟାଳୟ ସାତ ପାଟଣା, ଦଶପଲ୍ଲା ।ଏହି କାର୍ଯ୍ୟକ୍ରକୁ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ଖେଳ ଶିକ୍ଷକ ପ୍ରଦୀପ୍ତ ଚିତ୍ତରଞ୍ଜନ ସାହୁ ରାଲି ରେ ସହଯୋଗ କରିଥିଲେ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଶିକ୍ଷକ ପ୍ରତାପ କୁମାର ପରିଡ଼ା, ଜୁନିୟର ଆସିଷ୍ଟାଣ୍ଟ ଅରବିନ୍ଦ ନାୟକ ଓ ସଞ୍ଜୀବ ମଲ୍ଲିକ ସୁପରିଚାଳନା ଓ ସହଯୋଗ କରିଥିଲେ ।

# ସ୍ୱର୍ଣ୍ଣକ୍ଷେତ୍ର ପରିଷଦ କାର୍ଯ୍ୟାଳୟ ଓ ସାଂସ୍କୃତିକ ମଣ୍ଡପର ଶୁଭଉଦ୍‌ଘାଟନ

ମାହାଙ୍ଗା,୯।୯:(ମନ୍ଥନ) ବିଶ୍ୱଭାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତି ଆଶ୍ରମ ମାହାଙ୍ଗାଠାରେ ଗତ କାଲି ୮ ତାରିଖ ସଂଧାରେ ଆର୍ବିଭାବ ମହୋତ୍ସବ ମଣ୍ଡପ ଓ ସ୍ୱର୍ଣ୍ଣକ୍ଷେତ୍ର ପରିଷଦ କାର୍ଯ୍ୟାଳୟକୁ ମାହାଙ୍ଗାର ମାନ୍ୟବର ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ କର କମଳରେ ଉଦ୍‌ଘାଟିତ ହୋଇଯାଇଛି । ଏହି ପରୀପ୍ରେକ୍ଷୀରେ ଆୟୋଜିତ ସଭାରେ ଗଙ୍ଗାଧର ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ମାହାଙ୍ଗାର ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇ ଆଶ୍ରମର ଅଧୁରା କାର୍ଯ୍ୟକ୍ରମକୁ ସମାପନ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏହା ସହ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲିର ପରିଷଦର ଶାଖା ଗୁଡିକୁ ବିଧାୟକ ପାଣ୍ଠିରୁ ୩ ଲକ୍ଷ ଲେଖାଏଁ ଯୋଗାଇ ଦେଇଥିବା ପ୍ରକାଶ କରିଥିଲେ । ଆଶ୍ରମର ୫ ବର୍ଷ ମଧ୍ୟରେ ପରିଷଦର ଉନ୍ନତି ପାଇଁ ଆହୁରି ଅର୍ଥର ବ୍ୟବସ୍ଥା କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ ।ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ବିଶ୍ୱଭାତୃତ୍ୱ ଦିବ୍ୟାତ୍ମା ପରିଷଦର ସଭାପତି ନିମାଇଁ ଚରଣ ଦାସ, ପରିଷଦର ଯୁଗ୍ମ ସଂପାଦକ କୈଳାସ ଚନ୍ଦ୍ର ଦାସ, ସାଧାରଣ ସଂପାଦକ ସୁରେଶ ଚନ୍ଦ୍ର ଜେନା, ସହକାରୀ ଇଂଜିନିୟର ସନ୍ଦିପ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମାହାଙ୍ଗା ପଂଚାୟତ ସଭାପତି ଗୌତମ ପ୍ରସାଦ ଲାଲ, ଉପସଭାପତି ପ୍ରିୟବ୍ରତ ସାହୁ, ଭବାନୀ ଶଙ୍କର ସାହୁ, ପୂର୍ବତନ ସରପଂଚ କାର୍ତ୍ତିକ ଜେନା, ଧାରୋଶ୍ୟାମସୁନ୍ଦରପୁର ଶାଖାରୁ କାର୍ତ୍ତିକ ଚନ୍ଦ୍ର ସାମଲ, ଦୋଳଗୋବିନ୍ଦ ସାହୁ, ଶ୍ରୀଧର ଜେନା ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଆଶ୍ରମର ଶତାଧିକ ଅନ୍ତେବାସୀ, ଅନୁଷ୍ଠାନର କର୍ମକର୍ତ୍ତା, ଗୁରୁମାଆ, ଗୁରୁ ଭାଇ ଓ ଗୁରୁଭଉଣୀମାନେ ଯୋଗଦେଇଥିଲା ବେଳେ ଶେଷରେ ପାରିଷଦର ସାଂଗଠନିକ ମୁଖ୍ୟ କୈଳାସ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ଓ ଭଜନ ପରିବେଷଣ କରାଯାଇଥିଲା ।

# ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ, ଉମରି ଦଳ ବିଜୟ

ନବରଙ୍ଗପୁର,୯।୯:(ମନ୍ଥନ)ନବରଙ୍ଗପୁର ଟାଉନ ଫୁଟବଲ୍ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଫୁଟବଲ୍ ପଡ଼ିଆରେ ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ଏମ ବାଳକୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଏବଂ ପ୍ରାକ୍ତନ ଫୁଟବଲ୍ ଖେଳାଳୀ ରାକେଶ ଗୁପ୍ତା ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏକ ସଂଘର୍ଷ ମୟ ଉଦ୍ଘାଟନୀ ମ୍ୟାଚରେ କୋରାପୁଟ ଜିଲ୍ଲା ଉମରି ଦଳ ନବରଙ୍ଗପୁର ଜିଲ୍ଲା ଗ୍ଲାଡ଼ିଏଟର ଏଫ୍ ସି ଦଳକୁ ୨-୦ ଗୋଲ ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟ କୁ ଉନ୍ନୀତ ହୋଇଛି । ସୂଚନା ଯୋଗ୍ୟ ଯେ ଏହି ଟୁର୍ଣ୍ଣାମେଣ୍ଟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ଉଦ୍ୟକ୍ତା ଅଶୋକ ପାତ୍ର ଙ୍କ ଦ୍ୱାରା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ସକାଶେ ଆୟୋଜନ କରିଥିବାରୁ ଜିଲ୍ଲାର ପ୍ରାକ୍ତନ କ୍ରୀଡାବି ମାନେ ଶ୍ରୀ ପାତ୍ରଙ୍କ ଏହି ଅଭିନବ ପ୍ରୟାସ ପାଇଁ ସାଧୁବାଦ୍ ଜଣାଇ ଛନ୍ତି । ଆଜିର ଉଦଘାଟନୀ ମ୍ୟାଚରେ ରେଫରି ଭାବରେ ଲାଲୁ ହରିଜନ, ଲାଇନ୍ ରେଫେରି ଭାବରେ ଚନ୍ଦନ ଗରଡା, ବିଜୟ ନାୟକ ପରିଚାଳନା କରିଥିବା ବେଳେ ପ୍ରଥମ ଥର ପାଇଁ ମହିଳା ରେଫରୀ ଭାବରେ ରାଇଲା ଭତରା ଏବଂ ଆରତୀ ହରିଜନ ସହଯୋଗ କରିଥିଲେ । ଫୁଟବଲ୍ ଖେଳ ଦେଖିବାକୁ ଆଖ ପାଖ ଅଞ୍ଚଳରୁ ଅନେକ ଦର୍ଶକ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ ସଦାଶିବ ତ୍ରିପାଠୀ ଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳନ

ନବରଙ୍ଗପୁର,୯।୯:(ମନ୍ଥନ)ଆଜି ସ୍ଥାନୀୟ ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ସକାଳ ୧୦.୦୦ ଘ ସମୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼ା ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ,ପୂଜ୍ୟପୂଜା,ସ୍ମୃତି ଚାରଣ ,ଆଲୋଚନା ଚକ୍ର ରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ସକାଳ ୯.୩୦ ମୀ ସମୟରେ ସ୍ଥାନୀୟ ସଦାଶିବ ପାର୍କ ଠାରେ ସ୍ଥାପିତ ଡ ସଦାଶିବ ତ୍ରୀପାଠୀ ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥି ରୂପେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଙ୍କ ସହ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଡ ସଦାଶିବ ତ୍ରୀପାଠୀଙ୍କ ଦାୟାଦ କେଦାରନାଥ ତ୍ରିପାଠୀ , ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା,ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ,ନରେନ୍ଦ୍ର ପଟ୍ଟନାୟକ,ଡ ବିଜୟ ମିଶ୍ର ,ନାରାୟଣ ପଣ୍ଡା , ସଂଗୀତା ତ୍ରିପାଠୀ,ପ୍ରଭାତୀ ତ୍ରିପାଠୀ, ମନୋରମା ମାଝୀ,ପ୍ରଭାସିନୀ ମହାନ୍ତି ପ୍ରମୁଖ ମାଲ୍ୟାର୍ପଣ ଓ ପୂଜ୍ୟପୂଜା କରିଥିଲେ ଏବଂ ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲ୍ ର ଛାତ୍ର, ଛାତ୍ରୀ,ଶିକ୍ଷକ ଶିକ୍ଷୟତ୍ରୀ,ମହାବିଦ୍ୟାଳୟ ଅଧ୍ୟାପକ,ସହରର ବୁଦ୍ଧିଜୀବୀ,କବି,ଲେଖକ,ଗଣମାଧ୍ୟମ ପ୍ରତିନିଧି,ବିଭାଗୀୟ ଅଧିକାରୀ ମଧ୍ୟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେୟ ପୌର ପାଳିକା ସମ୍ମିଳନୀ ଗୃହରେ ଅନୁଷ୍ଠିତ ସ୍ମୃତି ଚାରଣସଭାରେ ମଞ୍ଚାସିନ ଅତିଥିରୂପେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ,ଶ୍ରୀ କେଦାରନାଥ ତ୍ରିପାଠୀ,ଶ୍ରୀ ନାରାୟଣ ପଣ୍ଡା , ଡ ବିଜୟ ମିଶ୍ର,ଶ୍ରୀ ନରେନ୍ଦ୍ର ପଟ୍ଟନାୟକ ,ଶ୍ରୀ ଅଶୋକ କର୍ଣ୍ଣ ନିଜ ନିଜ ବକ୍ତବ୍ୟରେ ଡ ସଦାଶିବ ତ୍ରିପାଠୀଙ୍କୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଲୋକପ୍ରିୟ ନେତା,ଆଦର୍ଶବାଦୀ, ସାଧୁତା ଓ ସଚ୍ଚୋଟତାର ମୂର୍ତ୍ତିମନ୍ତ ପ୍ରତୀକ , ଜ୍ଞାନୀ, ଭୁସଂସ୍କାର ଆଇନ ର ସଫଳ ରୂପାୟନକର୍ତ୍ତା ରୂପେ ଅଭିହିତ କରି ନିଜ ଜୀବନରେ ତାଙ୍କର ଆଦର୍ଶ ଓ ଦର୍ଶନ କୁ ପ୍ରତିଫଳିତ କରିବା ପାଇଁ ଆହ୍ୱାନ କରିଥିଲେୟସଭା ର ସଫଳ ରୂପାୟନ ରେ ପୌରପାଳିକା କର୍ମଚାରୀ ଜ୍ୟୋତି ପରିଛା, ଶ୍ରୀକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ: ଚାରା ବଣ୍ଟନ ରଥ ର ଶୁଭାରମ୍ଭ

ଛତ୍ରପୁର,୯।୯:(ମନ୍ଥନ)ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବନ ବିଭାଗ ପକ୍ଷରୁ ମଙ୍ଗଳ ବାର ଛତ୍ରପୁର ବ୍ଲକ ସିନ୍ଦୁରାପଲ୍ଲୀ ନଗରବନ ପରିସରରେ ଜିଲ୍ଲାସ୍ତରୀୟ ୭୬ତମ ବନମହୋତ୍ସବ -୨୦୨୫ ଉପ ଲକ୍ଷେ, ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଆନୁକୁଲ୍ୟରେ ଚାରା ବଣ୍ଟନ ରଥ ର ଶୁଭଆରମ୍ଭ ହୋଇଯାଇଛି। ଏହା ସହିତ ପ୍ରତ୍ୟେକ ପଂଚାୟତ ରେ ଚାରା ରୋପଣ ନିମନ୍ତେ ୫ଶହ ଲେଖାଏଁ ଚାରା ପ୍ରଦାନ କରାଯାଇଛି, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ,ବ୍ରହ୍ମପୁର ଡିଏଫଓ ସନ୍ନି ଖୋଖର୍ ଙ୍କ ଉପସ୍ଥିତରେ ଏହା ଉଦଘାଟନ ହୋଇଯାଇଛି । ପରିବେଶ ସୁରକ୍ଷା କୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀଙ୍କ ଅହ୍ୱାନକ୍ରମେ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହାକୁ କାର୍ଯ୍ୟକାରୀ କରାଯାଉଛି, ଆସନ୍ତା ୧୭ ତାରିଖ ଦିନ ଗଞ୍ଜାମ ଜିଲ୍ଲା ରେ ପ୍ରାୟ ୭ ଲକ୍ଷ ରୁ ଅଧିକା ଚାରା ରୋପଣ କରାଯିବ ବୋଲି ବ୍ରହ୍ମପୁର ଡ଼ିଏଫଓ ସୂଚନା ଦେଇଛନ୍ତି, ଛତ୍ରପୁର ବନ ବିଭାଗ ଅଧୀନରେ ପ୍ରାୟ ୧୫ ହଜାର ଚାରା ରୋପଣ କରାଯିବ, ଆଜିର ଏହି କାର୍ଯ୍ୟକ୍ରମ ରେ ଛତ୍ରପୁର ବିଡ଼ିଓ ସମ୍ପିତ ସଂଗ୍ରାମ ଜିତ ସାହୁ, ଛତ୍ରପୁର ଫରେଷ୍ଟ ବାବୁ ସେଠି ଙ୍କ ସମେତ ବନ ବିଭାଗ ର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଡିଆଟନ ଗାଁରେ ମହାଗୁରୁ ସମ୍ମିଳନୀ ଅନୁଷ୍ଠିତ

ବଙ୍ଗୋମୁଣ୍ଡା,୯।୯:(ମନ୍ଥନ)ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଥାନା ନିକଟସ୍ଥ ଡିଆଟନ ଗାଁ ର ଶ୍ରୀଶ୍ରୀ ଜ୍ଞାନମନ୍ଦିର ପରିସର ରେ ପ୍ରଧାନ ଶିକ୍ଷୟତ୍ରୀ ରୁନାଲତା ପଟ୍ଟାୟତ ଙ୍କ ଆହ୍ୱାନ କ୍ରମେ ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ ମହାଗୁରୁ ସମ୍ମାନୀତ କାର୍ଯ୍ୟକ୍ରମ ମହାସମାରୋହ ରେ ପାଳିତ ହୋଇଥିଲାୟ ଏହି ସଭାରେ ରାଜ୍ୟ ପୁରସ୍କାର ପ୍ରାପ୍ତ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଏକ ମହାଗୁରୁ ମିଳନ ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟିକ ଡ଼ଃ ଯୁଗଳ କିଶୋର ଷଡ଼ଙ୍ଗୀ , ମୁଖ୍ୟବକ୍ତା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ଜ୍ଞାନମନ୍ଦିର ପ୍ରୀତିଷ୍ଠାତା ଗୀତାଞ୍ଜଳି ଭୋଇ ଉପସ୍ଥିତ ଥିଲେ ।ଏହି ସଭାରେ ମହାଗୁରୁ ହେଲେ ଭକ୍ତପ୍ରସାଦ ପାଢ଼ି, ଅବିନ କିଶୋର ରଥ,ଡ଼ଃ ନାରାୟଣ ମିଶ୍ର, ବୃନ୍ଦାବନ କୁମ୍ଭାର, ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କୁ ପୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀ ମାନେ ମଧ ସୁସ୍ୱାଗତ କରି ମହାଗୁରୁ ମାନଙ୍କ ଆଶୀର୍ବାଦ ନେଇଥିଲେୟ ସଭାକୁ ପରିଚାଳନା କମିଟିର ସଦସ୍ୟ ଲମ୍ବୋଦର ଆଡ଼ଜୁଆଡ଼, ନରୋତ୍ତମ ଦେହୁରୀ ସହ ସ୍କୁଲ ର କର୍ମଚାରି ତଥା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲାୟ ଏଥିରେ ଗ୍ରାମବାସୀ ସହଯୋଗ କରିଥିଲେ ।

# ନୂତନ ଡ୍ରଗ ଇନିସପେକ୍ଟରଙ୍କୁସ୍ୱାଗତ ସମ୍ବର୍ଦ୍ଧନା

ଛତ୍ରପୁର,୯।୯:(ମନ୍ଥନ)ଉତ୍କଳ କେମିଷ୍ଟି ଏଣ୍ଡ ଡ୍ରଗ୍ରୀଷ୍ଟ ସଂଘ ଏବଂ ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲା ମେଡ଼ିସିନ ଦୋକାନ ସଂଘର ସଭାପତି ଏବଂ ସମ୍ପାଦକ ଆଜି ଗଞ୍ଜାମ -୨ୟ ମଣ୍ଡଳ ଛତ୍ରପୁର ଭେଷଜ ନିରୀକ୍ଷକ (ଡ୍ରଗ ଇନିସ୍ପେକ୍ଟର ) ପ୍ରଶାନ୍ତ କୁମାର ସେଠି ଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି ।ଏହା ସହିତ ସେମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ, ଏଥିରେଉତ୍କଳ କେମିଷ୍ଟି ଏଣ୍ଡ ଡ୍ରଗ୍ରୀଷ୍ଟ ସଂଘର ସଭାପତି ପି ସତ୍ୟନାରାୟଣ, ଜିପିସିଡିଏ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, କୋଷାଧକ୍ଷ ବଲ୍ଲଭ ପାଣିଗ୍ରାହୀ, ଛତ୍ରପୁର ର ଇସି ମେମ୍ବର ରାଜେଶ କୁମାର ସାହୁ,ବାୟସାଇନ୍ସ କଲେଜ ମହୁଡା ର କୋଷାଧକ୍ୟ ବିଜୟ ଚନ୍ଦ୍ର ସେନାପତି ଏବଂ ସାମ୍ବାଦିକ ଗୌର ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କୋଦଳା ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳ ଓଷା ପାଳିତ

କୋଦଳା,୯।୯:(ମନ୍ଥନ)କୋଦଳା ଅଞ୍ଚଳ ର ବିଭିନ୍ନ ସ୍ଥାନରେ ଆଜି ଆଶ୍ୱିନ ମଙ୍ଗଳ ଓଷା ବା ନିଶା ମଙ୍ଗଳବାର ଓଷା ପୂଜା ପାଳିତ ହେଉଛି ।ପ୍ରତ୍ୟୁଷ ରୁ ଓଷା ପାଳନ କରୁଥିବା ମହିଳାମାନେ ପୂଜା ସ୍ଥାନରେ ଏକତ୍ରିତ ହୋଇ ମା ଙ୍କୁ ଆରାଧନା କରିବା ସହିତ ମା ମଙ୍ଗଳା ମୂର୍ତ୍ତି କୁ ବସାଇ ବିଭିନ୍ନ ପ୍ରକାର ଫୁଲ ରେ ସୁ ସଜ୍ଜିତ କରି ଧୂପ ନୈବେଦ୍ୟ ଦେଇ ପୂଜା ଆରମ୍ଭ କରିଛନ୍ତି ।ପୁରାଣ ବହିଗୀତ ବୋଲିବା ସହିତ ପୂଜାର୍ଚ୍ଚନା କରି ନିଜ ନିଜ ଘରକୁ ଯାଇ ପୁଣି ସନ୍ଧ୍ୟା ରେ ପୂଜା ଗୀତ ବୋଲି ସନ୍ଧ୍ୟା ଆରତୀ ଦର୍ଶନ କରି ଘରକୁ ଫେରୁଥିବା ଜଣାଅପଡ଼ିଛି ।ଲୋକକଥା ଅନୁଯାଇ ନିଶା ମଙ୍ଗଳବାର ରେ ମା ସର୍ବମାଙ୍ଗଳା ଙ୍କୁ ଆରାଧନା କରାଯାଇଥାଏ, ମଙ୍ଗଳା ହେଉଛନ୍ତି ଶକ୍ତି ବା ମା ଦୁର୍ଗାଙ୍କ ପ୍ରତୀକ ।ମଣିଷ ମାନେ ଯେମିତି ପ୍ରତ୍ୟକ ରାତିରେ ଶୋଇଥାନ୍ତି, ଦେବତା ମାନେ ମଧ ସୋଇଥାନ୍ତି କିନ୍ତୁ ଝସ୍ୱବଭୟ ମାନେ ଗୋଟିଏ ପକ୍ଷ ସୋଇଥାନ୍ତି ।ଭାଦ୍ରବ ମାସ ରାଧା ଅଷ୍ଟମୀ ରେ ମା ଦୁର୍ଗା ଶୟନ କରନ୍ତି ଏବଂ ଆଶ୍ୱିନ ମାସର ମୂଳା ଅଷ୍ଟମୀ ତିଥି ରେ ମା ଜାଗ୍ରତ ହୁଅନ୍ତି ବା ନିଦ୍ରା ରୁ ଉଠନ୍ତି ।ମା ନିଦ୍ରାରୁ ଉଠିବା ମାତ୍ରେ ଶକ୍ତି ପ୍ରାପ୍ତ କରିଥାନ୍ତି ଏହି ମାସରେ ହିଁ ମା ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରି ନିଶା ମଙ୍ଗଳବାର କଲେ ମନସ୍କାମନା ପୂର୍ଣ ସହିତ ଧନ ସମ୍ପତି



ପ୍ରାପ୍ତ ହୁଏ ବୋଲି ପୁରାଣ କୁହେ ।ନିଶା ମଙ୍ଗଳବାର କରୁଥିବା ମହିଳା ଭକ୍ତ ବି ଖୁସିରେ ଏହି ପୂଜା କରନ୍ତି ।ସେମାନଙ୍କ ବିଶ୍ୱାସ ଯେଉଁଦିନ ଠାରୁ ମା ମଙ୍ଗଳା ଙ୍କ ପୂର୍ଣ୍ଣ ହେଉଛି ।ଏମିତି ଯେତେଦିନ ପର୍ଯ୍ୟନ୍ତ ପାରିବୁ ଆମ୍ଭେ ଏହି ଓଷା କରୁଥିବୁ ।ଆଜି ଥିଲା ଆଶ୍ୱିନ ମାସର ପ୍ରଥମ ମଙ୍ଗଳବାର ।ଏହି ମାସରେ ୪ ପାଳି ମଙ୍ଗଳବାର ପଡୁଥିବା ବେଳେ ସମସ୍ତ ପାଳିରେ ପୂଜାର୍ଚ୍ଚନା କରିବା ସହିତ ଶେଷରେ ମାନଙ୍କୁ ରୀତିନୀତି ଅନୁଯାଇ ବିଦାୟ ଦେବୁ ବୋଲି କହିଥିଲେ ।

# ଓଡିଶା ପତ୍ରକାର ସଂଘର ୧୬ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୯।୯:(ମନ୍ଥନ) ସମାଜ ଓ ରାଷ୍ଟ୍ରର ବିକାଶ ପାଇଁ ସମ୍ବାଦପତ୍ରର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । ନିରପେକ୍ଷ ଓ ଗଠନମୂଳକ ସମ୍ବାଦ ପରିବେଷଣ ଦ୍ୱାରା ସମାଜର ବିକାଶ ହେବା ସହ ରାଷ୍ଟ୍ରର ଉନ୍ନତି ହୋଇଥାଏ । ହେଲେ ବର୍ତ୍ତମାନ ଦେଖାଯାଉଛି, ସମ୍ବାଦପତ୍ର ଓ ସାମ୍ବାଦିକମାନେ କିଛି ମାତ୍ରାରେ ଏଥିରୁ ବିଚ୍ୟୁତ ହେଉଛନ୍ତି । ସତ୍ୟ, ନିରପେକ୍ଷ ଓ ଗଠନମୂଳକ ସମ୍ବାଦ ପ୍ରକାଶନ ଦ୍ୱାରା ସମାଜର ଅବହେଳିତ ଲୋକଙ୍କ କଥା ସରକାରଙ୍କ ନିକଟରେ ପହଁଞ୍ଚିପାରେ ଏବଂ ସେମାନଙ୍କ ସମସ୍ୟାର ଦୂର ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଓଡ଼ିଶା ପ୍ରତକାର ସଂଘର ୧୬ତମ ପ୍ରତିଷ୍ଠାଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ କହିଲେ ଯେ, ସାମ୍ବାଦିକମାନେ ଏକାଠି ହେଲେ ସେମାନଙ୍କ ସମସ୍ୟା ଦୂର ହେବା ସହ ସରକାର ମଧ ସେମାନଙ୍କ ଦାବି ପୂରଣ କରିବା ପାଇଁ ବାଧ ହେବେ । ସାମ୍ବାଦିକମାନଙ୍କ ଏକତା ଅଭାବରୁ ସେମାନେ ଆଜି ଅବହେଳିତ । ଅନ୍ୟତମ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ସମ୍ବାଦିକଙ୍କ ସମସ୍ୟା ଓ ସମ୍ବାଦ ପରିବେଷଣ ଉପରେ ଆଲୋକପାତ କରିଥିଲେ । ସାମ୍ବାଦିକ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ କରିବା ପାଇଁ ସରକାର ଅନୁଧ୍ୟାନ କରୁଛନ୍ତି ବୋଲି କହିଥିଲେ । ସଂଘର ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି ଯୋଗଦେଇ ସାମ୍ବାଦିକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରମିକନେତା ମହେନ୍ଦ୍ର ପରିଡ଼ା, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଶୋୟୀ ଯୋଗଦେଇ ସାମ୍ବାଦିକମାନେ ନିରପେକ୍ଷ ଓ ସତ୍ୟ ସମ୍ବାଦ ପରିବେଷଣ କଲେ ସମାଜର ତଳସ୍ତରରେ ଲୋକଙ୍କ ନ୍ୟାୟ ପାଇପାରିବେ ବୋଲି ମତ ରଖିଥିଲେ । ସଂଘର ରାଜ୍ୟ ସଭାପତି ଅବିନାଶ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ରାମଦାସ ଲିମା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏଥିସହ ସାମ୍ବାଦିକଙ୍କ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଏହି ଅବସରରେ ଓଡ଼ିଶା ପତ୍ରକାର ସଂଘର ୱେବସାଇଟ୍କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ରାଜ୍ୟ ଉପସଭାପତି ସୁରେଶ ଦାଶ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଧୃତିଧର ଦାସ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ମଣିପୁରରେ ଆଶାର କିରଣ

ଦୀର୍ଘ ଦୁଇବର୍ଷରୁ ଅଧିକ କାଳ ଧରି ଅଶାନ୍ତ ହୋଇପଡିଥିବା ମଣିପୁରରେ କେନ୍ଦ୍ର, ରାଜ୍ୟ ସରକାର ଏବଂ କୁକି-ଜୋ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷର ଏବଂ ଜାତୀୟ ରାଜପଥ-୨ ଖୋଲିବା ନିଷ୍ପତି ଦଙ୍ଗାଗ୍ରସ୍ତ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା କରିବାରେ ନୂତନ ଆଶାର କିରଣ ସୃଷ୍ଟି କରିଛି ବୋଲି କୁହାଯାଇପାରି । ରାଜ୍ୟର ଦୁଇ ପ୍ରଭାବଶାଳୀ ସଂପ୍ରଦାୟ ମୈତ୍ରେଇ ଏବଂ କୁକି-ଜୋ ମଧ୍ୟରେ ଥିବା ଉଗ୍ରବାଦର ଅବସାନ ସହ ଶାନ୍ତି ପ୍ରତିଷ୍ଠା ଲାଗି ସରକାର ଆଉ ଏକ ପାଦ ଅଗ୍ରସର ହୋଇଥିବା ମନେହୁଏ । କହିବା ବାହୁଲ୍ୟ ଯେ, ଗଲା ୨୦୨୩ ମସିହା ମେ' ମାସରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଉଗ୍ର ଜାତିଗତ ଦଙ୍ଗାଗୋଳ ସୃଷ୍ଟି ହେବାପରେ ଦୀର୍ଘ ଦୁଇବର୍ଷ ଧରି ଜାତୀୟ ରାଜପଥ-୨ ଅବରୋଧ ହୋଇରହିଥିଲା । ଏହା ନିସନ୍ଦେହ ଯେ, ରାଜ୍ୟରେ ୨ଟି ଯାନ ଘଟଣାବଳୀ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ମାଇଲଖୁଂଟ ସଦୃଶ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଗଲା ଫେବୃଆରୀ ମାସରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ପରଠାରୁ କାଁ ଭାଁ ହିଂସାକାଣ୍ଡ ଘଟଣା ଘଟିଥିବାବେଳେ ରାଜ୍ୟରେ ସାମାଜିକ, ରାଜନୈତିକ ଅସ୍ଥିରତା ହ୍ରାସରେ ବାସ୍ତବ ଉନ୍ନତି ପରିଲକ୍ଷିତ୍ ହୋଇଛି । ସେହିପରି ଗତ ଦୁଇବର୍ଷ ଧରି ଭୂଖଣ୍ଡକୁ ବିଭାଜିତ କରି ରଖିଥିବା ଜାତୀୟ ରାଜପଥ-୧ ର ଅବରୋଧ ହଟିବା ନେଇ ତ୍ରିପାକ୍ଷିକ ରାଜିନାମା ବାସ୍ତବ ପ୍ରଭାବ ପକାଇଛି । କହିବା ବାହୁଲ୍ୟ ଯେ, ଜାତୀୟ ରାଜପଥ-୨ ର ଅବରୋଧ ଗତ ଦୁଇବର୍ଷ ଧରି ମଣିପୁରକୁ ମୈତ୍ରେଇ ସମ୍ପ୍ରଦାୟ ବହୁଳ ଅଂଚଳ ଏବଂ କୁକି ବହୁଳ ପାର୍ବତ୍ୟାଂଚଳକୁ ଦୁଇଭାଗ କରି ରଖିଥିଲା । ଏହା ନିସନ୍ଦେହ ଯେ, ଜାତୀୟ ରାଜପଥ-୨ ପୁନର୍ବାର ଚଳଚଂଚଳ ହେବା ରାଜ୍ୟରେ ଦୈନନ୍ଦିନ ଜୀବନଯାତ୍ରା ଓ ଅର୍ଥନୈତିକ କାର୍ଯ୍ୟକଳାପକୁ ସ୍ୱାଭାବିକ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚିତ ହୁଏ । ଏହା ନିଶ୍ଚିତ ଯେ, ଜାତିଆଣ ଦଙ୍ଗା ପ୍ରପିଡିତ ମଣିପୁରରେ ଶାନ୍ତି ପ୍ରତିଷ୍ଠା ଲାଗି ପୂର୍ବରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଫଳ କିମ୍ବା ଅଟକି ରହିଥିଲା । ଗତ ମାର୍ଚ୍ଚ ମାସରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିନା ପ୍ରତିବନ୍ଧକରେ ରାଜ୍ୟବ୍ୟାପୀ କଟକଣା ମୁକ୍ତ ଚଳପ୍ରଚଳ ପାଇଁ ଆହ୍ୱାନ ଦେବା ପରେ ସେହିଦିନ ହିଁ ଏହା ବିଫଳ ପ୍ରମାଣିତ ହୋଇଯାଇଥିଲା । ତେବେ ଏଥିରେ ମୁଖ୍ୟ ପ୍ରତିବନ୍ଧକ ଥିଲା କେନ୍ଦ୍ରୀୟ ବାହିନୀର ଅପରେସନ । କିନ୍ତୁ ତ୍ରିପାକ୍ଷିକ ରାଜିନାମାରେ ସଶସ୍ତ୍ର ବାହିନୀ ଏବଂ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ତଥା କାର୍ଯ୍ୟକଳାପ ସ୍ଥଗିତ ରଖିବା ବ୍ୟବସ୍ଥା ରହିଛି । ଉଭୟ ସଶସ୍ତ୍ର ବାହିନୀ ଓ ବିଦ୍ରୋହୀ ଗୋଷ୍ଠୀ ନିଜ ନିଜ ଶିବିରରେ ସୀମାବଦ୍ଧ ହୋଇ ରହିବା ସହ ଅସ୍ତ୍ରଶସ୍ତ୍ରଗୁଡିକୁ ଭଣ୍ଡାରରେ ରଖିବେ, ଯାହାକି ନିୟମିତ ତଦାରଖ ମଧ୍ୟରେ ରହିବ । ଉଲ୍ଲେଖଯୋଗ୍ୟ ଯେ, ୨୦୨୩ରେ ଜାତିଆଣ ବିବାଦ ଆରମ୍ଭ ହେବାର ଦୁଇମାସ ପୂର୍ବରୁ ତତ୍‌କାଳୀନ ଏନ. ବିରେନ ସିଂହ ସରକାର ଏହାକୁ ପ୍ରତ୍ୟାହାର କରିନେଇଥିଲେ । ଯାହାକି ପରିସ୍ଥିତିକୁ ଜଟିଳ କରିଦେଇଥିଲା । ତେବେ ଦୁଇ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତ୍ରେଇ ଓ କୁକି ଜୋ ମଧ୍ୟରେ ଥିବା ଅସନ୍ତୋଷ, ବିବାଦ ଏବେ ଶୀଘ୍ର ଦୂରହେବା ଆଦୌ ସହଜ ନୁହେଁ ବୋଲି କହିଲେ ଭୁଲ ହୋଇନପାରେ । ଇମ୍ଫାଲ ସ୍ଥିତ ମୈତ୍ରେଇ ସଂଗଠନ 'ସିଓସିଓଏମଆଇ' ରାଜିନାମାକୁ ନିନ୍ଦା କରିଛି । କେବଳ ଏତିକି ନୁହେଁ, ଉଗ୍ରପନ୍ଥୀ ଗୋଷ୍ଠୀକୁ ରାଜିନାମା ଆଇନଗତ ମାନ୍ୟତା ଦେଇଛି ବୋଲି ସଂଗଠନ ପକ୍ଷରୁ ଏକ ବିବୃତିରେ ଅଭିଯୋଗ କରାଯାଇଛି । ସେହିପରି କୁକି-ଜୋ ପରିଷଦ କହିଛି ଯେ, ଜାତୀୟ ରାଜପଥ-୨ କେବେହେଲେ ଅବରୋଧ ନଥିଲା । ଇତି ମଧ୍ୟରେ ଭାରତ ମ୍ୟାମାର ମଧ୍ୟରେ ମୁକ୍ତ ଚଳପ୍ରଚଳ ପାଇଁ ଦାବି କରି ସୀମାନ୍ତରେ ତାରବାଡ ନିର୍ମାଣକୁ ମିଳିତ ନାଗା କାଉନସିଲ ବିରୋଧ କରିଛି । ମିଳିତ ନାଗା କାଉନସିଲର ପ୍ରତିବାଦ ଯୋଗୁଁ ଜାତୀୟ ରାଜପଥ-୨ରେ ନାଗା ଅଧ୍ୟୁଷିତ ସେନାପତି ଜିଲ୍ଲାକୁ ଚଳପ୍ରଚଳ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଏହା ସତ୍ୟ ଯେ, ଯଦି ମଣିପୁରରେ ବିଦ୍ରୋହୀ ଗୋଷ୍ଠୀ ପ୍ରଭାବିତ ରାଜନୀତିର ଅବସାନ ଘଟେ, ତେବେ ନୂତନ ରାଜିନାମା ରାଜନୈତିକ ସ୍ତରରେ ଆଲୋଚନା ଆରମ୍ଭ କରିବା ଆବଶ୍ୟକ । ଯାହାଦ୍ୱାରା ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ । ହିଂସାକାଣ୍ଡର ଦୁଇବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଥର ପାଇଁ ଆସନ୍ତା ସପ୍ତାହରେ ମଣିପୁର ଗସ୍ତରେ ଯିବା କାର୍ଯ୍ୟକ୍ରମ ରହିଛି । ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇପାରେ । କହିବା ବାହୁଲ୍ୟ ଯେ, ଗଲା ଦୁଇବର୍ଷ ଧରି ଲାଗି ରହିଥିବା ମଣିପୁର ଜାତିଗତ ଦଙ୍ଗାରେ ଅତିକମରେ ୨୬୦ ଜଣଙ୍କ ଜୀବନ ଯାଇଥିବାବେଳେ ୫୦ହଜାରରୁ ଉର୍ଦ୍ଧ୍ୱ ବାସଚ୍ୟୁତ ହୋଇଥିଲେ । ଏହା ସତ୍ୟ ଯେ, ବିରେନ୍ଦ୍ର ସିଂହଙ୍କ ସରକାରର ପକ୍ଷପାତମୂଳକ କାର୍ଯ୍ୟକଳାପ ଏବଂ କେନ୍ଦ୍ର ନେତୃତ୍ୱର ନୀରବତା ପରିସ୍ଥିତିକୁ ଅଣାୟତ କରିଦେଇଥିଲେ । ରାଜ୍ୟରେ ଏଣିକି ଶାନ୍ତି ପ୍ରତିଷ୍ଠା ହେଉ, ଏହାହିଁ ସବୁଗୋଷ୍ଠୀ କାମନା କରିବା ଜରୁରୀ ।

# ବାଙ୍ଗିରିପୋଷିର ପାହାଡ଼ ଯାତ୍ରା

**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

ଓଡ଼ିଶାର ପ୍ରାଚୀନତମ ଜନଜାତି ଆଦିବାସୀ ସମାଜର ବର୍ଷ ତମାମ ବିଭିନ୍ନ ପର୍ବପର୍ବାଣୀ ରହିଥାଏ । ଓଡ଼ିଶାର ବିଭିନ୍ନ ଜନଜାତି ଓ ସେମାନଙ୍କ ଆବହମାନ ସଂସ୍କୃତିର ପୂଜା ପଦ୍ଧତି ଭିତରେ ପାହାଡ଼ୀ ପୂଜା ଅନ୍ୟତମ । ଅନେକ ହୁଏତ ଜାଣିନଥିବେ ଓଡ଼ିଶାର ବଡ଼ ଜିଲ୍ଲାର ମର୍ଯ୍ୟାଦା ପାଇଥିବା ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷୀ ଅନ୍ତର୍ଗତ ବଡ଼ଗାଁ, ଭୂଆସୁଣୀ ଓ ବୁଢ଼ୀ ଖମାରୀ ଏହିପରି ତିନୋଟି ଗ୍ରାମ ପଞ୍ଚାୟତକୁ ଘେରି ରହିଛି ସୁଉଚ୍ଚ ପାହାଡ଼ । ଯାହାକୁ ସମସ୍ତେ ସାତପୁଟୁଳୀ ପାହାଡ଼ ନାମରେ ଜାଣନ୍ତି । ସମ୍ଭବତଃ ସାତଗୋଟି ପାହାଡ଼ର ସମାହାରକୁ ନେଇ ଗଢ଼ି ଉଠିଥିବାରୁ ଏହି ପାହାଡ଼ର ନାମକରଣ ସାତପୁଟୁଳି ପାହାଡ଼ ହୋଇଛି । ପାହାଡ଼ର ଅଗ୍ରଭାଗରେ ମା'ସାତପୁଟୁଳୀ ଠାକୁରାଣୀଙ୍କ ପ୍ରତିବର୍ଷ ମାଘ ମାସ ତୃତୀୟ ଗୁରୁବାର ଦିନ ବର୍ଷରେ ଥରଟିଏ ପାଇଁ ଏକ ବଡ଼ ପାହାଡ଼ ମେଳାର ଆୟୋଜନ ହୋଇଥାଏ । ତିନୋଟି ଗ୍ରାମ ପଞ୍ଚାୟତର ଛତିଶଟି ଗାଁ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆଦିବାସୀମାନେ ଏହି ପାର୍ବଣରେ ସାମିଲ ହୋଇଥାନ୍ତି । ଓଡ଼ିଶା ବାହାରୁ ମଧ୍ୟ ଆଦିବାସୀ ଭକ୍ତଙ୍କ ସମାଗମ ହୋଇଥାଏ ।

ପ୍ରତିବର୍ଷ ମାଘ ମାସର ତୃତୀୟା ଗୁରୁବାର ଦିନ ମା'ଙ୍କ ବାର୍ଷିକ ପାହାଡ଼ୀ ପୂଜା ଅନୁଷ୍ଠିତ ହୋଇଥାଏ । ବାଙ୍ଗିରିପୋଷିର ପାହାଡ଼ ଯାତ୍ରା ସମଗ୍ର ଉତ୍ତର ଓଡ଼ିଶାରେ ସର୍ବବୃହତ୍ ପାହାଡ଼ ମେଳା (ହିଲ ଫେଷ୍ଟିଭାଲ) ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ମେଳାଟି ମାତ୍ର ଗୋଟିଏ ଦିନ ପାଇଁ ଅନୁଷ୍ଠିତ ହୋଇଥାଏ । ସୂର୍ଯ୍ୟ ଉଦୟ ଠାରୁ ଆରମ୍ଭ ହୋଇ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ୧୨ଘଣ୍ଟା ଧରି ପାହାଡ଼ର ଶୀର୍ଷରେ ଏହି ମେଳା ଲାଗିଥାଏ । ଠାକୁରାଣୀଙ୍କ ଏହି ବାର୍ଷିକ ପାହାଡ଼ୀ ପୂଜା ପରେ ମୟୂରଭଞ୍ଜ ଜିଲ୍ଲା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ଭକ୍ତ ଓ ମାନସିକଧାରୀମାନେ ନିଜର ମାନସିକ ପୂରଣ ହେବାପରେ ଛେଳି, କୁକୁଡ଼ା, ମେଣ୍ଢା, ପାରା ଆଦି ସାଥିରେ ଆଣି ମା'ଙ୍କୁ ଅର୍ପଣ କରିଥାନ୍ତି । ସେ ଦିନ ପଶୁ, ପକ୍ଷୀଙ୍କ ରକ୍ତରେ ସାତପୁଟୁଳି ଠାକୁରାଣୀ ପାହାଡ଼ର ଶୀର୍ଷ ଦେଶ ଏକ ପ୍ରକାର ରକ୍ତରଞ୍ଜିତ ହୋଇଉଠେ ।

ଭୁଆସୁଣୀରୁ ଚାରି କିଲୋମିଟର ରାସ୍ତା ଅତିକ୍ରମ କରିବା ପରେ ପାହାଡ଼ର ଶୀର୍ଷ ଦେଶକୁ ପ୍ରାୟ ୪ କିଲୋମିଟର ଦୁର୍ଗମ ପାହାଡ଼ିଆ ରାସ୍ତାରେ ଚାଲିଚାଲି ପାହାଡ଼ର ଶୀର୍ଷ ପ୍ରଦେଶରେ ପହଞ୍ଚିବାକୁ ହୋଇଥାଏ । କେବଳ ଭୁଆସୁଣୀ ପଟୁ ନୁହେଁ ବରଂ ସାତପୁଟୁଳି ପାହାଡ଼ର ଶୀର୍ଷଦେଶରେ ପୂଜିତ ଠାକୁରାଣୀଙ୍କ ନିକଟକୁ ଯିବା ପାଇଁ ପାହାଡ଼ର ଚତୁଃପାର୍ଶ୍ୱରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପାଦଚଲା ରାସ୍ତା ରହିଛି । ଭକ୍ତମାନେ ନିଜ ଇଚ୍ଛା ଅନୁଯାୟୀ ଯେକୌଣସି ପଥ ଦେଇ ପାହାଡ଼ ଚୂଡ଼ାରେ ପହଞ୍ଚିଥାନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ମା'ସାତ ପୁଟୁଳି ପ୍ରତିଦିନ ଭୁଆସୁଣୀ ପଞ୍ଚାୟତର ଚାକଦର ଗାଁରେ ପୂଜା ପାଇଥାନ୍ତି । ମା'ଙ୍କ ନିର୍ଦ୍ଦେଶ ଅନୁସାରେ, ପ୍ରତିବର୍ଷ ମାଘ ମାସର ତୃତୀୟ ଗୁରୁବାର ଦିନ ସାତଟି ପାହାଡ଼ର ମଧ୍ୟ ଦେଶରେ ଥିବା ଏକ ବିସ୍ତୀର୍ଣ୍ଣ ଚଟାଣ ଉପରେ ମା'ଙ୍କ ଆସ୍ଥାନରେ ବାର୍ଷିକ ପୂଜା ପାଳିତ ହୋଇଥାଏ । ବହୁବର୍ଷ ପୂର୍ବେ ଏଠାରେ ଜଣେ ଖଡ଼ିଆ ଜନଜାତିର ପୂଜକ ମା'ଙ୍କୁ ପୂଜା କରୁଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ଉତ୍ତରାଧିକାରୀ କେହି ନରହିବାରୁ ମା'ଙ୍କ ପୂଜା ବନ୍ଦ ରହିଥିଲା । ପରେ ଚାକଦର ଗାଁର ବାଥୁଡ଼ି ସଂପ୍ରଦାୟର ପୂଜକ ପୁରୁଷୋତ୍ତମ ନାୟକଙ୍କୁ ସ୍ୱପ୍ନାଦେଶ ହେବାରୁ ମା'ଙ୍କୁ ପୂଜା ପୁଣି ଆରମ୍ଭ ହୋଇଥିଲା । ଏହା ପରଠାରୁ ଠାକୁରାଣୀଙ୍କୁ ବାଥୁଡ଼ି ପୂଜକ ପୂଜା କରିଆସୁଛନ୍ତି । ପୁରୁଷୋତ୍ତମଙ୍କ ପରେ ତାଙ୍କର ପୁତ୍ର ପଞ୍ଚୁ ନାଏକ, ତାଙ୍କ ପୁଅ ଲକ୍ଷ୍ମଣ ନାଏକ ଏବଂ ବର୍ତ୍ତମାନ ଲକ୍ଷ୍ମଣଙ୍କ ପୁତ୍ର ଶରତ ଚନ୍ଦ୍ର ନାଏକ ଠାକୁରାଣୀଙ୍କୁ ପୂଜା ମା'ଙ୍କୁ ପୂଜା କରୁଛନ୍ତି । ମୟୂରଭଞ୍ଜର ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓ ମା'ଙ୍କ ପୂଜା ପାଇଁ ସାଢ଼େ ୯ମାଣ ଜମି ଦାନ କରିଛନ୍ତି ।

ଏହା ବ୍ୟତୀତ ବାଙ୍ଗିରିପୋଷି ବ୍ଲକ ସଦର ମହକୁମା ଠାରୁ ୧୩ କିଲୋମିଟର ଦୂର ନିଶ୍ଚିନ୍ତା ପଞ୍ଚାୟତର ଦୁବୁଲାବେଡା ଗାଁ ଉପକଣ୍ଠରେ ଥିବା ସାନଗାଡ଼ରା ପାହାଡ଼ ଓ ପାହାଡ଼ ଗୁମ୍ଫା ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ଭାବେ ନିଜର ପରିଚୟ ସୃଷ୍ଟି କରିଛି । ଏହି ପାହାଡ଼କୁ ସ୍ଥାନୀୟ ଅଞ୍ଚଳରେ ଖଡ଼ିଆ ରାଜା ପାହାଡ଼ କିମ୍ବା ବୁଢ଼ାବୁଢ଼ୀ ପାହାଡ଼ କୁହାଯାଇଥାଏ । ଚାରି କିଲୋମିଟର ଘଞ୍ଚ ଜଙ୍ଗଲପୂର୍ଣ୍ଣ ପାହାଡ଼ିଆ ରାସ୍ତା ଚାଲିକରି ଗଲାପରେ ସାନଗାଡ଼ରା ପାହାଡ଼ ପଡ଼େ ଏବଂ ଏହି ପାହାଡ଼ର ୫୦୦ ମିଟର ଉପରକୁ ଉଠିଗଲା ପରେ ଏଠାରେ ଅନେକ ପାହାଡ଼ ଗୁମ୍ଫା ଦୃଶ୍ୟମାନ ହୋଇଥାଏ । ଏଠାରେ ମଧ୍ୟ ପ୍ରତିବର୍ଷ ଗୁମ୍ଫା ଯାତ୍ରା ଅନୁଷ୍ଠିତ ହୋଇଥାଏ ।

ଖଡ଼ିଆ ରାଜା ପାହାଡଟିକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ଅଦ୍ଭୁତ ବିଶ୍ୱାସ ରହିଛି । ପ୍ରତିବର୍ଷ ବର୍ଷା ଋତୁରେ ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଏହି ପାହାଡଟି ଉପରେ ସର୍ବାଧିକ ବଜ୍ରପାତ ହୋଇଥାଏ । ଏଠାରେ ପ୍ରତିବର୍ଷ ଡିସେମ୍ବର ଜାନୁଆରି ମାସ ବେଳକୁ ପାହାଡ଼ୀ ଗୁମ୍ଫା ପୂଜା ଅନୁଷ୍ଠିତ ହୋଇଥାଏ । ସାନଗାଡ଼ରା ପାହାଡ଼ରେ ଥିବା ଏହି ଗୁମ୍ଫାରେ କୌଣସି ଖଡ଼ିଆ ସଂପ୍ରଦାୟର ରାଜା ମୂର୍ତ୍ତି ନିର୍ମାଣ କରି ଦେବ, ଦେବୀଙ୍କୁ ଉପାସନା କରୁଥିବାର ବିଶ୍ୱାସ କରାଯାଏ । ଏଠାରେ ନାଗେଶ୍ୱର ମହାଦେବ ପୂଜା ପାଇଥାନ୍ତି । ଖଡ଼ିଆରାଜା ପାହାଡ଼ର ପୂର୍ବ ଦିଗରେ ଗଜା ପାହାଡ଼, ପଶ୍ଚିମରେ ଜିଲିଂବୁରୁ, ସିନ୍ଦୁରବୁରୁ, ହେସେଲବୁରୁ, ଉତ୍ତର ଦିଗରେ ବୁଢ଼ାବୁଢ଼ୀ ପାହାଡ଼ ଏବଂ ଦକ୍ଷିଣ ଦିଗରେ ସାନଚାତରା, ବଡ଼ଚାତରା ଭଳି ସୁଉଚ୍ଚ ପାହାଡ଼ ରହିଛି । ଖଡ଼ିଆ ରାଜା ପାହାଡ଼ରେ ନାଗେଶ୍ୱର ମହାଦେବଙ୍କ ସମେତ ବୁଢ଼ାବୁଢ଼ୀ ଠାକୁର ଠାକୁରାଣୀ ପୂଜା ପାଇଥାନ୍ତି । ଏଠାରେ ଥିବା ଗୁମ୍ଫାରେ ଖଡ଼ିଆ ରାଜା ବହୁ ସଂଖ୍ୟାରେ ଅସ୍ତ୍ରଶସ୍ତ୍ର ରଖିଥିଲେ ବୋଲି ଗ୍ରାମବାସୀଙ୍କ ମୁହଁରୁ ଶୁଣିବାକୁ ମିଳେ । ଏଠାରେ ଏକ ବିଶାଳ ଗୁମ୍ଫା ଯାତ୍ରା ଅନୁଷ୍ଠିତ ହୋଇଥାଏ । ଖଡ଼ିଆ ରାଜା ପାହାଡ଼କୁ ନେଇ ଏକ କିମ୍ବଦନ୍ତୀ ରହିଛି । ଥରେ ଖଡ଼ିଆ ରାଜା ଏହି ପାହାଡ଼ ଉପରେ ବିଚରଣ କରୁଥିବା ଦୁଇଜଣ ବୁଢ଼ାବୁଢ଼ୀଙ୍କୁ ମାରିବାକୁ ଗୋଡ଼ାଇବାବେଳେ ବୁଢ଼ାବୁଢ଼ୀ ସେଠାରେ ବିଗ୍ରହ ପାଲଟିଯାଇଥିଲେ । ରାଜା ନିଜର ଭୁଲ ବୁଝିପାରି ବିଗ୍ରହ ପାଲଟି ଯାଇଥିବା ବୁଢ଼ାବୁଢ଼ୀଙ୍କୁ ପୂଜା କରିବାକୁ ଆରମ୍ଭ କଲେ ଏବଂ ସେହିଦିନ ଠାରୁ ପାହାଡ଼ଟି ବୁଢ଼ାବୁଢ଼ୀ ପାହାଡ଼ ଭାବେ ଖ୍ୟାତ ହୋଇଥିଲା ।

ବାଙ୍ଗିରିପୋଷୀ ସନ୍ନିକଟ କଳାବାଡ଼ିଆର ଆମ୍ଭେଲିପାଟର ଠାକୁରାଣୀ ପାହାଡ଼ ଏବଂ ଏଠାରେ ପୂଜା ପାଉଥିବା ପ୍ରତ୍ୟକ୍ଷ ଦେବୀ ମା'ଆମ୍ବିଲିପାଟ ଠାକୁରାଣୀ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଆରାଧ୍ୟ ଦେବୀ । ସ୍ଥାନୀୟ ଅଞ୍ଚଳବାସୀ ଏହି ପାହାଡ଼ଟିକୁ ଠାକୁରାଣୀ ପାହାଡ଼ ଭାବେ ଜାଣନ୍ତି । ରଜ ସଂକ୍ରାନ୍ତିରେ ବାର୍ଷିକ ପାହାଡି ପୂଜା ଯାହାକୁ ସ୍ଥାନୀୟ ଭାଷାରେ ପାହାଡ଼ ଯାତ୍ରା କୁହାଯାଏ । ଏଥିରେ ଅନେକ ଭକ୍ତଙ୍କର ସମାଗମ ହୋଇଥାଏ କିନ୍ତୁ ଏଠାରେ ପଶୁପକ୍ଷୀଙ୍କୁ ବଳୀ ଦିଆଯାଇଥାଏ । ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଶକ୍ତିପୀଠ ମଧ୍ୟରେ ବାଙ୍ଗିରୀପୋଷି ଘାଟି ବା ବାମନ ଘାଟିରେ ଥିବା ପ୍ରତ୍ୟକ୍ଷ ଦେବୀ ଦ୍ୱାରଶୁଣୀଙ୍କ ପୀଠ ରହିଛି । ବିଶ୍ୱାସ ରହିଛି ମା'ଦ୍ୱାରଶୁଣୀଙ୍କୁ ଯାହା ଇପସିତ୍ ସଂକଳ୍ପ ପ୍ରାର୍ଥନା କଲେ ସେ ତାହା ରକ୍ଷା କରନ୍ତି ।


ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୯୪୩୭୨୪୨୩୧୭

E-mail : drbichitranandaacharya@gmail.com


# ଆମେ ଏବେ କେଉଁଠି ?

**ଗୋପାଳ ମହାପାତ୍ର**

ବାବାସାହେବ ଆମ୍ବେଦକରଙ୍କ ଉପରେ ଲିଖିତ ଏକ ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ ବାବାସାହେବ ସମ୍ବିଧାନରେ ଥିବା କେତେକ ଅନ୍ତର୍ବିରୋଧ ସମ୍ପର୍କରେ ସମ୍ବିଧାନ ସଭାର ଅନ୍ୟସଦସ୍ୟ ମାନଙ୍କୁ ସୂଚନା ଦେବାସହ ସେସବୁର ସୀମାକୁ ରେଖାଙ୍କିତ କରିଥିଲେ । ଦେଶର ପ୍ରଥମ ଆଇନ ମନ୍ତ୍ରୀଭାବେ ସେ ଏକ ସାକ୍ଷାତକାରରେ କହିଥିଲେ ସମ୍ବିଧାନ ଠିକ୍ ଲୋକଙ୍କ ହାତରେ ରହିଲେ ଆଚ୍ଛା/ଠିକ୍ ସିଦ୍ଧ ହେବ, କିନ୍ତୁ ଖରାପ ଲୋକଙ୍କ ହାତକୁ ଯଦି ଚାଲିଯିବ ତେବେ ସବୁ କିଛି ଭୁଲଭାଲ ହୋଇଯିବ । ଆମ୍ବେଦକର ଚେତାଇ ଦେଇଥିଲେ "ସମ୍ବିଧାନର କାର୍ଯ୍ୟକାରୀତା କେବଳ ସମ୍ବିଧାନର ସ୍ୱରୂପ ଉପରେ ନିର୍ଭର କରେନାହିଁ । ସମ୍ବିଧାନ କେବଳ ବିଧାୟିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଭଳି ଅଙ୍ଗ ମାନଙ୍କର ପ୍ରାବଧାନ କରିପାରେ କିନ୍ତୁ ସେସବୁ ଅଙ୍ଗର ସ ାଳନ ଲୋକ ବା ଜନସାଧାରଣ ଏବଂ ସେମାନଙ୍କ ଦ୍ୱାରା ନିଜର ଆକାଂକ୍ଷା ତଥା ନିଜର ରାଜନୈତିକ ପୂର୍ତ୍ତି ପାଇଁ ଗଠନ କରାଯାଇଥିବା ରାଜନୈତିକ ଦଳ ଉପରେ ନିର୍ଭର କରେ । ଯଦି ରାଜନୈତିକ ଦଳ ମାନେ ସେମାନଙ୍କ ସ୍ୱାର୍ଥକୁ ଦେଶରୁ ଉର୍ଦ୍ଧ୍ୱରେ ବୋଲି ଭାବନ୍ତି ତେବେ ଆମ ସ୍ୱାଧିନତା ପୁଣିଥରେ ବିପଦରେ ପଡିଯିବ ଏବଂ ସମ୍ଭବତଃ ସବୁବେଳେ ଶେଷ ହୋଇଯିବ" । ଏବେ ଦେଖାଯାଉଛି ବାବାସାହେବ ଦେଇଥିବା ସେହି ଚେତାବନୀ ସତ୍ୟରେ ପରିଣତ ହେବାକୁ ଯାଉଛି । ଆନ୍ତର୍ଜାତୀୟ ସୂଚକାଙ୍କ ଅନୁସାରେ ଆମ ସ୍ୱାଧିନତା ଆଂଶିକ ହୋଇଯାଇଛି ଏବଂ ଗଣତନ୍ତ୍ର ଲଙ୍ଗଡା ବା ଛୋଟା ହୋଇଯାଇଛି । ଏହାର ଅର୍ଥ ନୁହେଁ ଯେ ସମ୍ବିଧାନ ଖରାପ ହାତରେ ପଡିଯିବାର ସୂଚନା ଏବେ ଅଚାନକ ଜଣାପଡିଛି ।

ପୂର୍ବରୁ ଅନେକବାର ବିଶେଷକରି ୧୯୭୫ରେ ଦେଶର ଲଗାଯାଇଥିବା ଜରୁରୀ କାଳୀନ ପରିସ୍ଥିତି ବେଳେ ସମ୍ବିଧାନ ଖରାପ ହାତକୁ ଚାଲିଯାଇଥିଲା ବୋଲି ମଧ୍ୟ ଜଣାପଡିଥିଲା କିନ୍ତୁ ସେତେବେଳର ସମୟ ଏବଂ ଆଜିର ସମୟ ମଧ୍ୟରେ ତଫାତ୍ ଅନେକ । ସେତେବେଳେ ଜରୁରୀ କାଳୀନ ପରିସ୍ଥିତି ଏକ ଅପ୍ରତ୍ୟାଶିତ ଦୁର୍ଘଟଣା ଭଳି ସାମନାକୁ ଆସିଥିଲା ହେଲେ ଏବେ ଏହା ବହୁତ ସଚେତ ଏବଂ ସୁଚିନ୍ତିତ ତଥା ସୁନିୟୋଜିତ ଢ଼ଙ୍ଗରେ ସାମନାକୁ ଆସିଛି । ଅବସ୍ଥା ଏଭଳି ହେଲାଣି ଯେ ଏହାକୁ ଜରୁରୀ କାଳୀନ ପରିସ୍ଥିତି ଭଳି କୌଣସି ପ୍ରାବଧାନର ଆଳ ଦେବାର ଆବଶ୍ୟକତା ନାହିଁ । ଏହାର କାରଣ ମଧ୍ୟ ସ୍ପଷ୍ଟ । ଏବେ ସୁଚିନ୍ତିତ ଯୋଜନା ଅନୁସାରେ ସମ୍ବିଧାନ ଦିବସ ପାଳନ କରୁଥିବା ଲୋକେ ସମ୍ବିଧାନର ମଜା ଉଡାଇବାର ଉଦ୍ୟମ ଆରମ୍ଭ କରିଦେଇଛନ୍ତି । ଅନେକେ ପ୍ରଶ୍ନ କରିପାରନ୍ତି ଏମିତି କେମିତି କରାଯାଇପାରୁଛି ? ଏକଥା ବୁଝିବା ମଧ୍ୟ ସହଜ । ଶାସକ ଦଳ ସୁବିଧା ପାଇଲେ ସମ୍ବିଧାନକୁ ଅସୁବିଧାଜନକ ବୋଲି ଭାବିବାସହ ଏହାର ସମୀକ୍ଷା ମଧ୍ୟ ତାଙ୍କ ଇଚ୍ଛା ଅନୁସାରେ କରୁଛନ୍ତି । ସମ୍ବିଧାନର ପ୍ରସ୍ତାବନାରୁ ଧର୍ମନିରପେକ୍ଷ ଏବଂ ସମାଜବାଦ ଶବ୍ଦ ଦୁଇଟିକୁ ଉଠାଇ ଦିଆଯିବା ପାଇଁ ବିମର୍ଷ ପାଇଁ ପ୍ରୋତ୍ସାହିତ କରି ସମ୍ବିଧାନର ଆତ୍ମା ସହ ଖେଳ ଖେଳିବା ଆରମ୍ଭ କରିଦେଇଛନ୍ତି । ଏତିକି ନୁହେଁ ସରକାର ବା ସଂସଦ ପାଖରେ ଉତ୍ତରଦାୟୀ ସାମ୍ବିଧାନିକ ଅଧିକାରୀ ମାନେ ସେମାନଙ୍କର ଭୂମିକାର କ୍ରମାଗତ ଅବମୂଲ୍ୟାୟନ କରୁଥିଲେ ମଧ୍ୟ ଦେଶର ସରକାରକୁ ଏହା ଅଗଣତାନ୍ତ୍ରିକ ଲାଗୁନାହିଁ ।

ଏକ ଉଦାହରଣ ରପେ ଜଗଦୀପ ଧନଖଡ଼େଙ୍କୁ ନିଆଯାଇପାରେ । ଜଗଦୀପ ଧନଖଡ଼େ ସଂସଦକୁ ସର୍ବ ଶକ୍ତିମାନ କହୁଥିଲେ । କିନ୍ତୁ ଯେଉଁ ସଂସଦ ତାଙ୍କୁ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ କରିଥିଲା, ଇସ୍ତଫା ପରେ ସେଇ ସଂସଦ ଧନଖଡ଼େଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯିବା ପାଇଁ ଇଚ୍ଛା ପ୍ରକାଶ କଲାନାହିଁ । ସବୁଠୁ ସମ୍ବେଦନଶୀଳ କଥା ହେଉଛି ସେ ଏବେ କେଉଁଠି ? ସେ କେଉଁଠି ଅଛନ୍ତି ସେ ନେଇ ଅନେକ ପ୍ରକାରର ଚର୍ଚ୍ଚା ଶୁଣାଯାଉଛି । ଉପରାଷ୍ଟ୍ରପତି ଥିବା ବେଳେ ଧଡ଼ଖଡ଼େ ସଂସଦ (ରାଜ୍ୟସଭା)ର ମର୍ଯ୍ୟଦାକୁ ଭୁଲିଯାଇଥିଲେ ଏବଂ ଶାସକ- ବିରୋଧିଙ୍କ ମଧ୍ୟରେ ଯେମିତି ଭେଦଭାବ କରିଥିଲେ ସେଥିରେ ସଂସଦର ମର୍ଯ୍ୟଦା ହାନୀ ହେବା ସହ ରାଜ୍ୟସଭାର ଅଧ୍ୟକ୍ଷ ପଦବୀରେ ମର୍ଯ୍ୟଦା ହାନୀ ହୋଇଥିଲା ବୋଲି ଅନେକ ବୁଦ୍ଧିଜୀବିଙ୍କ ମତ । ରାଜ୍ୟସଭାର ଅଧ୍ୟକ୍ଷ ଥାଇ ସେ ଶାସକ ଦଳର ଏକ ପ୍ରକାରର ଭକ୍ତ ପାଲଟି ଯାଇଥିଲେ ବୋଲି ମଧ୍ୟ ବିରୋଧି ମାନେ ଅଭିଯୋଗ ଉଠାଇଥିଲେ । ସମ୍ବିଧାନ ନିର୍ମାତା ମାନେ ଦେଶରେ ସଂସଦୀୟ ଗଣତନ୍ତ୍ରର ସ୍ଥାପନା କରିଥିଲେ ଏବଂ ସଂସଦକୁ ସର୍ବୋଚ୍ଚ ବୋଲି ମାନିଥିଲେ । ସେଇଥିପାଇଁ ବ୍ୟବସ୍ଥା କରିଥିଲେ ଯେ ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳ ସେତେବେଳେ ପର୍ଯ୍ୟନ୍ତ ନିଜ ନିଜ ପଦବୀରେ ରହିପାରିବେ ଯେ ପର୍ଯ୍ୟନ୍ତ ସଂସଦ (ବିଶେଷ କରି ଲୋକସଭା) ତାଙ୍କ ଉପରେ ବିଶ୍ୱାସ ରଖିଥିବ । ଅନ୍ୟ ଅର୍ଥରେ କହିବାକୁ ଗଲେ ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ରହିବା ଓ ନରହିବା ସଂସଦ ହାତରେ ସମ୍ବିଧାନ ନିର୍ମାତା ମାନେ ସମର୍ପି ଦେଇଥିଲେ ।

ଲୋକସଭା ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ କିଏ ହେବ ସେକଥା ଘୋଷଣା କରାଯିବା ସମ୍ବିଧାନ ପ୍ରତି ଅକର୍ମଣ୍ୟତା ଦର୍ଶଇଥାଏ । ଯଦି ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ କିଏ ହେବ ସ୍ଥିର କରାଯିବ ତେବେ ସମ୍ବିଧାନ ଅନୁସାରେ ନିର୍ବାଚିତ ସଦସ୍ୟମାନେ ସେମାନଙ୍କ ନେତା (ପ୍ରଧାନମନ୍ତ୍ରୀ) ବାଛିବା କଥା କୁହାଯାଏ କାହିଁକି ? ଏହା ନିର୍ବାଚିତ ସଦସ୍ୟ ମାନଙ୍କର ଅଧିକାରର ଅବଜ୍ଞା ନୁହେଁକି ? ପ୍ରଧାନମନ୍ତ୍ରୀ ହେବା ନାମରେ ନିର୍ବାଚନ ଲଢ଼ିବା ଓ ଜିତିବା ପରେ ପ୍ରଧାନମନ୍ତ୍ରୀ ସର୍ବଶକ୍ତିମାନ ହୋଇଯିବା ସ୍ୱାଭାବିକ୍ । ପ୍ରଧାନମନ୍ତ୍ରୀଙ୍କ ନାମ ଏବଂ ଖ୍ୟାତିରେ ନିର୍ବାଚନ ଜିତୁଥିବା ଲୋକେ (କ୍ରମଶଃ)

# ଶ୍ରୀ ଗୁରୁ କଳ୍ପତରୁ ଶରଣ

**ଶ୍ରୀଗୁରୁ ଆଶ୍ରିତ ଅତୀଶ**

ଆମ ଓଡ଼ିଆ ମାନଙ୍କ ପ୍ରାଣ ମହାପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତର କାମନା ପୂର୍ଣ୍ଣ କରନ୍ତି ବୋଲି ସେ ବାଞ୍ଛାକଳ୍ପତରୁ ବୋଲି ତାଙ୍କୁ କୁହାଯାଏ । ଶ୍ରୀକ୍ଷେତ୍ର ଧାମରେ ମଧ୍ୟ ଶ୍ରୀ ମନ୍ଦିର ପରିସରରେ ରହିଛନ୍ତି କଳ୍ପତରୁ ସେ ମଧ୍ୟ ବାଞ୍ଛା ପୂର୍ଣ୍ଣ କରନ୍ତି । ହେଲେ ଆଜିର ବିଷୟ ଏ କଳ୍ପତରୁ କୌଣସି ବୃକ୍ଷ ନୁହନ୍ତି - ଏ ହେଉଛନ୍ତି ଗୁରୁ କଳ୍ପତରୁ । ଗୁରୁ ସର୍ବଦେବମୟ ହୋଇଥିବାରୁ ଗୁରୁ ମଧ୍ୟ ନିଜେ କଳ୍ପତରୁ । ଶ୍ରୀ ନାଭା ଗୋସ୍ୱାମୀଙ୍କ ଭାଷାରେ 'ଭକ୍ତି ଭକ୍ତି ଭଗବନ୍ତ ଗୁରୁ ଚତୁର ନାମ ବାପୁ ଏକ ଇନିକେ ପଦରଜ ବନ୍ଦନ କିଯେ ନାଶତ ବିଘ୍ନ ଅନେକ । ଶ୍ରୀ ଭକ୍ତମାଳ ସିଦ୍ଧାନ୍ତ ଅନୁସାରେ ଭକ୍ତ ଓ ଭଗବାନଙ୍କ ଠାରେ କୌଣସି ଅନ୍ତର ନାହିଁ । ଜୀବନ ସାରା ଭଗବାନଙ୍କୁ ନିରନ୍ତର ହୃଦୟରେ ଧାରଣା, ଗୁରୁନିଷ୍ଠା, ଅହରହ ନାମ ଶ୍ରବଣ, ସାଧୁବୈଷ୍ଣବ ସଙ୍ଗ ଓ ନିଜେ ଭାଗବତମୟ ଜୀବନ ଧାରଣରେ ସେ ନିଜେ ପାଲଟି ଯାଇଥିଲେ କଳ୍ପତରୁ ସେ ହେଉଛନ୍ତି ବୈଷ୍ଣବ କୁଳତିଳକ ନାମଚାର୍ଯ୍ୟ ଶ୍ରୀ ବାୟା ବାବା । ସେଥିପାଇଁତ ସେ କିଛି ଲେଖିବା ପୂର୍ବରୁ ଲେଖୁଥିଲେ 'ଓଁ ଶ୍ରୀଗୁରୁକଳ୍ପତରୁ ଶଚୀନନ୍ଦନ ଶରଣ ମମ' । ଏହା ସିଦ୍ଧ ମନ୍ତ୍ର ରୂପେ ତାଙ୍କର ଭକ୍ତ ସମାଜରେ ପରିଚିତ ଓ ସେଥିପାଇଁ ତାଙ୍କ ଆଶ୍ରମ ନାମ କଳ୍ପତରୁ ଆଶ୍ରମ ଓ ସେବା ସଂଘ ନାମ କଳ୍ପତରୁ ସେବାସଂଘ । ଶ୍ରୀବାୟାଙ୍କ ଆଶ୍ରମରେ ଭକ୍ତଜନ କଳ୍ପନା ଅନୁସାରେ ଫଳଦେବାକୁ ପଞ୍ଚକଳ୍ପତରୁ ଏକ ସାଙ୍ଗରେ ବିରାଜମାନ । ଏହି ପାଞ୍ଚ କଳ୍ପତରୁ ହେଲେ ଭଗବାନ କଳ୍ପତରୁ, ଶ୍ରୀନାମ କଳ୍ପତରୁ, ନିଗମକଳ୍ପତରୁ, ଭାଗବତଶାସ୍ତ୍ର, ଭକ୍ତକଳ୍ପତରୁ, ଶ୍ରୀଗୁରୁ କଳ୍ପତରୁ ।

ଭଗବାନ କଳ୍ପତରୁ : ଶ୍ରୀ କଳ୍ପତରୁ ଆଶ୍ରମରେ ଶ୍ରୀନୃସିଂହ, ରାଧାକୃଷ୍ଣ, ନିତାଇ ଗୌରାଙ୍ଗ, ଶ୍ରୀଚତୁର୍ଦ୍ଧାମୂର୍ତ୍ତି, ଶିବ ମା' ଅନ୍ନପୂର୍ଣ୍ଣା ଓ ମହାବଳୀ ହନୁମାନଙ୍କ ଶ୍ରୀବିଗ୍ରହ ମାନଙ୍କୁ ଯଥା ବିଧିରେ ପ୍ରାଣ ପ୍ରତିଷ୍ଠା କରି ପୂଜା କରାଯାଉଛି । ଆଉ କେତେକ ଦେବା ଦେବୀଙ୍କ ଶ୍ରୀବିଗ୍ରହ ବାୟାଙ୍କ ପାଖକୁ ଆସିଛନ୍ତି ମନକୁ ମନ ତାଙ୍କ ସେବା ପୂଜା ନେବା ପାଇଁ ଯଥା ବାବା ଖଣ୍ଡିଆ ମଠରେ ଥିବା ସମୟରେ ମାଳ ଜମିଦାରଙ୍କ ଘରେ ପୂଜା ପାଉଥିବା ଶ୍ରୀ ରାହାସ ବିହାରୀ ସ୍ୱପ୍ନରେ ନୃସିଂହ ରୂପ ଧାରଣ କରି ଜମିଦାରଙ୍କୁ କହିଲେ ମତେ ଯଦି କାଲି ସକାଳୁ ସେ ବାବାଜୀକୁ ନଦେବୁ ତାହେଲେ ତୋର ଛାତି ଚିରିଦେବି । ଏହି ଲୀଳା ବାବାଙ୍କ ଜୀବନି ବହି ପଢ଼ିଲେ ଜାଣିବେ । ତେଣୁ ଆଶ୍ରମର ଭଗବାନ କଳ୍ପତରୁ ନିତ୍ୟ ।

ନାମ କଳ୍ପତରୁ : ୧୯୫୩ ମସିହାରେ ବାବା ବୃନ୍ଦାବନରେ ଅବସ୍ଥାନ କରୁଥିବାବେଳେ ତାଙ୍କ ଶ୍ରୀଗୁରୁଦେବ ପରମବୈଷ୍ଣବବର୍ଯ୍ୟ ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ୱପ୍ନାଦେଶ ପାଇ ପ୍ରଥମେ ଶ୍ରୀଧାମ ବୃନ୍ଦାବନରେ ଅଖଣ୍ଡ ନାମ ପ୍ରତିଷ୍ଠା କରାଗଲା ଯାହା ଆଜି ପର୍ଯ୍ୟନ୍ତ ଚାଲିଛି ଜଗତ ମଙ୍ଗଳପାଇଁ । ତାପରେ କଟକ, କେନ୍ଦ୍ରାପଡ଼ା, ପୁରୀ ଓ ଭୁବନେଶ୍ୱର ଆଶ୍ରମରେ ଅଖଣ୍ଡ ନାମ ପ୍ରତିଷ୍ଠିତ ଆଜି ପର୍ଯ୍ୟନ୍ତ । ଶ୍ରୀ ନାମ ପ୍ରତିଷ୍ଠା କାୟମନୋବାକ୍ୟରେ ବାବାଙ୍କ ଶ୍ରୀଗୁରୁଙ୍କ ଆଦେଶ ଥିଲା ତାହା ତାଙ୍କ ଜୀବ ଜୀବନ ଥିଲା ଠାକୁର ହରିଦାସଙ୍କ ୩ଲକ୍ଷ ନାମ ଜପ କରି ତାଙ୍କ ଜୀବନ ଶ୍ୱାସ ଓ ପ୍ରଶ୍ୱାସରେ ଥିଲା ନାମନୁଶୀଳନ । ସର୍ବଦା ନାମ ଭିତରେ ରହଣି କୁଆଡ଼େ ଗଲେ ସାଙ୍ଗରେ ଅଖଣ୍ଡ ନାମ ସହିତ ଯାତ୍ରା ଏହିପରିକି ମଧ୍ୟ ରାତ୍ରରେ (କ୍ରମଶଃ)

# କଥା କମ, କାମ ବେଶୀ

**ପ୍ରକାଶ ଚନ୍ଦ୍ର ମହାନ୍ତି**

'କଥା କମ, କାମ ବେଶି' - ଏହି ସରଳ, ସହଜ ଏବଂ ଗଭୀର ଅର୍ଥପୂର୍ଣ୍ଣ ମବଟି ଆଜିକାଲିର ବ୍ୟସ୍ତ ଏବଂ ପ୍ରତିଯୋଗିତାପୂର୍ଣ୍ଣ ଦୁନିଆରେ ଅତ୍ୟନ୍ତ ପ୍ରାସଙ୍ଗିକ ହୋଇଉଠିଛି । ଏହା କେବଳ ଏକ ଉକ୍ତି ନହୋଇ ବରଂ ଜୀବନଯାପନ, କାର୍ଯ୍ୟ ସଂସ୍କୃତି ଏବଂ ବ୍ୟକ୍ତିଗତ ଉନ୍ନତିର ଏକ ଦର୍ଶନ । ଯେଉଁଠାରେ ବାକପଟୁତା ଏବଂ ଦେଖାବାଡିର ପ୍ରଭାବ ବଢ଼ିଚାଲିଛି, ସେଠାରେ ଏହି ମବ ଆମକୁ ମୂଳଭୂତ ମୂଲ୍ୟବୋଧଗୁଡିକ କଡେଇ ଆଣିବାରେ ସାହାଯ୍ୟ କରେ କର୍ମ, ଅନୁଶାସନ ଏବଂ ବିନୟ ମାଧ୍ୟମରେଫଆମ ଓଡ଼ିଆ ସଂସ୍କୃତି ଓ ସମାଜ, ପାରମ୍ପରିକ ଭାବରେ କର୍ମକୁ ଗୁରୁତ୍ୱ ଦେଇ ଆସିଛି । ଆମର ଶାସ୍ତ୍ରଗ୍ରନ୍ଥଗୁଡିକରେ 'କର୍ମଣ୍ୟେବାଧିକାରସ୍ତେ' ଅର୍ଥାତ୍ କେବଳ କର୍ମ କରିବାରେ ଆମର ଅଧିକାର ରହିଛି, ଫଳ ପାଇବାରେ ନୁହେଁ, ଏହି ବାଣୀ ରହିଛି । ଆମ ଲୋକକଥାରେ ମଧ୍ୟ 'କଥାରେ କି କାମ ଚଳେ, କାମରେ କଥା ଚଳେ' ବୋଲି କୁହାଯାଏ । କିନ୍ତୁ ଆଧୁନିକ ଯୁଗରେ ସୋଶିଆଲ ମିଡିଆ ଏବଂ ଅତ୍ୟଧିକ ମାନସିକ ଚାପ ଯୋଗୁ ଲୋକେ ସଫଳତାର ଉପରେ ଅଧିକ ଧ୍ୟାନ ଦେଉଛନ୍ତି ଏବଂ ସଫଳତା ହାସଲ କରିବାର ମାର୍ଗ ଉପରେ କମ୍ ଧ୍ୟାନ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ 'କଥା କମ୍ କାମ ବେଶି' ଏକ ଶକ୍ତିଶାଳୀ ପ୍ରତିକ୍ରିୟା ଅଟେ ଯାହା ଆମକୁ ମୂଳଭୂତ ଚିତ୍ତକୁ ଫେରିବାରେ ସାହାଯ୍ୟ କରେ । ମନୋବିଜ୍ଞାନ କହେ ଯେ ଯେତେବେଳେ ଆମେ କୌଣସି ଲକ୍ଷ୍ୟ ବିଷୟରେ ଅନ୍ୟମାନଙ୍କୁ କହିଦେଇ, ସେମାନଙ୍କଠାରୁ ମାନ୍ୟତା ବା ପ୍ରଶଂସା ପାଉଥାଉ ତାହା ଆମ ମସ୍ତିଷ୍କକୁ ଏକ ଛଦ୍ମ ସନ୍ତୁଷ୍ଟି ପ୍ରଦାନ କରେ । ଏହି ସନ୍ତୁଷ୍ଟି ଆମର ପ୍ରେରଣାକୁ ହ୍ରାସ କରିଥାଏ ଏବଂ ଲକ୍ଷ୍ୟ ପ୍ରା ପ୍ତି ପାଇଁ ଆବଶ୍ୟକ କଠିନ ପରିଶ୍ରମ କରିବାର ସ ମ୍ଭାବନା କମିଯାଏ । ଅର୍ଥାତ୍ ଆମର ମାନସିକ ଶକ୍ତିକୁ ନିଷ୍କ୍ରିୟ କରିଦେଇଥାଏ । ଏହାର ବିପରୀତ, ଯେଉଁମାନେ ଚୁପ୍‌ଚାପ କାମ କରନ୍ତି ସେମାନେ ନିଜର ସମସ୍ତ ଶକ୍ତି ଓ ଫୋକସ୍ ସିଧାସଳଖ କାର୍ଯ୍ୟ ଉପରେ କେନ୍ଦ୍ରିତ କରିପାରନ୍ତି, ଯାହାଫଳରେ ସଫଳତା ପାଇବାର ସ ମ୍ଭାବନା ବହୁଗୁଣିତ ହୋଇଥାଏ ।ବ୍ୟକ୍ତିଗତ ଜୀବନ ହେଉ କି ବୃତ୍ତିଗତ ଜୀବନ, ବିଶ୍ୱାସ ହେଉଛି ସମ୍ପର୍କର ମୂଳଦୁଆ । ଯେବେ ଆପଣ କମ୍ କଥା କହି ଅଧିକ କାମ କରନ୍ତି ତାହା ଆପଣଙ୍କ ଚାରିପାଖର ଲୋକଙ୍କ ମଧ୍ୟରେ ଆପଣଙ୍କ ପ୍ରତି ଏକ ଦୃଢ଼ ବିଶ୍ୱାସ ସୃଷ୍ଟି କରେ । ସେମାନେ ଜାଣନ୍ତି ଯେ ଆପଣ ଯାହା କହିବେ, ତାହା ପୂରଣ କରିବେ । ଏହି ବିଶ୍ୱସନୀୟତା ଆପଣଙ୍କୁ ଏକ ଭରସାଯୋଗୀ ସାଥୀ, ଏକ ମୂଲ୍ୟବାନ କର୍ମଚାରୀ ଏବଂ ଏକ ସଫଳ ନେତା ଭାବରେ ଗଢ଼ି ତୋଳେ । କେବଳ ଲେଖାରେ ନୁହେଁ ଏକ ଅର୍ଥନୈତିକ ବ୍ୟବସ୍ଥାରେ ଯେଉଁଠାରେ ଆପଣଙ୍କର 'ବ୍ରାଣ୍ଡ ଭାଲ୍ୟୁ' ଗୁରୁତ୍ୱପୂର୍ଣ୍ଣ ସେଠାରେ ଆପଣଙ୍କର କାର୍ଯ୍ୟ ଓ ବ୍ୟବହାରର ଧାରାବାହିକତା ହେଉଛି ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡିଂ ଉପକରଣ । ଅତ୍ୟଧିକ କଥାବାର୍ତ୍ତା ଓ ଗପସପ ହେଉଛି ସମୟର ସର୍ବପ୍ରଥମ ଶତ୍ରୁ । ଏହା ଆମର ମୂଲ୍ୟବାନ ସମୟକୁ ନଷ୍ଟ କରିଥାଏ ଏବଂ ଆମକୁ ମୁଖ୍ୟ କାର୍ଯ୍ୟରୁ ବିଚଳିତ କରିଥାଏ । 'କଥା କମ୍, କାମ ବେଶି' ନୀତି ଅନୁସରଣ କଲେ ଆପଣ ଦେଖିବେ ଯେ ଆପଣଙ୍କର ଏକ ଦିନରେ କାମ କରିବା ପାଇଁ ଅଧିକ ସମୟ ରହିଛି । ଏହି ଅଭ୍ୟାସ ଆପଣଙ୍କୁ ଅଧିକ ଉତ୍ପାଦନଶୀଳ (Productive) ଏବଂ କାର୍ଯ୍ୟକ୍ଷମ (Efficient) କରିଥାଏ । ଯେଉଁମାନେ ନିଜ କାର୍ଯ୍ୟ ଉପରେ ଧ୍ୟାନ ଦେଇ କାମ କରନ୍ତି, ସେମାନେ ଅନ୍ୟମାନଙ୍କ ତୁଳନାରେ ଅଧିକ କାର୍ଯ୍ୟ କମ୍ ସମୟରେ ସମ୍ପୂର୍ଣ୍ଣ କରିପାରନ୍ତି ।ଚୁପ ଚାପ୍ କାମ କରିବା ପାଇଁ ଏଭ ଗଭୀର ଆତ୍ମ-ଅନୁଶାସନ ଆବଶ୍ୟକ । ଏହା ଆମକୁ ଶିଖାଏ ଯେ ତୁରନ୍ତ ପ୍ରଶଂସା ଓ ମାନ୍ୟତା ପାଇବାର ଇଚ୍ଛାକୁ ନିୟବଣ କରି, ଦୀର୍ଘସ୍ଥାୟୀ ଲକ୍ଷ୍ୟ ଉପରେ ଧ୍ୟାନ ଦେବା ଉଚିତ । ଏହି ଅଭ୍ୟାସ ଆମର ମାନସିକ ଶକ୍ତି ଓ ଧୈର୍ଯ୍ୟକୁ ବୃଦ୍ଧି କରେ, ଯାହା ଜୀବନର ପ୍ରତ୍ୟେକ ଚାଲେଞ୍ଜର ସାମନା କରିବାରେ ଆମକୁ ସହାୟକ ହୋଇଥାଏ । ଏହାକୁ ନିଜ ଜୀବନରେ ପ୍ରୟୋଗ କରିବାର ମାଧ୍ୟମ ହେଲା ପ୍ରଥମେ କର, ତାପରେ କହ (ଇମଗ୍ଧ, ଝଷରଭ ବଭ-ଭକ୍ଟଙ୍କଭମର) ନିଜର ଲକ୍ଷ୍ୟଗୁଡିକୁ ଗୋପନୀୟ ରଖନ୍ତୁ । ଯେତେବେଳେ ଆପଣ ଏକ ଲକ୍ଷ୍ୟ ହାସଲ କରିବେ, ସେହି ସଫଳତା ନିଜେ ନିଜେ ଆପଣଙ୍କ ପାଇଁ କଥା କହିବ । ଏହାର ଅର୍ଥ ଏହା ନୁହେଁ ଯେ ଆପଣଙ୍କୁ ସମ୍ପୂର୍ଣ୍ଣ ମୌନବ୍ରତ ଧାରଣ କରିବାକୁ ପଡିବ । ଏହାର ଅର୍ଥ ହେଉଛି ଆପଣଙ୍କର କଥୋପକଥନ ଉଦ୍ଦେଶ୍ୟପୂର୍ଣ୍ଣ ଓ ଫଳାଫଳମୂଳକ ହେବା ଆବଶ୍ୟକ । ଅନାବଶ୍ୟକ ଗପସପ ଏବଂ ନକରାଯାଇଥିବା କାମର ବୟାନରୁ ଦୂରରେ ରୁହନ୍ତୁ ।ପ୍ରତିଦିନ ସକାଳେ ଉଠି ନିଷ୍ପତ୍ତି ନିଅନ୍ତୁ ଯେ ଆଜି କେଉଁ ପାଞ୍ଚଟି (କିମବା ତାଠାରୁକମ୍) ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ । ଏହି ସୂଚୀକୁ ଆପଣଙ୍କର 'ପବିତ୍ର ଗ୍ରନ୍ଥ' ଭାବରେ ଗ୍ରହଣ କରନ୍ତୁ ଏବଂ ଏହା ପୂରଣ ନହୋଇଥିବା ପର୍ଯ୍ୟନ୍ତ ଶାନ୍ତିରେ ନବସନ୍ତୁ । ଡିଜିଟାଲ ବିଚଳନକୁ ସୀମିତ କରନ୍ତୁ (Limit Digital Distractions) ସୋଶିଆଲ୍ ମିଡିଆରେ ଅତ୍ୟଧିକ ସମୟ ବିତାଇବା ହେଉଛି 'ଅଧିକ ବାତ'ର ଏକ ଆଧୁନିକ ରୂପ । ଦିନରେ କିଛି ସମୟ ନିର୍ଦ୍ଧାରିତ କରି ସେଥିରେ ସୀମିତ ରୁହନ୍ତୁ । ଫଳାଫଳ ଉପରେ ଧ୍ୟାନ ଦିଅନ୍ତୁ (ରକ୍ଟମଙ୍କଗ୍ଧ କ୍ଟଭ ଜରଗ୍ଧଙ୍କକ୍ଷଗ୍ଧଗ୍ଧ) ନିଜକୁ ନିୟମିତ ଭାବରେ ପ୍ରଶ୍ନ କରନ୍ତୁ ଆଜି ମୁଁ କି ଅସଲ କାମ କଲି ? କେବଳ ବ୍ୟସ୍ତ ରହିବା ଜରୁରୀ ନୁହେଁ, ଉତ୍ପାଦନଶୀଳ ହୋଇଥିବା ଜରୁରୀ । ଶେଷରେ 'କଥା କମ୍, କାମ ବେଶି' ହେଉଛି ଏକ ଶକ୍ତିଶାଳୀ ଜୀବନଦର୍ଶନ ଯାହା ଆମକୁ ଦେଖାବାଡିର ସଂସ୍କୃତିଠାରୁ ଦୂରେଇ ନେଇ କାର୍ଯ୍ୟ ଓ ଉତ୍କର୍ଷର ସଂସ୍କୃତି ଆଡ଼କୁ ଅଗ୍ରସର କରେ । ଏହା ଆମକୁ ଶିଖାଏ ଯେ ପ୍ରକୃତ ସନ୍ତୁଷ୍ଟି ଓ ସଫଳତା ବାହ୍ୟ ମାନ୍ୟତାରେ ନଥାଏ, ବରଂ ଏହା ଜାଣିବାରେ ଥାଏ ଯେ ଆପଣ ନିଜର ସର୍ବୋତ୍ତମ ଚେଷ୍ଟା ପ୍ରଦାନ କରିଛନ୍ତି । ତେଣୁ ପରବର୍ତ୍ତୀ ଥର ଯେତେବେଳେ ଆପଣ କିଛି ବଡ଼ କାର୍ଯ୍ୟ କରିବାକୁ ଚାହିଁବେ, ଏହାକୁ ସମସ୍ତଭ୍‌କୁ କହିବା ପରିବର୍ତ୍ତେ ଏହାକରିବା ପାଇଁ ଲାଗି ପଡନ୍ତୁ । କାରଣ ଆପଣଙ୍କର କାର୍ଯ୍ୟ ହିଁ ଆପଣଙ୍କ ପାଇଁ ସବୁଠୁ ଜୋରରେ କଥା କହିଥାଏ । ଏହା ହିଁ ହେଉଛି ସତ୍ୟିକ ସଫଳତାର ଏକମାତ୍ର ରାସ୍ତା ।


ଉପସଭାପତି, ଏସ୍.ଟି.ଏଫ୍.ଆଇ



# ଗୋପ-କୋଣାର୍କକୁ ମିଶାଇ ସ୍ୱତନ୍ତ୍ର ବିଧାନସଭା ଆସନ କରି ପଦ୍ମକ୍ଷେତ୍ର ନାମକରଣ ପ୍ରସ୍ତାବ

ଭୁବନେଶ୍ୱର,୯।୯:(ମନ୍ଥନ)ପୁରୀ ଜିଲ୍ଲାର ଗୋପ ବ୍ଲକର ୩୧ ପଞ୍ଚାୟତ ଓ କୋଣାର୍କ ବିଜ୍ଞାପିତ ଅଞ୍ଚଳକୁ ଏକତ୍ର କରି, ପଦ୍ମକ୍ଷେତ୍ର ବିଧାନସଭା ନିର୍ବାଚନମଣ୍ଡଳୀ ଭାବରେ ଘୋଷଣା କରିବା ପ୍ରସ୍ତାବ ରଖିଛନ୍ତି ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପ୍ରସାନ୍ତ ସ୍ୱାଇଁ (ଲୁଲୁ) । ୧୦ ଏପ୍ରିଲ ୨୦୨୫ ରେ ସେ ମୁଖ୍ୟ ନିର୍ବାଚନ କମିଶନ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି, ଗୋପ ଓ କୋଣାର୍କର ସାମ୍ବଲ, ପ୍ରାକୃତିକ ସମ୍ପଦ, ପର୍ଯ୍ୟଟନ ସମ୍ଭାବନା ଓ ସାହିତ୍ୟ-ସଂସ୍କୃତିକ ପରମ୍ପରାକୁ ଉଦ୍ଧୃତ କରିଥିଲେ । ସେଥିରେ କୁହାଯାଇଥିଲା ଯେ, ଭବିଷ୍ୟତରେ ବିଧାନସଭା ଆସନ ବୃଦ୍ଧି କିମ୍ବା ଡିଲିମିଟେସନ ହେଲେ, ପ୍ରଥମ ପ୍ରାଥମ୍ୟରେ ଗୋପ-କୋଣାର୍କକୁ ସ୍ୱତନ୍ତ୍ର ଆସନ କରାଯିବା ଉଚିତ । ଏହି ପ୍ରସ୍ତାବକୁ ଗ୍ରହଣ କରି ନିର୍ବାଚନ କମିଶନ (ଭାରତ) ୧୫ ଏପ୍ରିଲ ୨୦୨୫ ରେ ପତ୍ର (ନଂ. ୫୦୨୧୨) ଜାରି କରିଥିଲେ । ପରେ ୯ ମେ ୨୦୨୫ ରେ ଓଡ଼ିଶାର ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟ ପ୍ରସ୍ତାବ କୁ ଗ୍ରହଣ କରିଛନ୍ତି, ସମୟ ସୁଯୋଗରେ ପ୍ରୟୋଜନୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକୃତ ପ୍ରତିକ୍ରିୟା ଦେଇଛି । ସ୍ଥାନୀୟ ଲୋକମାନେ ଏହି ପ୍ରସ୍ତାବକୁ ସ୍ୱାଗତ କରି, ପଦ୍ମକ୍ଷେତ୍ର ନାମରେ ସ୍ୱତନ୍ତ୍ର ବିଧାନସଭା ଆସନ ହେଲେ, ଗୋପ ଓ କୋଣାର୍କର ପଛାଡ଼ିଥିବା ଉନ୍ନତିରେ ଗତି ଆସିବ । ଏହା ଅଞ୍ଚଳର ପରିଚୟକୁ ସୁଦୃଢ଼ କରିବ, ବୋଲି ମତ ପ୍ରକାଶ କରିଛନ୍ତି । ପଦ୍ମକ୍ଷେତ୍ର ନାମର ସାର୍ଥକତା କେତେ ବୋଲି ପ୍ରଶ୍ନ ର ପ୍ରତିକ୍ରିୟା ରେ ଶ୍ରୀ ସ୍ୱାଇଁ ପଦ୍ମ ର ପୌରାଣିକ ଅର୍ଥ ପ୍ରଜ୍ଞା, ଶୁଭ ଓ ପବିତ୍ରତାର ପ୍ରତୀକ ଓ କ୍ଷେତ୍ର ମାନେ ପବିତ୍ର ଭୂମି ଏହି ଦୁଇଟି ମିଶି ପଦ୍ମକ୍ଷେତ୍ର ରଖିବା ସହ ଭୌଗୋଳିକ ସମ୍ପର୍କ ଅନୁଯାୟୀ କୋଣାର୍କ ସୂର୍ଯ୍ୟମନ୍ଦିର ମଧ୍ୟରେ ପଦ୍ମାକାର ଶିଳ୍ପରେ ସୂର୍ଯ୍ୟଙ୍କ ସଂସ୍କାର, ଗୋପର ପୁରାତନ ମଠ ଓ ଦେଉଳମାନେ ପଦ୍ମ ସଙ୍କେତକୁ ଧାରଣ କରିଛି । ଏଥିସହ ଏହାର ସାହିତ୍ୟ-ସଂସ୍କୃତି ବିଷୟରେ ଭକ୍ତ ବଳରାମ ଦାସଙ୍କ ରଚନାରେ ପଦ୍ମକ୍ଷେତ୍ର ପୁରୀ-କୋଣାର୍କର ପବିତ୍ରତାକୁ ସ୍ଥାନ ପାଇଛି ଏବଂ ଆଧୁନିକ ଅର୍ଥ: ଗୋପ-କୋଣାର୍କକୁ ଏକତ୍ର କରି ପଦ୍ମକ୍ଷେତ୍ର ନାମରେ ସ୍ୱତନ୍ତ୍ର ବିଧାନସଭା ଆସନ ହେବା, ଅଞ୍ଚଳର ଆତ୍ମସମ୍ମାନ ଓ ପରିଚୟକୁ ଅଧିକ ସୁଦୃଢ଼ କରିବ ବୋଲି ଦୃଢତାର ସହ ମତ ଦେଇଛନ୍ତି ।

# ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା -୨୦୨୫



ଅନୁଗୁଳ,୯।୯:(ମନ୍ଥନ)ଏହି ବର୍ଷ ଷୋଡ଼ଶତମ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ନାଲକୋନଗର ଠାରେ ଜିଲ୍ଲା ପ୍ରଶାସନ ଏବଂ ଓରମାସ ସହାୟତାରେ ଆୟୋଜନ ହେବାକୁ ଯାଉଛି । ଆଜି ଏଥିପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା। ଏହି ମେଳା ଉଦ୍ଦେଶ୍ୟ ହେଲା ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ କାରିଗର,ସ୍ୱୟଂସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନୀ ଏବଂ ଚାଷୀ ଉତ୍ପାଦକ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ର ସିଧାସଳଖ ଗ୍ରାହକ ଓ ଖାଉଟିମାନଙ୍କ ନିକଟରେ ପହଞ୍ଚାଇବା ଏବଂଏହି ଜିନିଷ ଗୁଡିକର ବଜାରରେ ଚାହିଦା ସୃଷ୍ଟି କରିବା, ଏହା ସହିତ ଖାଉଟି ମାନଙ୍କ ଦ୍ୱାରା ଆଲୋଚନାମାଧମରେ ସେମାନଙ୍କର ଆବଶ୍ୟକତା ଜାଣି ସାମଗ୍ରୀର ମୂଲ୍ୟଯୁକ୍ତ କରାଇବା ଏବଂ ଖାଉଟି ମାନଙ୍କୁସନ୍ତୁଷ୍ଟ କରାଇବା । ପ୍ରତିବର୍ଷ ଅନୁଗୁଳ ଜିଲ୍ଲା ର ଆଲୁମିନିୟମ ନଗରୀର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉପଲକ୍ଷେଏହିମେଳା ଆୟୋଜନ କରାଯାଉଅଛି । ୨୦୨୪ ବର୍ଷ ରେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଇଥିଲା, ଯେଉଁଥିରେ ଭାରତ ବର୍ଷର ୧୨ ଟି ରାଜ୍ୟ ଏବଂ ଓଡିଶା ର ୩୦ଟି ଜିଲ୍ଲାର କାରିଗର ଏବଂ ଉତ୍ପାଦକ ଗୋଷ୍ଠୀ ଭାଗ ନେଇଥିଲେ ଏବଂ ୨୦୨୪ ବର୍ଷ ପଲ୍ଲିଶ୍ରୀ ମେଳାରେ ୬ କୋଟି ୨୯ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ର କାରବାର ହୋଇଥିଲା । ଏହି ବର୍ଷ ମୋଟ ୨୨୦ ଟି ଷ୍ଟଲ ର ବ୍ୟବସ୍ଥା କରାଯାଇଅଛି ଏବଂ ୧୪ ଟି ଖାଦ୍ୟ ଷ୍ଟଲର ମଧ ଆୟୋଜନ କରାଯାଇଅଛି । ଓଡିଶାର ୩୦ ଟି ଜିଲ୍ଲା ସମେତ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ,ଜମ୍ମୁ ଓ କାଶ୍ମୀର, କର୍ଣ୍ଣାଟକ, ପଞ୍ଜାବ, ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ତେଲେଙ୍ଗାନା,ଆସାମ, ଦିଲ୍ଲୀ, ମଣିପୁର, ତାମିଲନାଡୁ ଆଦି ରାଜ୍ୟର କାରିଗର ଓ ଉତ୍ପାଦକ ଗୋଷ୍ଠୀ ମାନେ ଭାଗନେବେ । ସରକାରଙ୍କର ବିଭିନ୍ନ ବିଭାଗ ଯଥା- ହସ୍ତ ଓ କୁଟୀର ଶିଳ୍ପ ବିଭାଗ, ଜିଲ୍ଲା ଶିଳ୍ପ ବିଭାଗ, ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ବୟନ ଶିଳ୍ପ ବିଭାଗ, TRIFED ବିଭାଗ, ଜଙ୍ଗଲ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ଆଦି ଏଠାରେ ଭାଗ ନେବେ । ୮ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସହଯୋଗରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ ଆୟୋଜନ କରାଯାଇଅଛି । ମେଳାରେ ସ୍ୱାସ୍ଥ୍ୟ, ପାନୀୟଜଳ, ଅଗ୍ନିଶମ, ଆଇନ ଶୃଙ୍ଖଳା ର ସଠିକ ପରିଚାଳନା ନିମନ୍ତେ ଜିଲ୍ଲା ଚିକିତ୍ସା ଅଧିକାରୀ, ନାଲକୋ, ଅନୁଗୁଳ ପୌରପାଳିକା, ଅଗ୍ନିଶମ ବିଭାଗ, ଜିଲ୍ଲାପୋଲିସ, ବ୍ୟାଙ୍କ ଓ ଜନସ୍ୱାସ୍ଥ୍ୟ ବିଭାଗ ସହଯୋଗ କରିବେ । ସେହିପରି ସ୍ୱତନ୍ତ୍ର ଖାଦ୍ୟ ଷ୍ଟିଲ, ସେଲଫି ପଏଣ୍ଟ (ଆମ ଅସ୍ମିତା ଆମ ଗୌରବ) ର ପ୍ରଦର୍ଶନୀ ଓମେଳାରେ ମନୋରଞ୍ଜନ ପାଇଁ କଳାକାରମାନେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତି ମାନଙ୍କୁ ମେଳା ରେ ବୁଲିବା ପାଇଁ ସ୍ୱତନ୍ତ୍ର ହୁଇଲ ଚେୟାର ର ବ୍ୟବସ୍ଥା କରାଯାଇଅଛି । ମେଳା ପରିସରକୁ ପରିଷ୍କାର ପରିଚ୍ଛନ ରଖିବା ଦିଗରେ ସମସ୍ତପ୍ରକାର ପଦକ୍ଷେପ ନିଆଯିବ । ମେଳା ପ୍ରତିଦିନ ସକାଳ ୧୦ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ , ଉପ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓରମାସ ବିମନ ମଲ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# କବିତା ବିନା ସୁନ୍ଦର ସମାଜର ପରିକଳ୍ପନା କରାଯାଇ ପାରିବନାହିଁ - ଡ଼. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ

ପାରାଦୀପ, ୯।୯:(ମନ୍ଥନ)ସମାଜର ତଳ ସ୍ତରରେ ଜୀବନ ଯାପନ କରୁଥିବା ଅତ୍ୟନ୍ତ ଅସହାୟ ମାନଙ୍କ ପ୍ରତି କବିତା ସମ୍ବେଦନଶୀଳ ଭାବରେ ଦୃଷ୍ଟି ଦେବାର ଆବଶ୍ୟକ ଅଛି ବୋଲି ମହ୍ଲାର ଓ ମୋନାଲିସା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ବର୍ଷା କବିତା ଅସରରେ ସାରଗର୍ଭ ପ୍ରକାଶ ପାଇଛି । ପାରାଦୀପ ପୋର୍ଟ କ୍ଲବ ପରିସରରେ ମଙ୍ଗଳବାର ଦିନ ସାରସ୍ୱତ ଆସରରେ ସବିତା ମହାପାତ୍ର ଙ୍କ ପୌରହିତ୍ୟରେ ମୂଖ୍ୟ ଅତିଥି ଭାବେ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡ଼ଃ.ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇ ସାହିତ୍ୟ ବିନା ସୁନ୍ଦର ଓ ସାମ୍ୟ ସମାଜର ପରିକଳ୍ପନା କରାଯାଇ ପାରିବନାହିଁ ବୋଲି କହିଥିଲେ ।ଏଥିପ୍ରତି ସାହିତ୍ୟିକ ମାନେ ଦୃଷ୍ଟି ଦେଇ ସାହିତ୍ୟ ସର୍ଜନା କରିବାର ଆବଶ୍ୟଜ ଅଛି ବୋଲି ଶ୍ରୀ ଆଚାର୍ଯ୍ୟ



କହିଥିଲେ ।ମୂଖ୍ୟ ବକ୍ତା ଓଡିଶା ସାହିତ୍ୟ ଏକାଡେମୀ ର ପୂର୍ବତନ ସଦସ୍ୟ କବି ସୁରେଶ କୁମାର ନାୟକ ସମାଜର ନିମ୍ନ ସ୍ତରରେ ଅତ୍ୟନ୍ତ ଅସହାୟ ଭାବରେ ବସବାସ କରୁଥିବା ସାଧାରଣ ଜନ ମାନଙ୍କର ସ୍ୱର ସହିତ କବିତା ଜଡିତ ହୋଇପାରିଲେ କବି ସିଦ୍ଧିପ୍ରାପ୍ତ ହୋଇପାରିବେ ବୋଲି କହିଥିଲେ । ସଭାପତି ଶ୍ରୀମତୀ ମହାପାତ୍ର ସଭାପତିତ୍ୱ ଅଭିଭାଷଣରେ କହିଥିଲେ କବିତା ହେଉଛି ମାନବ ସମାଜର ସହଯାତ୍ରୀ ଓ ସବୁ ଯୁଗରେ ମଣିଷ ସହିତ କବିତା ଘନିଷ୍ଠ ଭାବରେ ଯୋଡି ହୋଇ କାଳଖଣ୍ଡ ଅତିକ୍ରମ କରିଥାଏ ବୋଲି କହିଥିଲେ । ଓଡିଶା ସାହିତ୍ୟ ଏକାଡେମୀ ର ପୁରସ୍କୃତ କବି ପିତାମ୍ବର ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିତା ହେଉଛି ଆତ୍ମାର ଆହାର ବୋଲି କହିଥିଲେ । ପ୍ରାରମ୍ଭରେ ପଣ୍ଡିତ ବାସବ କୁମାର ନନ୍ଦ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ।ତୁଳସୀ ବରାଳ ଓ କବି ପ୍ରଭାତୀ ମାଝି ଙ୍କ ସଂଯୋଜନାରେ ପ୍ରାୟ ୭୦ ପାଖାପାଖି କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୋନାଲିଶା ସାହିତ୍ୟ ସଂସଦ ର ସଭାନେତ୍ରୀ ସଂଘମିତ୍ରା ସ୍ୱାଇଁ ଏବଂ ମେଘ ମହ୍ଲାର ସାହିତ୍ୟ ଅନୁଷ୍ଠାନର ପ୍ରଭାତୀ ମାଝୀ ସୂଚାରୁ ଭାବେ କରିଥିବା ବେଳେ ପ୍ରକାଶ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ୪୨ଗ୍ରାମ ବ୍ରାଉନସୁଗର ଜବତ; ୩ଗିରଫ

ଖୋର୍ଦ୍ଧା, ।୯:(ମନ୍ଥନ)ଶିଳ୍ପାଂଚଳ ଥାନା ପୁଲିସ ମଠସାହି ଜାଗେଶ୍ୱରୀ ମନ୍ଦିର ନିକଟରେ ଚଢଉ କରି ଜଣେ ବେପାରୀ ସମେତ ୩ଜଣଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ପୁଲିସ ୪୨.୨୧ଗ୍ରାମ ବ୍ରାଉନସୁଗର ସମେତ ନଗଦ ସାଢେ ୪ହଜାର ଟଙ୍କା, ଦୁଇଟି ମୋବାଇଲ ଫୋନ୍ ଏବଂ ଆକ୍ଟିଭା ସ୍କୁଟି କୁ ପୁଲିସ ଜବତ କରିଛି । ଜବତ ବ୍ରାଉନସୁଗର ର ମୂଲ୍ୟ ୪ଲକ୍ଷ ୨୦ହଜାରରୁ ଉର୍ଦ୍ଧ ହେବ ବୋଲି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି । ଜିଲ୍ଲା ରେ ବ୍ରାଉନସୁଗରର ମୂଳପୋଛ କରିବା ଲାଗି ପୁଲିସ ପଦକ୍ଷେପ ଜାରୀ ରଖିଛି । ଏନେଇ ବଛାବଛା ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବାବେଳେ ଏ ଟିମ୍ ବିଭିନ୍ନ ସମୟରେ ଅନେକ ସ୍ଥାନରେ ଚଢଉ ଜାରୀ ରଖିଥିବା ଏସପି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଭାରପ୍ରାପ୍ତ ଏସଡିପିଓ ଅନୀଲ ମହାନ୍ତି, ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଖୁବଶୀଘ୍ର ଦଳ ଛାଡିବେ ର୍ତିଡୋଲ ବ୍ଲକ ଯୁବ ବିଜେଡି ସଭାପତି

୯।୯:(ମନ୍ଥନ)ଜଗତସିଂହପୁର ଜିଲ୍ଲା ର୍ତିଡୋଲ ବ୍ଲକ ରାଜନୀତି ଘଣ୍ଟାକେ ଘୋଡା ଛୁଟିଛି । ଆଜି ଯିଏ ଥିଲା ନିଜର କାଲି ହେଉଛି ପର । ସେହିପରି ର୍ତିଡୋଲ ବ୍ଲକ ଯୁବ ବିଜେଡି ସଭାପତି ସୁଜିତ ମହାନ୍ତି ଖୁବଶୀଘ୍ର ଦଳ ଛାଡିବାକୁ ଯାଉଛନ୍ତି । ବିଗତ ଦିନରେ ର୍ତିଡୋଲ ବ୍ଲକ ଯୁବ ବିଜେଡି ର ମଙ୍ଗ ଧରିଥିବା ଓ ର୍ତିଡୋଲ ର ପୂର୍ବତନ ବିଧାୟକ ଙ୍କ ଖାସ ସହଯୋଗୀ ଥିବା ସୁଜୀତ ଙ୍କୁ ନବ ର୍ନିବାଚିତ ବିଧାୟକ ଅଣଦେଖା କରିବାକୁ ନେଇ ଏହି ନିଷ୍ପତି ନେଇ ପାରନ୍ତି ବୋଲି ଚର୍ଚ୍ଚା କୁ ଖୋରାକ ଯୋଗାଉଥିବା ବେଳେ, ମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କ ସହିତ ଭିତିରି



ଯୋଗାଯୋଗ ରେ ରହିଥିବା ବେଳେ,ରାଜ୍ୟ ଉପସଭାପତି ତଥା ପାୱାର କରିଡର ର ହେବି ଓଏଟ ନେତା ଗୋଲେଖ ମହାପାତ୍ରଙ୍କୁ ଭେଟି ସୌଜନ୍ୟ ମୂଳକ ସାକ୍ଷାତ କରିବା ପରେ ର୍ତିଡୋଲ ବିଜେଡି ରାଜନୀତି କୁ ଉଷ୍ମ କରିଛି । କେବଳ ସୁଜୀତ ନୁହେଁ ଦଳର ବହୁ ଯୁବ ଛାତ୍ର କର୍ମକର୍ତ୍ତା ପରେ ପରେ ର୍ତିଡୋଲ ବିଜେଡି ଛାଡି ପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

# ମଦ ଦୋକାନରୁ ଚୋରି ଉଦ୍ୟମ ବେଳେ ଲାଗିଲା ନିଆଁ

୯।୯:(ମନ୍ଥନ)କେନ୍ଦୁଝର ଜିଲ୍ଲା ଯୋଡ଼ା ସ୍ଥିତ ସିନେମା ହଲ ନିକଟରେ ଥିବା ମଦ ଦୋକାନ ରେ ଚୋରି ଉଦ୍ୟମ କରୁଥିବା ବେଳେ ଅଗ୍ନିକାଣ୍ଡ ଯୋଗୁଁ ଲକ୍ଷାଧିକ ଟଙ୍କାର ଜିନିଷ ଜଳି ପୋଡି ପାଉଁଶ ହୋଇଯାଇଛି। ତେବେ ସୂଚନାଯୋଗ୍ୟ ଯେ ଗତ କାଲି ବିଳମ୍ବିତ ରାତିରେ କିଛି ଚୋର ଆସି ମଦ ଦୋକାନ ପଛପଟୁ ଲୁହା କବାଟ କୁ ଲେଦ ମେସିନ ସାହାଯ୍ୟ ରେ କାଟି ପଶିଥିଲେ । ତେବେ ଲୁଟ କରିବା ଉଦ୍ୟମ ବେଳେ ଲେଦ ମେସିନ ବାରୁଦ ରେ ଧୀରେ ଧୀରେ ନିଆଁ ର ପ୍ରକୋପ ବଢ଼ିବାରୁ ଭୟରେ ସେଠାରେ ଦୁର୍ବୃତ୍ତ ମାନେ ଚମ୍ପଟ ମାରିଥିଲେ ।ଅଗ୍ନିକାଣ୍ଡ ଯୋଗୁଁ ଦୋକାନ ରେ ଲକ୍ଷାଧିକ ଟଙ୍କାର ଜିନିଷ ପତ୍ର ଜଳିପଡି ପାଉଁଶ ହୋଇଯାଥିଲ । ତେବେ ସକାଳେ ଖବର ପାଇ ଯୋଡ଼ା ପୋଲିସ ଏବଂ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ କୁ ଆୟତ୍ତ କିରିବାରେ ସଫଳ ହେଇଥିଲା। କେଉଭଳି ପରିସ୍ଥିତିରେ ଏପରି ଦୁର୍ଘଟଣା ହେଲା ପୋଲିସ ତାହାଉପରେ ତଦନ୍ତ ଜାରି ରଖିଛନ୍ତି।

# ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଇଫକୋ

ପାରାଦୀପ,୯।୯:(ମନ୍ଥନ)ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ନିକ୍ଷୟ ମିତ୍ର ଭାବେ ଇଫକୋ ପାରାଦୀପ ନିକ୍ଷୟ ଦିବସ ପାଳନର ୩ ବର୍ଷ ପୂର୍ତ୍ତି ଉପଲକ୍ଷେ ଜଗତସିଂହପୁର ଜିଲ୍ଲାର ୪ ଟି ବ୍ଲକ ଏରସାମା, ବାଲିକୁଦା, ନାଉଗାଁ ଏବଂ ବିରିଡି ର ସମସ୍ତ ଯକ୍ଷ୍ମା ରୋଗୀଙ୍କୁ ଏକ ବର୍ଷ ପାଇଁ ପୋଷ୍ୟ ଭାବେ ଗ୍ରହଣ କରି ୧୦୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ବଣ୍ଟନ କରିଛି । ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିକ୍ଷୟ ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରଶ୍ମିରଞ୍ଜନ ପଟ୍ଟନାୟକ, ଇଫକୋ ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ, ବରିଷ୍ଠ ଚିକିତ୍ସା ସୁପରଭାଇଜର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର, ଏମ୍ ଡି ଓ୍ୱାକର ଅଲି - ଡିପିପିଏମସି, ବିପିନ ବିହାରୀ ପାତ୍ର-ଡିପିସି, ପ୍ରମୁଖ ଉପସ୍ଥିତ ଥିଲେ । ପିଏମଟିବିଏମ୍ଏ ଅଧୀନରେ, ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ (ନି-କ୍ଷୟ ପୋଷଣ ଅଭିଯାନ) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ, ସେମାନଙ୍କର ସହନଶୀଳତା ବୃଦ୍ଧି କରେ, ପୁନଃରୁଦ୍ଧାରକୁ ତ୍ୱରାନ୍ୱିତ କରେ, ପୁଷ୍ଟିହୀନତାର ଆଶଙ୍କାକୁ ହ୍ରାସ କରିଥାଏ ଏବଂ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ଏବଂ ଶକ୍ତି-ଘନ ସପ୍ଲିମେଣ୍ଟ ଯୋଗାଇ ଚିକିତ୍ସା ପରିତ୍ୟାଗ କରିବାର ସମ୍ଭାବନାକୁ ହ୍ରାସ କରିଥାଏ । ଏହା ପୁଷ୍ଟିକର ଖାଦ୍ୟ ବାସ୍କେଟର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଓ ମୃତ୍ୟୁ ଏବଂ ରୋଗ ହ୍ରାସ କରିଥାଏ । ତେବେ ପାରିପାର୍ଶ୍ୱିକ ବିକାଶ କ୍ଷେତ୍ରରେ ଇଫକୋ ପାରାଦୀପ ୟୁନିଟ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏଭଳି ପଦକ୍ଷେପ ଅନ୍ୟ ଶିଳ୍ପସଂସ୍ଥା ପାଇଁ ଏକ ବୃହତ ଉଦାହରଣ ସୃଷ୍ଟି କରିଛି ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କୁ ସମ୍ବର୍ଦ୍ଧନା

ପିପିଲି ,୯।୯:(ମନ୍ଥନ)ପୁରୀ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅବସରରେ ଜିଲ୍ଲାର ୩୨ ଜଣ ଶିକ୍ଷକ ଓ ଜଣେ ସିଆରସିସିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ଓ ପରାକାଷ୍ଠା ନିମନ୍ତେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଛି । ପୁରୀ ସଦଭାବନା କକ୍ଷରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀଙ୍କ ଉପସ୍ଥିତିରେ ପିପିଲି ବ୍ଲକର ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି ।



ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ପିପିଲି ବ୍ଲକ ଦାଣ୍ଡମୁକୁନ୍ଦପୁର ଅଂଚଳ ପୀତବାସ ୟୁ.ଜି.ୟୁ.ପି ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଏନେଇ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷୟିତ୍ରୀ ଶ୍ରୀମତୀ ମହାପାତ୍ରଙ୍କୁ କୃତଜ୍ଞତା ଜଣାଇବା ସହ ସମ୍ବର୍ଦ୍ଧିତ କରାଯାଇଛି । ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁକାନ୍ତ ନାୟକ, ଜିଲ୍ଲା ସଂଗଠନ ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ମହାସଚିବ ବିକ୍ରମ କୁମାର ରଥ,ଜିଲ୍ଲା ସମଗ୍ର ଶିକ୍ଷାର ଶିକ୍ଷାଶାସ୍ତ୍ର ସଂଯୋଜକ ରମେଶ ବଲ୍ଲଭ ସାହୁ, ପ୍ରଧାନ ଶିକ୍ଷକ ଉମେଶ କୁମାର ପତି, ପ୍ରଭାତ କୁମାର ଦାଶ, ସାଗର ଚନ୍ଦ୍ର ନାୟକ, ରଶ୍ମିତା ମହାରଥୀ, ମମତାଜ ବେହେରା, ରବୀନ୍ଦ୍ର କୁମାର ସାହୁ, ରମେଶ ଚନ୍ଦ୍ର ଦାସ, ପୁଷ୍ପାରାଣୀ ମହାପାତ୍ର, ଶୁଭସ୍ମିତା ଷଡ଼ଙ୍ଗୀଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଶିକ୍ଷାଦାନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ମୁଖ୍ୟମନ୍ତ୍ରୀ ଙ୍କ ସହ ଶିକ୍ଷା ବିଭାଗର ସମସ୍ତଙ୍କୁ ଧନ୍ୟବାଦ ଦେଇ ଏହି ଉତ୍ସାହ ଆଗାମୀ ଦିନର ଶିକ୍ଷା ଦାନ କ୍ଷେତ୍ରରେ ପ୍ରେରଣା ଦେଇଛି ବୋଲି ସେ କହିଛନ୍ତି ।

# ମରିବୁ ପଛେ ହଟିବୁ ନାହିଁ ଚେତାବନୀ ଦେଇଛନ୍ତି ପିଆଇସିଟି ଶ୍ରମିକ

ପାରାଦୀପ,୯।୯:(ମନ୍ଥନ)୨୦୧୯ରୁ ପାରାଦୀପ ରେ କାର୍ଯ୍ୟ କରୁଥିବା ପିଆଇସିଟି ଶ୍ରମିକ ମାରାଣନୀତି କୁ ବ୍ରତ ଭାବେ ପାଳନ କରୁଥିବାରୁ ଏଥିରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇ କହିଛନ୍ତି ବରିଷ୍ଠ ଶ୍ରମିକ ନେତା ସୁଧାକର ମନ୍ତ୍ରୀ ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମୀନାଲ (ପିଆଇସିଟି) ରେ ଦୁଇଶହ ରୁ ଉର୍ଦ୍ଧ୍ୱ ଶ୍ରମିକ ୫ ଦଫା ଦାବୀ ପୂରଣ ପାଇଁ ବନ୍ଦରର ୫ ନମ୍ବର କମ୍ପାନୀ ଫାଟକ ନିକଟରେ ଗଣତାନ୍ତ୍ରିକ ପଦ୍ଧତିରେ ମଙ୍ଗଳବାର ଦିନ ଠାରୁ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ ବନ୍ଦ କରି ଅର୍ନିଦିଷ୍ଟ ଧର୍ମଘଟ ଓ ଧାରଣା ଦେଇଛନ୍ତି । ପାରାଦୀପ ଶ୍ରମିକ କର୍ମଚାରୀ ୟୁନିଅନ ର ଅଭିଯୋଗ ଅନୁଯାୟୀ ପିଆଇସିଟି କମ୍ପାନୀ ଶ୍ରମ ଆଇନକୁ ଖୋଲା ଖୋଲି ଭାବେ ଉଲଘ୍ନ କରି ଶ୍ରମିକ ମାରଣନୀତି କୁ ବ୍ରତ ଭାବେ ପାଳନ କରି ୩୨ ଜଣ ଶ୍ରମିକଙ୍କୁ କାର୍ଯ୍ୟରୁ ବେଆଇନ ଭାବେ ଛଟେଇ କରି ଘଟଣାକୁ ସଙ୍ଗୀନ କରି ଦେଇଛି । ଏହାର ପ୍ରତିବାଦରେ ଗତ ଜୁଲାଇ ୯ ତାରିଖରେ ୟୁନିଅନ ପକ୍ଷରୁ ପିଆଇସିଟି କର୍ତ୍ତୃପକ୍ଷଙ୍କୁ ଧର୍ମଘଟ ନୋଟିସ ଦିଆଯାଇଥିଲା ଏବଂ କେନ୍ଦ୍ର ଶ୍ରମ ବିଭାଗ ଅଧିକାରୀ ଙ୍କ ପକ୍ଷରୁ ଏହା ଉପରେ ବାରମ୍ବାର ଆଲୋଚନା କରାଯାଇ ସମସ୍ୟାର ସମାଧାନ ପାଇଁ ଚେଷ୍ଟା



କରାଯାଇଥିଲେ ମଧ ପିଆଇସିଟି କର୍ତ୍ତୃପକ୍ଷ ଘଟଣାକୁ ଆଡ଼ ଆଖିରେ ଦେଖିବାତ ଦୂରର କଥା ଚୁ ଚୁ ପଦେ ନ କହିବା କେତେ ମନ୍ଦ ଉଦେଶ୍ୟ ଖୁନ୍ଦି ହୋଇ ରଖିଛି ତାଙ୍କ କାର୍ଯ୍ୟ କଳାପରୁ ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ଶ୍ରୀ ମନ୍ତ୍ରୀ କ୍ଷୋଭ ର କହିଥିଲେ । ଏ ପରିକି ଅତୀତରେ କମ୍ପାନୀ ପକ୍ଷରୁ ବିଭିନ୍ନ ମିଥ୍ୟା ଅଭିଯୋଗରେ ଅନେକ ନିରୀହ ଶ୍ରମିକ ଓ ନେତାଙ୍କ ବିରୁଦ୍ଧରେ ଥାନାରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଜେଲ ଯିବାକୁ ପଡିଥିଲା ବୋଲି ୟୁନିଅନ ପକ୍ଷରୁ ଅଭିଯୋଗ କରାଯାଇଛି । ଶେଷରେ ୟୁନିଅନ ପକ୍ଷରୁ ଛଟେଇ ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ଅନ୍ୟ ଶ୍ରମିକଙ୍କ ପରି ସମାନ କାମକୁ ସମାନ ମଜୁରୀ ପ୍ରଦାନ, ପାରାଦୀପ ବନ୍ଦର ସହ କମ୍ପାନୀର ଚୁକ୍ତି ରଦ୍ଦ ଇତ୍ୟାଦି ୫ ଦଫା ଦାବୀ ପୂରଣ ପର୍ଯ୍ୟନ୍ତ ଏହି ଅର୍ନିଦିଷ୍ଟ ଧର୍ମଘଟ ଓ ଧାରଣା ଚାଲୁ ରହିବ ବୋଲି ୟୁନିଅନ ର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଶ୍ରମିକ ନେତା ସୁଧାକର ମନ୍ତ୍ରୀ ଦୃଢୋକ୍ତାରସହ କହିଥିଲା ବେଳେ ଶ୍ରମିକ ମାନେ ମରିବୁ ପଛେ ହଟିବୁ ନାହିଁ ବୋଲି ଚେତାବନୀ ଦେଇ କହିଛନ୍ତି ।

# ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ଯାତାୟାତ ରାସ୍ତାକୁ ଢ଼ଳେଇ ରାସ୍ତାରେ ପରିଣତ କରିବାକୁ ଦାବି

ଫୁଲନଖରା,୯।୯:(ମନ୍ଥନ)କଟକ - ଭୁବନେଶ୍ୱର ଦୈତନଗରୀ ଫୁଲନଖରା ଛକ ସ୍ଥିତ ଭୁବନେଶ୍ୱର ମହାନଗର ନିଗମ ୪ନଂ ଓ୍ୱାର୍ଡ ନଖରା ସ୍ଥିତ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କର ପୁରାତନ ଶୈବ ପୀଠ । ଏହି ପୀଠରେ ପ୍ରଭୁ ଶ୍ରୀରାମ ମନ୍ଦିର ରହିଅଛି । ଏହି ପୁରାତନ ଶୈବ ପୀଠକୁ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ଓ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରକୁ ଦୈନନ୍ଦିନ ୫୦୦ ରୁ ଉର୍ଦ୍ଧ୍ୱ ଭକ୍ତ ବିଭିନ୍ନ ଭୋଗରାଗ ଓ ମାନସିକ ପୂରଣ ପାଇଁ ଯାଇଥାନ୍ତି । ଅଥଚ ଆଜକୁ ୫ -୭ ବର୍ଷ ହେବ ଜାତୀୟ ରାଜପଥରୁ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ପୀଠରୁ ଆସିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ସମ୍ ହସ୍ପିଟାଲ୍ -୨(ଫୁଲନଖରା) କୁ ଶହ ଶହ ବାଡ କୋଠାମାନ ଗଢି ଉଠିଥିବାରୁ ରାସ୍ତା ଉପରୁ ଜଳ ନିଷ୍କାସନର କୌଣସି ସୁବିଧା ନ ଥିବାରୁ ଲକ୍ଷେଶ୍ୱର ପୀଠକୁ ଯିବା ମୁଖ୍ୟ ରାସ୍ତା ଉପରେ ପାଣି ଜମିରହୁଛି । ଅସରାଏ ବର୍ଷା ହେଲେ ରାସ୍ତାରୁ ବର୍ଷା ଜଳ ନିଷ୍କାସନ ନ ହୋଇ ପାଣି ଜମି ରହୁଛି । ତୁରନ୍ତ ଏହି ଦିଗରେ ଭୁବନେଶ୍ୱର ମହାନଗର ନିଗମ ଓ ଖୋର୍ଦ୍ଧା ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜାତୀୟ ରାଜପଥରୁ ଲକ୍ଷେଶ୍ୱର ପୀଠ ଗେଟ ପାଖକୁ ଯାଇଥିବା ମୁଖ୍ୟ ରାସ୍ତାକୁ



ଦେଢ଼ ଫୁଟ ଉଚ୍ଚତାରେ ଢଳେଇ ରାସ୍ତା ନିର୍ମାଣ କରାଗଲେ ରାସ୍ତାରେ ପାଣିର ସମସ୍ୟା ରୁହନ୍ତା ନାହିଁ ବୋଲି କଟକ ଜିଲ୍ଲା ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦର ସଭାପତି ଲଳିତ କୁମାର ଦାଶ,ପ୍ରତିଷ୍ଠାତା ସଭାପତି ପ୍ରକାଶ ଚନ୍ଦ୍ର ନାୟକ ,ସମ୍ପାଦକ ଅମିତ କୁମାର ପରିଜା,ଗୁଣ୍ଡୁଚି ସାହୁ, ଲକ୍ଷେଶ୍ୱର ଟ୍ରଷ୍ଟ ବୋର୍ଡର ସଭାପତି ଗୁଣନିଧି ପଟ୍ଟନାୟକ ଓ ବଂଶୀଧର ଭୋଳ,ସହଯୋଗ ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶ ପ୍ରମୁଖ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ଦାବି କରିଛନ୍ତି ।



# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ୫୨.୫୦ଲକ୍ଷ ଟଙ୍କାର ମୃତ୍ୟୁ ଜନିତ ଦାବି ସମାଧାନ

କଟକ,୯।୯ (ନି.ପ୍ର) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଏଚ୍ .କେ ଦାସଙ୍କ ମାର୍ଗଦର୍ଶନରେ ଏକ ଚେକ୍ ପ୍ରଦାନ ସମାରୋହ ଆୟୋଜନ କରାଯାଇ ଓଏସ୍ଏପି ୬ ବାଟାଲିୟନ୍ କ୍ୟାମ୍ପସ୍‌ଠାରେ ମୃତ୍ୟୁ ଜନିତ ଦାବି ସମାଧାନ କରାଯାଇଛି। ଏହି ସମାଧାନ ଅନ୍ତର୍ଗତ ସରକାରୀ କର୍ମଚାରୀଙ୍କ ପାଇଁ ୟୁନିୟନ୍ ସୁପର ସାଲାରୀ ଆକାଉଣ୍ଟ ଅଧିନରେ ୪୦ ଲକ୍ଷ ଏବଂ ବ୍ୟକ୍ତିଗତ ଋଣ ପାଇଁ ୧୨.୫୦ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ହୋଇଥିଲା ଯାହା ଦ୍ୱାରା ମୋଟ୍ ୫୨.୫୦ ଲକ୍ଷ ଟଙ୍କାର ଦାବି ସମାଧାନ କରାଯାଇଥିଲା। ମୃତ କର୍ମଚାରୀ ବୁଦ୍ଧରାମ



ହେମ୍ବ୍ରମ୍‌ଙ୍କ ପତ୍ନୀ ମାଳତୀ ହେମ୍ବ୍ରମ୍‌ଙ୍କୁ ଏହି ଚେକ୍ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଶ୍ରୀ ଦାସ ଓଏସ୍ଏପି ସହିତ ୟୁନିୟନ୍ ବ୍ୟାଙ୍କର ସହବନ୍ଧନ ଅଧିନରେ କଷ୍ଟମାଇଜ୍ ସାଲାରୀ ଆକାଉଣ୍ଟର ସ୍ୱତନ୍ତ୍ର ଲାଭ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ସରକାରୀ କର୍ମଚାରୀମାନଙ୍କ ପାଇଁ ଉପଲବ୍ଧ ଖୁଚୁରା ଋଣ ଉତ୍ପାଦ ଉପରେ ଆଲୋକପାତ କରିଥିଲେ। ଓଏସ୍ଏପିର କମାଣ୍ଡାଟ୍ ଏସ୍ .ଏନ୍. ମଲ୍ଲିକ ଉତ୍କୃଷ୍ଟ ତଥା ତୁରନ୍ତ ବ୍ୟାଙ୍କିଙ୍ଗ୍ ସେବା ପାଇଁ ପ୍ରଶଂସା କରିଥିଲେ। ଏଥିରେ ଆଷିଷ୍ଟାଣ୍ଟ କମାଣ୍ଡାଟ ଏମ୍. ସାଇଙ୍କ ସମେତ ଓଏସ୍ଏପିର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ୟୁନିୟନ୍ ବ୍ୟାଙ୍କର ସେବା ପାଇଁ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ, ଲିପ୍ ମୁଖ୍ୟ ମୃତ୍ୟୁଞ୍ଜୟ କୁମାର ଏବଂ ଚାଉଳିଆଗଞ୍ଜ ଶାଖାର ଶାଖା ପ୍ରବନ୍ଧକ ନବନୀତା ସେନ୍‌ଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା। ଏହି ପଦକ୍ଷେପ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଓଏସ୍ଏପି ସମ୍ପର୍କକୁ ସୁଦୃଢ କରିବା ସହିତ ଉପଯୁକ୍ତ ଆର୍ଥିକ ସମାଧାନ ଏବଂ ଗ୍ରାହକ ସେବା ପ୍ରଦାନ ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଦର୍ଶାଇଥିଲା।

# ବରୋଦା ବ୍ୟାଙ୍କ୍ ପକ୍ଷରୁ ଗ୍ରାମାଞ୍ଚଳ ଜନ ସୁରକ୍ଷା ପରିପୂର୍ଣ୍ଣତା ଶିବିର ଅନୁଷ୍ଠିତ

କାକଟପୁର ୯ ।୯ (ନି.ପ୍ର) : କାକଟପୁର ବ୍ଲକ ଅନ୍ତର୍ଗତ କାଦୁଆ ନୂଆଗାଁ ଗ୍ରାମପଞ୍ଚାୟତ ଧନିତ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବରୋଦା ବ୍ୟାଙ୍କ୍ ପକ୍ଷରୁ ଗ୍ରାମାଞ୍ଚଳ ଜନ ସୁରକ୍ଷା ପରିପୂର୍ଣ୍ଣତା ଶିବିର ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ୍ ଅଫ ବରୋଦା ଭୁବନେଶ୍ୱର କ୍ଷେତ୍ର ଓ ଅଞ୍ଚଳ ତତଫରୁ ଏହି ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଅତିଥି ଭାବେ ବରୋଦା ବ୍ୟାଙ୍କ୍ ମୁଖ୍ୟ ପରିଚାଳକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ଚାନ୍ଦ, କ୍ଷେତ୍ରୀୟ ପ୍ରମୁଖ ସତ୍ୟ ରଞ୍ଜନ ମହାପାତ୍ର, ଅଞ୍ଚଳ ମହାପ୍ରବନ୍ଧକ ସ୍ୱପ୍ନା ବନ୍ଦୋପାଧ୍ୟାୟ ଓ ସ୍ଥାନୀୟ ସରପଞ୍ଚ କୃଷ୍ଣ ଚନ୍ଦ୍ର ଜେନା ସାମିଲ ହୋଇ ଆହୁତ ବୈଠକ ରେ ଯୋଗଦେଇ ବ୍ୟାଙ୍କ ରେ ସରକାର ଙ୍କ ବିଭିନ୍ନ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା, ବରୋଦା ବ୍ୟାଙ୍କ୍ ଏକ ଅଗ୍ରଣୀ ରାଷ୍ଟ୍ରାୟତ ବ୍ୟାଙ୍କ ଭାବେ ପରିଗଣିତ। ଏହାର ଗ୍ରାହକ ସଂଖ୍ୟା ରାଜ୍ୟର ସମସ୍ତ ସହର ଓ ଗ୍ରାମରେ ପରିବ୍ୟାପ୍ତ। ବ୍ୟାଙ୍କ୍ ରେ ଗ୍ରାହକ ଭାବେ



ଥିବା ସମସ୍ତ ଆକାଉଣ୍ଟ ଧାରି ମାନେ ନିଜର ସାମାଜିକ ସୁରକ୍ଷା ପାଇଁ ନିଜ ଖାତା କୁ ପୁନଃ କେୱାଇସି କରିବା, ଡିଜିଟାଲ ଫ୍ରଡ଼ ମାନଙ୍କ ଠାରୁ ଦୂରେଇ ରହିବା, ଜୀବନ ବୀମା ପଲିସି ଗୁଡ଼ିକର ଫାଇଦା ଉଠାଇବା, ଡିବିଟି ସହାୟତା ସରଳ କରିବା, ଜନ ଧନ ଆକାଉଣ୍ଟ ଖୋଲିବା, ସରଳ ଭାବେ ଋଣ ନେବା ଆଦି ଉପରେ ଉପସ୍ଥିତ ଗ୍ରାହକ ମାନଙ୍କୁ ସଚେତନା କରାଯାଇଥିଲା। ଏହି ଶିବିରରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଉପଭୋକ୍ତା ମାନେ ଯୋଗ ଦେଇଥିଲେ। ଏହି ଅବସରରେ ସାମାଜିକ ସୁରକ୍ଷାରେ ଲାଭ ପାଇଥିବା ହିତାଧିକାରୀ, ଋଣ ପାଇ ସ୍ୱାବଲମ୍ବୀ ହୋଇଥିବା ମହିଳା ଗ୍ରୁପ ଓ ବ୍ୟକ୍ତି ବିଶେଷଙ୍କୁ ଅର୍ଥ ରାଶିର ଚେକ୍ ପ୍ରଦାନ କରାଯାଇଥିଲା। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ ନୃତ୍ୟ ଘୋଡ଼ା ନାଚ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରବନ୍ଧକ ଆରତୀ ସାମନ୍ତରା ସଂଯୋଜନା କରିଥିବା ବେଳେ ବରୋଦା ବ୍ୟାଙ୍କର ବରିଷ୍ଠ ଅଧିକାରୀ ସୌରଭ ମହାପାତ୍ର, ସୌମ୍ୟ ପ୍ରସାଦ ଦାସ, ଅମିତାଭ ସାହାଣୀ, ସତ୍ୟବ୍ରତ ପ୍ରଧାନ ଓ ସ୍ମୃତି ମନୀଷା ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ୨୩ରୁ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ

ଭୁବନେଶ୍ୱର,୯।୯ : ଆମାଜନ.ଇନ ପକ୍ଷରୁ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ୍ ସେପ୍ଟେମ୍ବର ୨୩, ୨୦୨୫ ରେ ଆରମ୍ଭ ହେବା ସମ୍ପର୍କରେ ଘୋଷଣା କରାଯାଇଛି। ପ୍ରାଇମ୍ ସଦସ୍ୟମାନେ ସପିଂ ଉତ୍ସବରେ ୨୪ ଘଂଟା ସ୍ୱତନ୍ତ୍ର ପ୍ରାରମ୍ଭିକ ପ୍ରବେଶ ପାଇବେ। ଗ୍ରାହକମାନେ ରୋମାଂଚକର ଡିଲ୍, ୧ ଲକ୍ଷରୁ ଅଧିକ ଉତ୍ପାଦର ଏକ ବିଶାଳ ଚୟନ ଉପରେ ବର୍ଷର ସର୍ବନିମ୍ନ ମୂଲ୍ୟ ଏବଂ ସାମସଙ୍ଗ, ଆପଲ୍, ଇଂଟେଲ୍, ଏଚପି, ଆସସ୍, ଟାଇଟନ୍, ଏଚପି, ଲିବାସ, ଲୋରିଆଲ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ବ୍ରାଣ୍ଡରୁ ନୂତନ ଶୁଭାରମ୍ଭ ଲାଭ କରିପାରିବେ। ସ୍ମାର୍ଟଫୋନ୍ ଉପରେ ୪୦% ପର୍ଯ୍ୟନ୍ତ ରିହାତି; ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ, ଘରୋଇ ରୋଷେଇ ଘର ଏବଂ ବାହାର ଜିନିଷ ଉପରେ ୮୦% ପର୍ଯ୍ୟନ୍ତ ରିହାତି; ଦୈନନ୍ଦିନ ଆବଶ୍ୟକତା ଉପରେ ୭୦% ପର୍ଯ୍ୟନ୍ତ ରିହାତି; ଟିଭି ଏବଂ ଘରୋଇ ଉପକରଣ ଉପରେ ୬୫% ରିହାତି; ଆମାଜନ୍ ଫ୍ରେସ, ଆଲେକ୍ସା ସହିତ ଇକୋ, ଫାୟାର ଟିଭି ଏବଂ କିଣ୍ଡିଲ୍ ଏବଂ ଆହୁରି ଅନେକ କିଛି ଉପରେ ୫୦% ରିହାତି ପାଇପାରିବେ। ଭାରତର ସମସ୍ତ କୋଣରୁ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟରୁ ଅନନ୍ୟ ଅଫର ସମେତ ୧୭ ଲକ୍ଷରୁ ଅଧିକ ବିକ୍ରେତା ହଜାର ହଜାର ଡିଲ୍ ଏବଂ ନୂତନ ଉତ୍ପାଦ ପ୍ରଦାନ କରୁଛନ୍ତି। ସେହିଭଳି ଏସବିଆଇ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଏବଂ ଇଏମଆଇ କାରବାର ଉପରେ ୧୦% ତୁରନ୍ତ ରିହାତି, ଅଗ୍ରଣୀ ବ୍ୟାଙ୍କଗୁଡ଼ିକରୁ ଆକର୍ଷଣୀୟ ଅଫର୍ ଏବଂ ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ ଅତିରିକ୍ତ କ୍ୟାସବ୍ୟାକ୍ ସହିତ, ଏହି ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲରେ ସମସ୍ତଙ୍କ ପାଇଁ କିଛି ନା କିଛି ରହିଛି। ଏସମ୍ପର୍କରେ ଆମାଜନ ଇଣ୍ଡିଆର ଭାଇସ୍ ପ୍ରେସିଡେଂଟ-କ୍ୟାଟେଗୋରୀ ସୌରଭ ଶ୍ରୀବାସ୍ତବ କହିଛନ୍ତି ଯେ





"ଆମାଜନ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ ଦେଶର ସବୁଠାରୁ ବଡ଼ ସପିଂ ଉତ୍ସବ ପାଇଁ ଗ୍ରାହକ, ବିକ୍ରେତା ଏବଂ ବ୍ରାଣ୍ଡକୁ ଏକାଠି କରି ଭାରତୀୟ ଉତ୍ସବର ଭାବନାକୁ ପାଳନ କରେ। ଏହି ବର୍ଷ, ଗ୍ରାହକମାନେ ଏକ ଲକ୍ଷ ଉତ୍ପାଦ ଉପରେ, ବ୍ଲକବଷ୍ଟର ଡିଲ୍, ରୋମାଂଚକର ନୂତନ ଶୁଭାରମ୍ଭ, ଆକର୍ଷଣୀୟ ମନୋରଞ୍ଜନ ଏବଂ ଅନେକ କିଛି ଉପରେ ବର୍ଷର ସର୍ବନିମ୍ନ ମୂଲ୍ୟ ପାଇଁ ଅପେକ୍ଷା କରିପାରିବେ। ଲକ୍ଷ ଲକ୍ଷ ଉତ୍ପାଦ ଉପରେ ଜିଏସଟି ହ୍ରାସ ସହିତ, ବିକ୍ରେତାମାନଙ୍କ ଦ୍ୱାରା ପୂର୍ବରୁ ଯୋଜନା କରାଯାଇଥିବା ରୋମାଂଚକର ଡିଲ୍ ସହିତ, ଗ୍ରାହକମାନେ ଏହି ଆମାଜନ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲରେ ମହାନ ସଂଚୟ ପାଇଁ ଆଶା କରିପାରିବେ।" ସେହିଭଳି ଅଭିନବ ସିଂହ, ଭାଇସ୍ ପ୍ରେସିଡେଂଟ - ଅପରେସନ୍ସ, ଆମାଜନ ଇଣ୍ଡିଆ ଏବଂ ଅଷ୍ଟ୍ରେଲିଆ କହିଛନ୍ତି, '୪୫ଟି ନୂତନ ଡେଲିଭରି ଷ୍ଟେସନର ଶୁଭାରମ୍ଭ, ଆମକୁ ଦେଶର ବିଭିନ୍ନ ସ୍ଥାନରେ ଗ୍ରାହକମାନଙ୍କୁ ଅଧିକ ଗତି ଏବଂ ବିଶ୍ୱସନୀୟତା ସହିତ ଖୁସି ପ୍ରଦାନ କରିବାକୁ ଅନୁମତି ଦିଏ, ଯେଉଁଥିରେ ଟିୟର ୨ ଏବଂ ୩ ସହର ମଧ୍ୟ ଅନ୍ତର୍ଭୁକ୍ତ।'

# ଟିଭିଏସ ଏନଟର୍କ ୧୫୦ ଉନ୍ମୋଚିତ

## ଭାରତର ଦ୍ରୁତତମ ଏବଂ ପ୍ରଥମ ହାଇପର ସ୍ପୋର୍ଟ ସ୍କୁଟର୍

ଭୁବନେଶ୍ୱର, ୯।୯ (ନି.ପ୍ର) : ଦୁଇଚକିଆ ଏବଂ ତିନି-ଚକ ଯାନର ଏକ ବିଶ୍ୱସ୍ତରୀୟ ଲିଡର ଟିଭିଏସ୍ ମୋଟର୍ କମ୍ପାନି (ଟିଭିଏସଏମ) ଭାରତର ଦ୍ରୁତତମ ହାଇପର୍ ସ୍ପୋର୍ଟସ୍ ସ୍କୁଟର୍ ଟିଭିଏସ୍ ଏନଟର୍କ ୧୫୦ର ଉନ୍ମୋଚନ ଘୋଷଣା କରିଛି। ୧୪୯.୭ ସିସିର ରେସ୍ ଆଧାରିତ ଇଞ୍ଜିନ୍ ଦ୍ୱାରା ଚାଳିତ ଏବଂ ଷ୍ଟିଲଥ ଏୟାରକ୍ରାଫ୍ଟ ଡିଜାଇନରୁ ଅନୁପ୍ରାଣିତ ଏହି ସ୍କୁଟରଟି ଉଚ୍ଚ ପ୍ରଦର୍ଶନ, ସ୍ପୋର୍ଟି ସୌନ୍ଦର୍ଯ୍ୟ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିର ମିଶ୍ରଣ ଯାହା ରାଇଡରମାନଙ୍କ ଏକ ନୂଆ ପିଢ଼ିକୁ ସେବା ପ୍ରଦାନ କରିବ। ଏହାର ଏକ ବିଶେଷ ପ୍ରାରମ୍ଭିକ ମୂଲ୍ୟ ୧,୧୯,୦୦୦ ଟଙ୍କା (ଏକ୍ସ-ଶୋରୁମ୍, ସାରା ଭାରତ) ରହିଛି।

ଟିଭିଏସ୍ ଏନଟର୍କ କାହାଣୀରେ ସର୍ବଦା ଚକିତ କରିବା ଭାବ ଉପରେ ଗଠିତ ଏହି ନୂତନ ସ୍କୁଟରଟି ଆଉ ଏକ ଭବିଷ୍ୟତ ଆଇକନ୍ ହେବ। ଏହାର ମଲ୍ଟି ପଏଂଟ ପ୍ରୋଜେକ୍ଟର୍ ହେଡଲ୍ୟାମ୍ପ, ଏୟାରୋଡାଇନାମିକ୍ ୱିଙ୍ଗଲେଟ୍, ରଙ୍ଗିନ ଆଲୟ ଚକ, ଏବଂ ସିଗନେଚର୍ ମଫଲର୍ ନୋଟ ଏହାର ରେସିଂ ଡିଏନଏକୁ ଉଜ୍ଜ୍ୱଳ କରିଛି ଏବଂ ଆଲେକ୍ସା ଏବଂ ସ୍ମାର୍ଟୱାଚ୍ ସମନ୍ୱୟ, ଲାଇଭ୍ ଟ୍ରାକିଂ, ନେଭିଗେସନ୍, ଏବଂ ଓଟିଏ ଅପଡେଟ୍ ପରି ୫୦ରୁ ଅଧିକ ସ୍ମାର୍ଟ୍ ବୈଶିଷ୍ଟ୍ୟ ସହିତ ଏକ ହାଇ-ରେସ୍ ଟିଏଫଟି କ୍ଲଷ୍ଟର୍ ଏହାକୁ ଏହାର ଶ୍ରେଣୀର ସବୁଠାରୁ ଉନ୍ନତ ସ୍କୁଟର୍ ଭାବରେ ଗଢ଼ି ତୋଳିଛି।



ଏହାର ଶୁଭାରମ୍ଭ ଅବସରରେ ଟିଭିଏସ୍ ମୋଟର କମ୍ପାନିର ବରିଷ୍ଠ ଉପସଭାପତି ଓ ମୁଖ୍ୟ- କମ୍ୟୁଟର୍ ଏବଂ ଇଭି ବିଜନେସ୍ ଏବଂ ମୁଖ୍ୟ- କର୍ପୋରେଟ୍ ବ୍ରାଣ୍ଡ୍ ଓ ମିଡିଆ ଶ୍ରୀ ଅନିରୁଦ୍ଧ ହଲଦାର କହିଛନ୍ତି ଯେ, 'ଦୁଇ ନିୟୁତରୁ ଅଧିକ ଏନଟର୍କ ଗ୍ରାହକ ଏବଂ ୫୦ରୁ ଅଧିକ ସ୍ୱ-ପରିଚାଳିତ ରାଇଡ୍ ଗ୍ରୁପ୍ ଏବଂ ସମ୍ପ୍ରଦାୟ ସହ ଭାରତର ସବୁଠାରୁ ପ୍ରିୟ ଏବଂ ଆଇକନିକ୍ ଅଟୋମୋଟିଭ୍ ବ୍ରାଣ୍ଡ ଏବଂ ଏହାର ରାଇଡରମାନଙ୍କ ମଧ୍ୟରେ ଗଠିତ ସମ୍ପର୍କକୁ ବ୍ୟାଖ୍ୟା କରୁଛି। ଟିଭିଏସ୍ ଏନଟର୍କ ଆକର୍ଷଣୀୟ ଡିଜାଇନ୍, ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ନୂତନ ଯୁଗର ପ୍ରଯୁକ୍ତିକୁ ସମର୍ଥନ କରୁଛି। ସମ୍ପୂର୍ଣ୍ଣ ନୂତନ ଟିଭିଏସ୍ ଏନଟର୍କ ୧୫୦ର ପରିଚୟ ଜେନ୍ ଜେଡଙ୍କ ବିକଶିତ ଉଚ୍ଚ-ପ୍ରଦର୍ଶନ ଆକାଂକ୍ଷାକୁ ପୂରଣ କରିବା ଉଦ୍ଦେଶ୍ୟ ରଖି ପ୍ରସ୍ତୁତ କରାଯାଇଛି। ଟିଭିଏସ୍ ଏନଟର୍କ ୧୫୦ ଭାରତର ପ୍ରଥମ ହାଇପର୍ ସ୍ପୋର୍ଟ ସ୍କୁଟର୍ ଯାହାର ହାଇପର୍ ଭବିଷ୍ୟତଧର୍ମୀ ଡିଜାଇନ୍, ହାଇପର୍ ଟ୍ୟୁନଡ ପ୍ରଦର୍ଶନ ଏବଂ ହାଇପର୍ କନେକ୍ଟେଡ୍ ପ୍ରଯୁକ୍ତି ଏହାର ରାଇଡରମାନଙ୍କୁ ରୋମାଂଚିତ କରିବ ଏବଂ ଟିଭିଏସ୍ ଏନଟର୍କ ବ୍ରାଣ୍ଡ୍ ଫ୍ରାଂଚାଇଜିକୁ ବିଶେଷ ଭାବରେ ଶକ୍ତିଶାଳୀ ଏବଂ ପ୍ରସାରିତ କରିବ।''

# 'ଡିକୋଡିଙ୍ଗ କର୍ମ-ଫ୍ରମ୍ ବାର୍ଥ ଟୁ ରିବାର୍ଥ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୯।୯ (ନି.ପ୍ର) : ମୁଁ କିଏ ? ମୁଁ କେଉଁଠାରୁ ଆସିଛି ? ମୃତ୍ୟୁ ପରେ ମୋ ସହିତ କ'ଣ ହେବ ? ଏହା ହୁଏତ ଅତ୍ୟଧିକ ଦାର୍ଶନିକ ପ୍ରଶ୍ନ ହୋଇପାରେ, କିନ୍ତୁ ଏଭଳି ପ୍ରଶ୍ନକୁ ନେଇ ଆତ୍ମଚିନ୍ତନ କଲେ ନିଜ ମନରେ ବେଶ ପରିବର୍ତ୍ତନ ଆସିପାରିବ ବୋଲି କହିଛନ୍ତି ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଉରକେଲାର ପୂର୍ବତନ ପ୍ରଫେସର ତଥା ଲେଖକ ପ୍ରଫେସର (ଡକ୍ଟର) କାହ୍ନୁଚରଣ ପାତ୍ର। ଏହି ସବୁ ଦାର୍ଶନିକ ପ୍ରଶ୍ନର ଉତର ଖୋଜିବାକୁ ଯାଇ ପ୍ରଫେସର (ଡକ୍ଟର) ପାତ୍ର 'ଡିକୋଡିଙ୍ଗ କର୍ମ-ଫ୍ରମ୍ ବାର୍ଥ ଟୁ





ରିବାର୍ଥ' ନାମକ ଏକ ପୁସ୍ତକ ରଚନା କରିଥିବା ବେଳେ ମଙ୍ଗଳବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ଯଦିଓ କର୍ମ ଏବଂ ମୋକ୍ଷ ଏହି ଦୁଇଟି ପ୍ରସଙ୍ଗକୁ ପୁସ୍ତକରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏଥି ସହିତ ଅନେକ ଗୁଡିଏ ବିସ୍ତୃତ ପ୍ରସଙ୍ଗକୁ ମଧ୍ୟ ଏହି ପୁସ୍ତକରେ ସାମିଲ କରିଛନ୍ତି ଲେଖକ। ପୁସ୍ତକଟିକୁ ଚାରି ଭାଗରେ ବିଭକ୍ତ କରାଯିବା ସହ ଜୀବନର ଅର୍ଥ ଏବଂ ମଣିଷ କିଭଳି ଭାବେ ଜୀବନ ଅତିବାହିତ କରିବା ଉଚିତ୍ ସେ ସମ୍ପର୍କରେ ଅଧିକ ବ୍ୟାଖ୍ୟା କରାଯାଇଛି ବୋଲି ପ୍ରଫେସର (ଡକ୍ଟର) ପାତ୍ର କହିଛନ୍ତି।

# ବିର୍ଲା ଟାୟର୍ସ ହେଲା ଡିପି ୱାଲର୍ଡ ଏସିଆ କପ୍ ୨୦୨୫ର ଅଧିକୃତ ଟାୟର୍ ପାର୍ଟନର

ଭୁବନେଶ୍ୱର,୯।୯ (ନି.ପ୍ର) : ବିର୍ଲା ଟାୟର୍ସ ଆନନ୍ଦର ସହିତ ଘୋଷଣା କରୁଛି ଯେ ସେମାନେ ଆଗାମୀ ଡିପି ୱାଲର୍ଡ ଏସିଆ କପ୍ ୨୦୨୫ ର ଅଧିକୃତ ଟାୟର୍ ପାର୍ଟନର ହେବାକୁ ଯାଉଛନ୍ତି। ଏହି ପ୍ରତିଷ୍ଠିତ ସହଭାଗୀତା ବ୍ରାଣ୍ଡର ସେହି ଦୃଷ୍ଟିକୋଣକୁ ପ୍ରତିଫଳିତ କରେ ଯାହା କ୍ରିକେଟ୍‌ର ଆତ୍ମା ସହିତ ସମନ୍ୱୟ କରେ – ଏକ ଖେଳ ଯାହା ଦେଶ, ସଂସ୍କୃତି ଓ ସମାଜର ସୀମା ଉଲ୍ଲଙ୍ଘନ କରି ଲକ୍ଷୋଧିକ ଲୋକଙ୍କୁ ଏକତ୍ର କରେ।

ଏହି ସହଭାଗୀତା ବିଷୟରେ କହିବା ସମୟରେ ହିମାଦ୍ରି ସ୍ପେସିଆଲିଟି କେମିକାଲ୍ ଲିମିଟେଡ୍‌ର ସିଏମ୍‌ଡି ଓ ସିଇଓ ଶ୍ରୀ ଅନୁରାଗ ଚୌଧୁରୀ କହିଛନ୍ତି ଯେ, "ଡିପି ୱାଲର୍ଡ ଏସିଆ କପ୍ ୨୦୨୫ ର ଅଧିକୃତ ବିର୍ଲା ଟାୟର୍ ପାର୍ଟନର ହେବା, ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ। କ୍ରିକେଟ୍ କେବଳ ଗୋଟିଏ ଖେଳ ନୁହେଁ; ଏହା ଗୋଟିଏ ଭାବନା ଯାହା ଲକ୍ଷୋଧିକ ଲୋକଙ୍କୁ ଏକତ୍ର କରେ।" ଡାଲମିଆ ଭାରତ ରିଫ୍ରାକ୍ଟରିଜ୍ ଲିମିଟେଡ୍‌ର ପୂର୍ଣ୍ଣକାଳୀନ ନିଦେଶକ ଓ ସିଇଓ ଡା. ଚନ୍ଦ୍ର ନାରାୟଣ ମହେଶ୍ୱରୀ କହିଛନ୍ତି ଯେ,"ଏହି ସହଭାଗୀତା ମାଧ୍ୟମରେ ଆମେ ସାରା ବିଶ୍ୱର କ୍ରିକେଟ୍ ପ୍ରେମୀମାନଙ୍କ ସହିତ ଆମର ସମ୍ପର୍କକୁ ଆହୁରି ଗଭୀର କରିବାକୁ ଆଶା କରୁଛୁ, ସେଥିସହିତ ଆମର ବ୍ରାଣ୍ଡର ଲଚିଳାପନ, ବିଶ୍ୱାସ ଓ ପରିଣାମର ମୂଲ୍ୟବୋଧକୁ ଉଜାଗର କରିବାକୁ ଚାହୁଁଛୁ।"

# ଓଡ଼ିଶାରେ ଗ୍ରାମୀଣ ମହିଳାଙ୍କ ଜୀବନରେ ରୂପାନ୍ତରଣ ଆଣୁଛି ଆଦିତ୍ୟ ଆଲୁମିନିୟମର 'ପ୍ରୋଜେକ୍ଟ ଶକ୍ତି'

ଭୁବନେଶ୍ୱର,୯।୯ (ନି.ପ୍ର) : ଆଦିତ୍ୟ ବିର୍ଲା ଗ୍ରୁପ କମ୍ପାନୀ ଆଦିତ୍ୟ ଆଲୁମିନିୟମ ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ଏହାର କାରଖାନା ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ନିମନ୍ତେ ଅର୍ଥପୂର୍ଣ୍ଣ କଲ୍ୟାଣକାରୀ ପ୍ରୟାସସମୂହରେ ଗଭୀର ଭାବରେ ନିୟୋଜିତ ରହିଛି। ଏହାର ଅନ୍ୟତମ ପ୍ରକଳ୍ପ 'ପ୍ରୋଜେକ୍ଟ ଶକ୍ତି' ଆୟକାରୀ ଉପାୟ ଜରିଆରେ ବେରୋଜଗାର ଗ୍ରାମୀଣ ମହିଳାଙ୍କ ନିକଟରେ ପହଞ୍ଚିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟତା କରୁଛି।ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ହିଣ୍ଡାଲ୍‌କୋ ସମ୍ବଲପୁରର ମାଇନିଂ ବିଜିନେସ୍ ହେଡ ଏବଂ କ୍ଲଷ୍ଟର ହେଡ୍ ଶ୍ରୀ କୈଳାସ ପାଣ୍ଡେ କହିଛନ୍ତି, "ପ୍ରୋଜେକ୍ଟ ଶକ୍ତି କେବଳ ଅର୍ଥନୈତିକ ସଶକ୍ତିକରଣ ସମ୍ପର୍କିତ ନୁହେଁ, ଏହା ମହିଳାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହିତ ସେମାନଙ୍କ ମଧ୍ୟରେ ନେତୃତ୍ୱକୁ ପ୍ରୋତ୍ସାହିତ କରୁଛି। ଆବଶ୍ୟକ ସାଧନ ଏବଂ ସମ୍ବଳ ଯୋଗାଇଦେଇ ଆମେ ଆମ କାରଖାନା ନିକଟବର୍ତ୍ତୀ ଅଞ୍ଚଳର ୪୦ଟି ଗ୍ରାମରେ ୨୦୦୦ରୁ ଅଧିକ ମହିଳାଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନର ବ୍ୟାପକ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।

ଅଗଷ୍ଟ ୨୦୧୯ରେ ଏହା ଆରମ୍ଭ ହେବା ଦିନଠାରୁ ପ୍ରୋଜେକ୍ଟ ଶକ୍ତି ୨୧୫ ଗୋଷ୍ଠୀର ୨୧୮୫ ଏସଏଚ୍‌ଜି ସଦସ୍ୟାଙ୍କ ଜୀବନକୁ ସ୍ପର୍ଶ କରିଛି। ଏହି ପ୍ରୋଜେକ୍ଟ ଶକ୍ତି ଅଧୀନରେ ପ୍ରୟାସଗୁଡିକ ମଧ୍ୟରେ ସାମୂହିକ ଅଭିବୃଦ୍ଧି ନିମନ୍ତେ ପ୍ରଗତି, ଚାଲେଞ୍ଜ ଏବଂ ରଣକୌଶଳ ସମ୍ପର୍କରେ ଆଲୋଚନା କରିବାକୁ ନିୟମିତ



ଏସଏଚ୍‌ଜି ବୈଠକ ଅନ୍ତର୍ଭୁକ୍ତ। ଟେଲରିଂ, ପତ୍ର ଥାଳି ତିଆରି, ଛତୁ ଚାଷ, ପନିପରିବା ଚାଷ ଆଦି ଆୟକାରୀ କାର୍ଯ୍ୟକଳାପଗୁଡିକୁ ଦୀର୍ଘସ୍ଥାୟିତା ସୁନିଶ୍ଚିତ କରିବାନିମନ୍ତେ ପ୍ରସ୍ତାବାବଳୀ, ପ୍ରେରଣା, ତାଲିମ ଏବଂ ବଜାର ସଂଯୋଗୀକରଣ ଆଦି ଜରିଆରେ ସମର୍ଥନ ଯୋଗାଇ ଦିଆଯାଉଛି। ଏହି ପ୍ରକଳ୍ପରେ ମଧ୍ୟ ସାମାଜିକ ଯୋଜନାଗୁଡିକ ସମ୍ପର୍କରେ ସଚେତନତା ବୃଦ୍ଧି କରାଯାଉଛି ଏବଂ ଆର୍ଥିକ ସାକ୍ଷରତା ତାଲିମ ସେମାନଙ୍କୁ ଆବଶ୍ୟକ ଦକ୍ଷତାରେ ସୁସଜ୍ଜିତ କରୁଛି। ସଫଳ ଉଦ୍ୟୋଗଗୁଡିକୁ ଶିକ୍ଷଣୀୟ ଗସ୍ତ ଏବଂ ମେଳା ଆଦିରେ ଅଂଶଗ୍ରହଣ ସେମାନଙ୍କର ଦୃଶ୍ୟମାନତା ଏବଂ ବଜାର ପହଞ୍ଚକୁ ପରିବର୍ଦ୍ଧିତ କରୁଛି," ବୋଲି ଶ୍ରୀ ପାଣ୍ଡେ କହିଛନ୍ତି। ପାଣ୍ଠି ଯୋଗାଣକାରୀ ସଂସ୍ଥା ଏବଂ ରୂପାୟନକାରୀ ସହଯୋଗୀ ଆଦିତ୍ୟ ଆଲୁମିନିୟମ ତାଲିମ, ଦକ୍ଷତା ନିର୍ମାଣ ଏବଂ ଶିକ୍ଷାମୂଳକ ଗସ୍ତ ଆଦିରେ ଉଲ୍ଲେଖନୀୟ ଭାବରେ ନିବେଶ କରୁଛି। ଏହା ଏକ ମୂଲ୍ୟ ଶୃଙ୍ଖଳ ଏବଂ ଦୀର୍ଘସ୍ଥାୟୀ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରୁଥିବାବେଳେ ଏହି ପ୍ରକଳ୍ପ ସ୍ଥାନୀୟ ଉତ୍ପାଦନ ଏବଂ ଆହରଣକୁ ଉତ୍ସାହିତ କରୁଛି। ଉଦାହରଣସ୍ୱରୂପ ହଳଦୀ ଚାଷରେ ନିୟୋଜିତ ଏସଏଚ୍‌ଜିଗୁଡିକ ମସଲା ବିପଣନକାରୀ ଏସଏଚ୍‌ଜିଗୁଡିକୁ କଞ୍ଚାମାଲ ଯୋଗାଣ କରୁଛନ୍ତି ଏବଂ ଏହାଦ୍ୱାରା ଅସାଧୁ ଭାବରେ ଲାଭ ଅର୍ଜନ ଏବଂ ମଧ୍ୟସ୍ଥି ବ୍ୟବସ୍ଥାକୁ ଦୂର କରାଯାଇପାରିଛି। ପରିବେଶ ଅନୁକୂଳ ଉତ୍ପାଦ ପ୍ରସ୍ତୁତ କରୁଥିବା ଏସଏଚ୍‌ଜିଗୁଡିକର ସଫଳତାର କାହାଣୀ ଏହି ପ୍ରକଳ୍ପର ସ୍ଥାନୀୟ ଜନସାଧାରଣଙ୍କ ଉପରେ ପଡୁଥିବା ପ୍ରଭାବ ଏବଂ ପରିବେଶ ସଂରକ୍ଷଣ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରୁଛି।

ଏହିଭଳି ଜଣେ ହିତାଧିକାରୀ ହେଉଛନ୍ତି ଧୋରୋପାଣି ଗ୍ରାମର ରଶ୍ମୀ ମଞ୍ଜୁଳା, ଯିଏ ଜୟ ଜଗନ୍ନାଥ ଏସଏଚ୍‌ଜିର ଜଣେ ସଦସ୍ୟା। ବାରମଜା ଏବଂ ନମ୍‌କିନ ତିଆରିରେ ୨୦୧୯ରେ ତାଲିମ ନେଇଥିବା ରଶ୍ମୀଙ୍କ ବ୍ୟବସାୟ ସମ୍ପ୍ରସାରିତ ହୋଇଛି ଏବଂ ୨୦୨୧ରେ ଓରମାସ୍‌ରୁ ସେ ସ୍ୱୀକୃତି ଲାଭ କରିଥିଲେ। ତାହାପରେ ସେ ଟେଲରିଂ ତାଲିମ ନେଇ ଏସଏଚ୍‌ଜିରୁ ଋଣ ନେଇ ଏକ ସିଲେଇ ମେସିନ ଖରିଦ କରିଥିଲେ ଏବଂ ସମ୍ପ୍ରତି ସେ ମାସିକ ୫୦୦୦ରୁ ୮୦୦୦ ଟଙ୍କା ଉପାର୍ଜନ କରୁଛନ୍ତି ଏବଂ ତାଙ୍କ ପରିବାରକୁ ସମର୍ଥନ ଯୋଗାଇ ଦେଉଛନ୍ତି। କିଶୋରୀ ବାଳିକାଙ୍କ ପୁଷ୍ଟିସାଧନକୁ ସମର୍ଥନ କରୁଥିବା କାରଣରୁ ୨୦୨୪ରେ ତାଙ୍କ ଗ୍ରୁପ୍ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ନିମନ୍ତେ ମନୋନୀତ ହୋଇଥିଲା। ଜଣେ ଗୃହିଣୀରୁ ଉଦ୍ୟୋଗୀ ଭାବରେ ରଶ୍ମୀଙ୍କର ଯାତ୍ରା ତାଙ୍କ ଗ୍ରାମବାସୀଙ୍କୁ ପ୍ରେରଣା ଯୋଗାଉଛି। ଅନ୍ୟ ଜଣେ ଉଦାହରଣ ହେଉଛନ୍ତି ଓରାମପଡା ଗ୍ରାମର 'ମା ଲକ୍ଷ୍ମୀ' ମହିଳା ଏସଏଚ୍‌ଜି ଗ୍ରୁପର ସଦସ୍ୟା କୈଳାସିନୀ ଓରାମ। ଛତୁ ଚାଷ ଏବଂ ସମନ୍ୱିତ କୃଷି ନିମନ୍ତେ ପରିଚିତ କୈଳାସିନୀଙ୍କ ବ୍ୟବସାୟରେ ଅଭିବୃଦ୍ଧି ନିମନ୍ତେ ଆଦିତ୍ୟ ଆଲୁମିନିୟମ ସମର୍ଥନ ଯୋଗାଇଦେଇଛି ଏବଂ ସମ୍ପ୍ରତି ସେ ମାସିକ ୧୫,୦୦୦ ଟଙ୍କାରୁ ୩୦,୦୦୦ ଟଙ୍କା ଆୟ କରୁଛନ୍ତି। ଉତ୍ସର୍ଗୀକୃତ ଭାବ ନେଇ ସେ ନିଜ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେଉଛନ୍ତି ଏବଂ ତାଙ୍କ ପରିବାର ନିମନ୍ତେ ଏକ ଉତ୍ତମ ଜୀବନକୁ ସମର୍ଥନ କରୁଛନ୍ତି।



# ଆମ୍ବନାଳ ସେତୁ ସୁରକ୍ଷା ବାଡଭାଙ୍ଗିବା ଘଟଣା ୩୬ ଲିଟର ଦେଶୀମଦ ଜବତ, ଜଣେ କୋର୍ଟ ଚାଲାଣ

ଖଣ୍ଡପଡ଼ା, ୯।୯ (ନିପ୍ର): ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ସହରାଞ୍ଚଳ ଅଧୀନ କରଡାବଣି ଗ୍ରାମରେ ଚଢାଉ କରାଯାଇ ୩୬ ଲିଟର ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିବା ସୂଚନା ମିଳିଛି। ଏହି ଚୋରା କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ସାଧୁଆ ରାଉତ(୩୦) ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଜେନାଙ୍କ ଠାରୁ ସୂଚନା ମିଳିଛି। ଅତି ସନ୍ତର୍ପଣରେ ସହ ସ୍କୁଟି ଯୋଗେ



ମଦ ନେଇ ଯାଉଥିବା ସାଧୁଆକୁ ଅବକାରୀ ଟିମ ଇଣ୍ଡୋର ଷ୍ଟାଡିଅମ ନିକଟରେ ମାଡିବସିଥିଲା। ଗତ କିଛି ଦିନ ହେବ ଚୋରା କାରବାରରେ ସଂପୃକ୍ତ ଥିବା ଅଭିଯୋଗ ହୋଇଆସୁଥିଲା। ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରିଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# ପୋଲିସ ଚଢ଼ାଉବେଳେ ୨ କେଜି ଗଞ୍ଜେଇ ଜବତ : ଅଭିଯୁକ୍ତ ଗିରଫ

କେନ୍ଦୁଝର,୯।୯ (ନି.ପ୍ର) : କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବିଲେଇ ପଦା ସ୍ଥିତ କାରଣ ସାହି ରେ ଥିବା ଟୋଲ ଗେଟ ନିକଟରୁ ଯୋଡ଼ା ପୋଲିସ ପେଟ୍ରୋଲିଂ ବେଳେ ସମବାର ସନ୍ଧ୍ୟା ରେ ୨ କେଜି ଗଂଜେଇ ଜବତ କରିବା ସହ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ତେବେ ଅଭିଯୁକ୍ତ ଜଣକ ହେଲେ ରୋରୁଁଆ ଅଞ୍ଚଳର ସୁଶାନ୍ତ ଗିରି ବୟସ (୩୫)ବୋଲି ଜଣାପଡିଛି ।ପୋଲିସ ଙ୍କ ସୂଚନା ଅନୁଯାୟୀ ସୁଶାନ୍ତ ବହୁ ଦିନରୁ ଚୋରା ଭାବେ ଏହି ଗଂଜେଇ ରାକେଟ



ଚଳେଇ ଆସୁଥିଲେ ।ସମବାର ସନ୍ଧ୍ୟା ରେ ସେ ଗଞ୍ଜେଇ ନେଇ ବାଇକ (OD୧୧ଇ୩୩୯୬)ରେ ଯାଉଥିବା ବେଳେ ପୋଲିସ ତାଙ୍କୁ ଅଟକ ରଖି ଯାଞ୍ଚ କରିବାରୁ ଅଭିଯୁକ୍ତ ଠାରୁ ୨ କେଜି ଗଞ୍ଜେଇ ,ବାଇକ ଏବଂ ୨୨୦୦/- ଟଙ୍କା ଜବତ କରିଥିଲେ। ଏ ନେଇ ଏକ ଏନ. ଡି.ପି.ଏସ କେସ ନମ୍ବର ୨୬୩/୨୫ ମାମଲା ରୁଜୁ କରି ତଦନ୍ତ ଜାରୀରଖିଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି।

# ନବରଙ୍ଗପୁର ସହରାଞ୍ଚଳ ବିକାଶ ଓ ସ୍ୱଚ୍ଛତା ପାଇଁ ବିଧାୟକ ଏବଂ ଜିଲ୍ଲାପାଳଙ୍କ ପରିଦର୍ଶନ



ନବରଙ୍ଗପୁର,୯।୯ (ନି.ପ୍ର) : ଆଜି ସକାଳ ୭.୩୦ ମି ସମୟରେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ନବରଙ୍ଗପୁର ପୌରାଞ୍ଚଳର ସ୍ୱଚ୍ଛତା,ସାହି ରାସ୍ତା,ନାଳ ନିର୍ମାଣ,ରାସ୍ତା ଓସାର,ରିଙ୍ଗ ରୋଡ ଓସାର, ମାଝୀଗୁଡ଼ା ଓ, ସୁବାସ ବୋଷ ଚୌକ, ଚଉଁରିଆଗୁଡା ଟ୍ରାଫିକ ଜଙ୍କସନ,ଅତିରିକ୍ତ ସର୍କିଟ ହାଉସ ନିର୍ମାଣ, ଆମିଷ ବଜାର ର ନିର୍ମାଣ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସଂପତ,ପୌରପାଳିକା ଅଧକ୍ଷ କୁନୁ ନାୟକ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହନିର୍ମାଣ କେ କନ୍ଧପାନି, ଅଧିକ୍ଷଣ ଯନ୍ତ୍ରୀ ଟି ପି ଏସ ଓ ଡି ଏଲ ସିବେଶ ରାମ ସାହୁ , କାଉନସିଲର ସଦସ୍ୟ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ,ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ପ୍ରମୁଖ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

# ବ୍ରାହ୍ମଣୀରେ ଚତୁର୍ଥ ବନ୍ୟା କୁଳସାହି ଗ୍ରାମ ବାହ୍ୟ ଜଗତରୁ ବିଛିନ୍ନ



ପଟ୍ଟାମୁଣ୍ଡାଇ,୯।୯ (ନି.ପ୍ର) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟା ଅଞ୍ଚଳ ରେ ବ୍ରାହ୍ମଣୀ ବନ୍ୟା ଚତୁର୍ଥ ଥର ହୋଇଥିବା ବେଳେ ସମସ୍ତ ସାତ ପଂଚାୟତ ର ଧନ ଜୀବନ ପ୍ରଭାବିତ ହୋଇଥିଲା । ପେଣ୍ଠପାଳ ପଂଚାୟତ ର କୁଳସାହି ଗ୍ରାମ ନଦୀ କୂଳରେ ଅବସ୍ଥିତ ହେତୁ ଅଧିକ ପ୍ରଭାବିତ ହୋଇଛି. କୁଳସାହି ରୁ ତୁଳସୀଡ଼ିଆ ଦେଇ ତରଡ଼ିପାଳ ମୁଖ୍ୟ ରାସ୍ତା କୁ ସାଂଯୋଗ କରୁଥିବା ରାସ୍ତା ହୃଦାନନ୍ଦ ବିଶ୍ୱାଳ ଙ୍କ ଘର ନିକଟରେ ଏକ ୧୫ ପୁଟ ରୁ ଉର୍ଦ୍ଧ ଘାଇ ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ ଭାବେ ଠପ ହୋଇଯାଇଛି. ବନ୍ୟା ଛାଡିବା ପରେ ବି ସ୍କୁଲ କଲେଜ ତଥା ମେଡିକାଲ ଯାଇପାରୁନାହାନ୍ତି. ୨୦୦୦ ରୁ ଉର୍ଦ୍ଧ ଲୋକ ଥିବା ଗ୍ରାମ ଏହି ଘାଇ ପାଇଁ ଏବେ ବିଛିନ୍ନ ହୋଇପଡିଛି. ଚାରି ଥର ବନ୍ୟା ପରେ ବି ଏ ସରକାର ଙ୍କ ନିଦ ଭାଙ୍ଗି ନାହିଁ କି ରିଲିଫ ମୁଠେ ସାଧାରଣ ଖଟିଖିଆ ଲୋକ ପାଇ ନ ଥିବା ଅସନ୍ତୋଷ ଭିତରେ ତୁରନ୍ତ ରାସ୍ତା ମରାମତି ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି.

# ଭାରତ ଓ ୟୁଏଇ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ହେବ ମଜଭୁତ୍ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୯।୯ (ନି.ପ୍ର) : ଭାରତ ଓ ୟୁଏଇ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜଭୂତ୍ କରିବା ତଥା ଶୈକ୍ଷିକ ଉତ୍କର୍ଷତା ଏବଂ ନବସୃଜନ ପରିସଂସ୍ଥାନ ପାଇଁ ରଣନୈତିକ ଭାଗିଦାରିତାକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେପ୍ଟେମ୍ବର ୧୦ରୁ ୧୧ ତାରିଖ ପର୍ଯ୍ୟନ୍ତ ଦୁଇଦିନିଆ ୟୁଏଇ ଗସ୍ତରେ ଯାଉଛନ୍ତି ।

ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଶିକ୍ଷା, ନବସୃଜନ ଏବଂ ଜ୍ଞାନ ଆଦାନପ୍ରଦାନରେ ସହଭାଗୀତାକୁ ଆଗକୁ ବଢ଼ାଇବା ଲକ୍ଷ୍ୟରେ ୟୁଏଇର ପ୍ରମୁଖ ନେତୃତ୍ୱ, ମନ୍ତ୍ରୀ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍ ଏବଂ ଭାରତ ଓ ୟୁଏଇ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବେ । ଶ୍ରୀ ପ୍ରଧାନ ଗସ୍ତର ପ୍ରଥମ ଦିନରେ ଆବୁଧାବିର ଶିକ୍ଷା ଏବଂ ଜ୍ଞାନ ବିଭାଗ (ଏଡିଇକେ)ର ଅଧକ୍ଷା ସାରା ମୁସଲ୍ଲମଙ୍କ ସହ ଆଲୋଚନା କରିବେ । ଆଇଆଇଟି ଦିଲ୍ଲୀ-ଆବୁଧାବୀ କ୍ୟାମ୍ପସ ପରିଦର୍ଶନ କରିବା ସହ ସେଠାରେ ଅଟଳ ଇନକ୍ୟୁବେସନ୍ ସେଣ୍ଟର (ପ୍ରଥମ ବିଦେଶୀ କେନ୍ଦ୍ର) ଉଦଘାଟନ କରିବା ସଙ୍ଗେସଙ୍ଗେ ପିଏଚଡି ଏବଂ ବି.ଟେକ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ଏହି ଅବସରରେ ଶ୍ରୀ ପ୍ରଧାନ କ୍ୟାମ୍ପସର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଆବୁଧାବିର ବାପ୍ସ ହିନ୍ଦୁ ମନ୍ଦିର ପରିଦର୍ଶନ କରିବା ସହ ସିମ୍ବିୟୋସିସ୍ ବିଶ୍ୱବିଦ୍ୟାଳୟ, ଦୁବାଇ



କ୍ୟାମ୍ପସର ପ୍ରଥମ ବାର୍ଷିକଉତ୍ସବରେ ଯୋଗଦେବେ ।

ସେହିପରି ଗସ୍ତର ଅନ୍ତିମ ଦିନରେ ୟୁଏଇର ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆଓ୍ୱାରଙ୍କ ସହିତ ଆ।ଇ।ଆ।ଇ।ଏମ, ଅହମ୍ମଦବାଦର ଦୁବାଇ କ୍ୟାମ୍ପସର ଉଦଘାଟନୀ କାର୍ଯ୍ୟକ୍ରମରେ ସାମିଲ ହେବେ । ଉଭୟ ମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଚାଲିଥିବା ଦ୍ୱିପାକ୍ଷିକ ସହଯୋଗ ବିଷୟରେ ବିସ୍ତୃତ ଆଲୋଚନା କରିବେ । ୟୁଏଇରେ ଭାରତୀୟ ଉଚ୍ଚ ଶିକ୍ଷାନୁଗୁଡ଼ିକର ଏକ ଗୋଲଟେବୁଲ ସମ୍ମିଳନୀରେ ମଧ୍ୟ ସେ ଯୋଗଦେବେ । ଏହାବ୍ୟତୀତ ଶ୍ରୀ ପ୍ରଧାନ କନସୁଲେଟରେ 'ଏକ ପେଡ୍ ମା କେ ନାମ' ଅଭିଯାନ ଅଦୀନରେ ଗଛ ଲଗାଇବେ । ସେଠାରେ ଶିକ୍ଷକ ଦିବସ ପାଳନ ଅବସରରେ ସିବିଏସଇ ସ୍କୁଲର ପ୍ରିନ୍ସିପାଲଙ୍କ ସହିତ ଆଲୋଚନା କରିବେ ଏବଂ ୟୁଏଇରେ ଥିବା ଭାରତୀୟ ସ୍କୁଲଗୁଡ଼ିକରେ ଅଟଳ ଟିଙ୍କରିଂ ଲ୍ୟାବର ଶୁଭାରମ୍ଭ କରିବେ । ଶେଷରେ ଦୁବାଇରେ ବସବାସ କରୁଥିବା ଭାରତୀୟ ପ୍ରବାସୀମାନଙ୍କ ସହିତ ଆଲୋଚନା କରିବା ସହ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।

## ସଂଗ୍ରାମୀଙ୍କ ସ୍ମୃତିଶୀଳାଗୁଡ଼ିକର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୮।୯ (ନି.ପ୍ର) : ଓଡ଼ିଶା ରାଜ୍ୟର ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିକୁ ଉଜ୍ଜିବିତ କରି ରଖିବା ଉଦ୍ଦେଶ୍ୟରେ ୧୯୭୪ ମସିହାରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶାସନକାଳରେ ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟ ପରିସରରେ ସେହି ଅଞ୍ଚଳର ସ୍ଥାନୀୟ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଉଲ୍ଲେଖ ଥାଇ ଯେଉଁ ସଂଗ୍ରାମୀ ସ୍ମୃତିଶୀଳାଗୁଡ଼ିକ ସ୍ଥାପନ କରାଯାଇଥିଲା ବର୍ତ୍ତମାନ ଅନେକ ବ୍ଲକରେ ସେଗୁଡ଼ିକ ଏବେ ଲୁକ୍କାୟିତ, ଜୀର୍ଣ୍ଣଶୀର୍ଣ୍ଣ ଓ ଭଗ୍ନ ଅବସ୍ଥାନର ପଡ଼ି ରହିଛି ବୋଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଏହି ଗରୀମାମୟ ଐତିହ୍ୟକୁ ସୁରକ୍ଷା କରାଯିବା ଏକାନ୍ତ ଜରୁରୀ। ତେଣୁ ରାଜ୍ୟର ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗପୂତ ଅମ୍ଳାନ ଗୁଣାବଳୀର ସ୍ମୃତି ଚାରଣ ପାଇଁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପୂର୍ବରୁ ଯେଉଁ ବ୍ଲକଗୁଡ଼ିକରେ ଲୁକ୍କାୟିତ ହୋଇଯାଇଥିବା କିମ୍ବା ଜୀର୍ଣ୍ଣ ଶୀର୍ଣ୍ଣ ଓ ଭଗ୍ନ ଅବସ୍ଥାରେ ପଡ଼ି ରହିଥିବା ସ୍ମୃତିଶୀଳାଗୁଡ଼ିକ ରହିଛି ଏହାର ଆଶୁ ପୁନରୁଦ୍ଧାର ଓ ଆବଶ୍ୟକ ସ୍ଥଳେ ନୂତନ ସ୍ମୃତିଶୀଳା ନିର୍ମାଣ କରାଯାଇ ଏଥିରେ ଇତି ମଧ୍ୟରେ ଆଉ ଯୋଡ଼ିହେବାକୁ ଥିବା ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଉଲ୍ଲେଖ କରାଯିବାକୁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଇଛନ୍ତି। ବିଶେଷ କରି ଆସନ୍ତା ଗାନ୍ଧୀ ଜୟନ୍ତୀ ଦିବସରେ ଓଡ଼ିଶାର ସମସ୍ତ ବ୍ଲକଗୁଡିକରେ ସ୍ମୃତିଶୀଳାରେ ପୂଜ୍ୟପୂଜା ଓ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଏବଂ ସ୍ଥାନୀୟ ବ୍ଲକ ପ୍ରଶାସନ ଜରିଆରେ ସ୍ମୃତି ଚାରଣ ସଭାର ଆୟୋଜନ କରାଯାଇ ପାରନ୍ତା ତାହା ଆମ ଓଡ଼ିଆ ଅସ୍ମିତାର ଶ୍ରେଷ୍ଠ ପରିଚୟ ଓ ପୂର୍ବସୁରୀମାନଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୁଅନ୍ତା ବୋଲି ସଭାପତି ଶ୍ରୀପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି ମର୍ମରେ ଶ୍ରୀ ପଟ୍ଟନାୟକ ପଞ୍ଚାୟତରାଜ ଓ ପାନୀୟଜଳ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଏବଂ ସମସ୍ତ ଜିଲ୍ଲାପାଳଙ୍କୁ ଏହି ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ ପତ୍ର ପଠାଇଛନ୍ତି।

## ଓଡ଼ିଶା ପତ୍ରକାର ସଂଘର ୧୬ତମ ପ୍ରତିଷ୍ଠା ଦିବସ

# ନିରପେକ୍ଷ ଓ ଗଠନ ମୂଳକ ସମ୍ବାଦ ସମାଜକୁ ଦିଗଦର୍ଶନ ଦିଏ

ଭୁବନେଶ୍ୱର, ୯।୯ (ନି.ପ୍ର) : ସମାଜ ଓ ରାଷ୍ଟ୍ରର ବିକାଶ ପାଇଁ ସମ୍ବାଦପତ୍ରର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ନିରପେକ୍ଷ ଓ ଗଠନମୂଳକ ସମ୍ବାଦ ପରିବେଷଣ ଦ୍ୱାରା ସମାଜର ବିକାଶ ହେବା ସହ ରାଷ୍ଟ୍ରର ଉନ୍ନତି ହୋଇଥାଏ। ହେଲେ ବର୍ତ୍ତମାନ ଦେଖାଯାଉଛି, ସମ୍ବାଦପତ୍ର ଓ ସାମ୍ବାଦିକମାନେ କିଛି ମାତ୍ରାରେ ଏଥିରୁ ବିଚ୍ୟୁତ ହେଉଛନ୍ତି। ସତ୍ୟ, ନିରପେକ୍ଷ ଓ ଗଠନମୂଳକ ସମ୍ବାଦ ପ୍ରକାଶନ ଦ୍ୱାରା ସମାଜର ଅବହେଳିତ ଲୋକଙ୍କ କଥା ସରକାରଙ୍କ ନିକଟରେ ପହଁଞ୍ଚିପାରେ ଏବଂ ସେମାନଙ୍କ ସମସ୍ୟାର ଦୂର ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଓଡ଼ିଶା ପ୍ରତକାର ସଂଘର ୧୬ତମ ପ୍ରତିଷ୍ଠାଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ କହିଲେ ଯେ, ସାମ୍ବାଦିକମାନେ ଏକାଠି ହେଲେ ସେମାନଙ୍କ ସମସ୍ୟା ଦୂର ହେବା ସହ




ସରକାର ମଧ୍ୟ ସେମାନଙ୍କ ଦାବି ପୂରଣ କରିବା ପାଇଁ ବାଧ୍ୟ ହେବେ। ସାମ୍ବାଦିକମାନଙ୍କ ଏକତା ଅଭାବରୁ ସେମାନେ ଆଜି ଅବହେଳିତ। ଅନ୍ୟତମ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ସମ୍ବାଦିକଙ୍କ ସମସ୍ୟା ଓ ସମ୍ବାଦ ପରିବେଷଣ ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ କରିବା ପାଇଁ ସରକାର ଅନୁଧ୍ୟାନ କରୁଛନ୍ତି ବୋଲି କହିଥିଲେ। ସଂଘର ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି ଯୋଗଦେଇ ସାମ୍ବାଦିକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରମିକନେତା ମହେନ୍ଦ୍ର ପରିଡ଼ା, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଶୋୟୀ ଯୋଗଦେଇ ସାମ୍ବାଦିକମାନେ ନିରପେକ୍ଷ ଓ ସତ୍ୟ ସମ୍ବାଦ ପରିବେଷଣ କଲେ ସମାଜର ତଳସ୍ତରରେ ଲୋକଙ୍କ ନ୍ୟାୟ ପାଇପାରିବେ ବୋଲି ମତ ରଖିଥିଲେ। ସଂଘର ରାଜ୍ୟ ସଭାପତି ଅବିନାଶ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ରାମଦାସ ଲିମା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିସହ ସାମ୍ବାଦିକଙ୍କ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ଓଡ଼ିଶା ପତ୍ରକାର ସଂଘର ୱେବସାଇଟ୍‌କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରାଜ୍ୟ ଉପସଭାପତି ସୁରେଶ ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଧୃତିଧର ଦାସ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସପ୍ତମ ଅଧିବେଶନ

ଭଦ୍ରକ,୯।୯ (ନି.ପ୍ର) : ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ମିଳନୀ କକ୍ଷ "ନିତ୍ୟାନନ୍ଦ ଭବନ", କୁଆଁସ ଠାରେ ସଂଘର ଏ ବର୍ଷର ସପ୍ତମ ଅଧିବେଶନ କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଥିଲେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ନାୟକ, ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ, ନିମନ୍ତ୍ରିତ ଅତିଥି ପ୍ରକାଶ ଚନ୍ଦ୍ର ବିଶୋଇ ଓ ଦେବାଶିଷ ପୁହାଣ। ସଂଘର ଅନ୍ୟତମ ସଦସ୍ୟ ମଦନମୋହନ ନାୟକ ଗତ ମାସର ବିବରଣୀ ପାଠ କରିଥିଲେ ଓ ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା।



ଏହାପରେ ସଦସ୍ୟ ଶ୍ରୀ ଚନ୍ଦ୍ରମୋହନ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ବାର୍ଦ୍ଧକ୍ୟ ଜନିତ ବିଭିନ୍ନ ପ୍ରକାର ରୋଗର ଆୟୁର୍ବେଦିକ ଚିକିତ୍ସା ତଥା ନିରାକରଣ ସହଜରେ କିପରି କରାଯାଇପାରିବ ସେ ବିଷୟରେ ଅତିଥି ମାନଙ୍କର ଅନୁଭୂତିରୁ କିଛି ଉପସ୍ଥିତ ସଦସ୍ୟମାନଙ୍କୁ ପରାମର୍ଶ ଦେବାପାଇଁ ଅନୁରୋଧ କରିଥିଲେ।

ବିଭିନ୍ନ ପ୍ରକାର ବାର୍ଦ୍ଧକ୍ୟଜନିତ ରୋଗରୁ ଆୟୁର୍ବେଦିକ ଔଷଧ ବ୍ୟବହାର କରିବା ଦ୍ୱାରା କିପରି ଆରୋଗ୍ୟ ଲାଭ କରୁଛନ୍ତି ସେ ବିଷୟରେ ମଞ୍ଚାସୀନ ଅତିଥି ସୋମନାଥ ନାୟକ ନିଜ ଅନୁଭୂତିରୁ ବୁଝାଇ କହିଥିଲେ। ଆୟୁର୍ବେଦିକ ଡାକ୍ତର ପ୍ରକାଶ ଚନ୍ଦ୍ର ବିଶୋଇ ଓ ଦେବାଶିଷ ପୁହାଣ ଛତୁରୁ ପ୍ରସ୍ତୁତ "ଜ୍ଞାନଡର୍ମା" ଔଷଧ ଦ୍ୱାରା ବାର୍ଦ୍ଧକ୍ୟ ଜନିତ ଆଣ୍ଠୁଗଣ୍ଠି ବ୍ୟାଧି ସହଜରେ ଉପଶମ ହୋଇପାରିବ ବୋଲି କହିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ ଶ୍ରୀ ରମାକାନ୍ତ ନାୟକ ଓ ଉପସ୍ଥିତ ସଭ୍ୟମାନଙ୍କୁ ମନ୍ଦିର ପ୍ରସାଦରେ ଆପ୍ୟାୟିତ କରିଥିଲେ ସଭ୍ୟ ବାଦଲ କିଶୋର ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ସଭ୍ୟ ଶ୍ରୀ ମୁକ୍ତିକାନ୍ତ ମହାପାତ୍ର, ଯୁଧିଷ୍ଠିର ବାରିକ, ହରେକୃଷ୍ଣ ସାହୁ, ଦୁଃଶାସନ ମହାନ୍ତି, ପଦ୍ମନାଭ ନାୟକ, ଅରୁଣ କୁମାର ମିତ୍ର, ବାମନ ଚରଣ ରାଉତ, ନିରଞ୍ଜନ ବିଶ୍ୱାଳ, କାଶୀନାଥ ମହାପାତ୍ର, ହରେକୃଷ୍ଣ ମହାକୁଡ଼, ରବୀନ୍ଦ୍ର କୁମାର ନାୟକ, ପ୍ରତାପ ଚନ୍ଦ୍ର ଦଳାଇ, ସୁରେଶ କୁମାର ସାହୁ, ହରେକୃଷ୍ଣ ସାହୁ, ପ୍ରଶାନ୍ତ କୁମାର ଦେ, ଲକ୍ଷ୍ମଣ କୁମାର ମହାନ୍ତି ଓ ଅରୁଣ କୁମାର ମହାପାତ୍ର।

# ଉପମୁଖ୍ୟ ମନ୍ତ୍ରୀଙ୍କୁ ଭେଟିଲେ କୁଶଭଦ୍ରା ପରିବାର

ଗୋପ,୯।୯ (ନି.ପ୍ର) : ମାତୃ ସମ କୁଶଭଦ୍ରା ନଦୀର ଖନନ, ସୁରକ୍ଷା ଓ ସୌନ୍ଦର୍ଯ୍ୟ ଅଭିବୃଦ୍ଧିକୁ ନେଇ ସମ୍ମାନନୀୟା ଉପମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାର, ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କୁ ସରକାରୀ ବାସ ଭବନରେ ଭେଟିଛି କୁଶଭଦ୍ରା କାନ୍ଦୁଛି ପରିବାର । ନିମାପଡ଼ାର ଜୀବନ ରେଖା କୁଶଭଦ୍ରାର ହୃତଗୌରବ ଫେରାଇ ଆଣିବା ଦିଗରେ ୭ଗୋଟି ଦାବିକୁ ଉତଥାପନ କରାଯାଇଛି । ପ୍ରାୟ ୩ଘଣ୍ଟା ଧରି ନିମାପଡ଼ା ଏବଂ ଐତିହ୍ୟଗର୍ଭା କୁଶଭଦ୍ରାର ବିକାଶ ସମ୍ପର୍କିତ ଆଲୋଚନା ଅବର୍ଣ୍ଣନୀୟ ।ସରକାରଙ୍କ ଆଭିମୁଖ୍ୟ ପ୍ରଶଂସା ଯୋଗ୍ୟ । କୁଶଭଦ୍ରା ନଦୀ ପାଇଁ ଆମ ପରିବାରର ଆହ୍ୱାନକୁ ସାଦରେ ଗ୍ରହଣ କରିବା ସହ ଆଗାମୀ ପଦକ୍ଷେପକୁ ମଧ୍ୟ ପ୍ରଶଂସା କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ।



ବୁଦ୍ଧିଜୀବୀ, ଶିକ୍ଷାବିତ୍, ଭୂତତ୍ୱବିତ୍, ଗବେଷକ, ଅଧ୍ୟାପକ, କୃଷକ, ବ୍ୟବସାୟୀ, ସାମ୍ବାଦିକେ ଉପସ୍ଥିତ ରହିଥିଲେ । ବିଶେଷକରି ପ୍ରତ୍ୟେକଟି ମାଟି ମନସ୍କ ମଣିଷଙ୍କ କଥାକୁ ଉତଥାପନ କରି ଆମ ପରିବାର ଆନନ୍ଦିତ । ଆଗାମୀ ଦିନରେ ତୀବ୍ର ହେବ ଆଭିମୁଖ୍ୟ। ଗାଁ ଗଣ୍ଡାରେ ସୃଷ୍ଟି ହେବ ମାଆ ପାଇଁ ଲଢେଇ । ବ୍ୟକ୍ତି ସ୍ୱାର୍ଥ ନୁହେଁ ମାଟି ସ୍ୱାର୍ଥକୁ ନେଇ ଆଗେଇଛି, ଆଗେଇ ଚାଲିବ ଏ ଆହ୍ୱାନ ।

# ସମାଜସେବା ଓ ଶିକ୍ଷାର ପ୍ରଚାର ପ୍ରସାର କରିଥିବା ବ୍ୟକ୍ତି ସଦାସ୍ମରଣୀୟ

ଭୁବନେଶ୍ୱର, ୯।୯ (ନି.ପ୍ର) : ସମାଜସେବା ଓ ଶିକ୍ଷାର ପ୍ରଚାର ପ୍ରସାର କରିଥିବା ବ୍ୟକ୍ତି ସଦାସ୍ମରଣୀୟ ବୋଲି ନିଖିଳ ଉତ୍କଳ ବୁଦ୍ଧିଜିବୀ ଫୋରମ୍ ପକ୍ଷରୁ ଫୋରମର ଉପସଭାପତି ଅଧିବକ୍ତା ତାପସ କୁମାର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ସମାଜସେବୀ ଓ ଶିକ୍ଷାବିତ୍ ବୁଦ୍ଧଦେବ ଜେନାଙ୍କ ସ୍ମୃତିଚାରଣ ସଭାରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ବୈଜ୍ଞାନିକ ଏମ୍.ସି.ମଲ୍ଲିକ, ଶିକ୍ଷାବିତ ଯୁଧିଷ୍ଠିର ପଣ୍ଡା, ତାଙ୍କର ଜ୍ୟୋଷ୍ଠା କନ୍ୟା ସସ୍ମିତା ଜେନା ସମାଜସେବୀ ବ୍ରଜେନ୍ଦ୍ର ଦ୍ୱିବେଦୀ, ଆଶିସ କୁମାର ଜେନା, ରାଜେଶ କୁମାର ଜେନା, ପ୍ରଜ୍ଞା ପାରମିତା ଜେନା, ପ୍ରୀୟମ୍ବଦା ଜେନା, କ୍ଷିତିଶ ଚନ୍ଦ୍ର ପରୀଡ଼ା, ଅର୍ପିତା ପରିଡ଼ା, ଅପରାଜିତା ପରିଡ଼ା, ଅମିତ ପରିଡ଼ା, ଆୟୁଶ ଜେନା, ଆଦିତ୍ୟ ଜେନା, ବିବେକାନନ୍ଦ ବାବୁ, ଅସ୍ମିତା ଜେନା, ତେଜସ୍ୱିନୀ ସାହୁ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିଥିଲେ । ଏହି ସ୍ମୃତି ସଭାରେ ପୁଷ୍ପାଞ୍ଜଳୀ ପ୍ରଧାନ ଓ କୁମାର ସାନୁ ଭଜନ ପରିବେଷଣ କରିବା ସହ ନାମ ସଂକିର୍ତ୍ତନ ଅନୁଷ୍ଠିତ ହୋଇଥିଲା ।

# ଶିକ୍ଷୟିତ୍ରୀ ସୁଷମା ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର, ୯।୯ (ନି.ପ୍ର) : ରାଜଧାନୀ ୟୁନିଟ୍-୬ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ମହାନ୍ତିଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ରହି ଚିକିତ୍ସିତ ହେଉଥିଲେ। ଶେଷ ସମୟରେ ତାଙ୍କର ଏକମାତ୍ର କନ୍ୟା ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗୀୟ ସୁଷମା ମହାନ୍ତି ଏନ୍‌ସିସିର ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ହୋଇ ଖୁବ୍ ଦକ୍ଷତାର ସହିତ ଛାତ୍ରୀମାନଙ୍କୁ ତାଲିମ ଦେଉଥିଲେ ଏବଂ ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପ୍ୟାରେଡ଼ ପରିଚାଳନାରେ ସେ ବହୁ ବର୍ଷ ଧରି ପାରିଦର୍ଶିତା ହାସଲ କରିବା ସଙ୍ଗେ ସଙ୍ଗେ ଦୀର୍ଘବର୍ଷ ଧରି ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଆୟୋଜିତ ବେସାମରିକ ପ୍ୟାରେଡ଼ କମାଣ୍ଡର ରୂପେ ନେତୃତ୍ୱ ନେଉଥିଲେ। ଜଣେ ଛାତ୍ରବତ୍ସଳା ଶିକ୍ଷୟତ୍ରୀ ଭାବରେ ତାଙ୍କର ବେଶ୍ ସୁନାମ ରହିଥିଲା। ସୁଷମାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ତରଫରୁ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି ଏବଂ ବିଧିବଦ୍ଧ ଭାବରେ ଆସନ୍ତା ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ୟାରେଡ଼ରେ ଅଂଶଗ୍ରହଣ କରୁଥିବା ଶ୍ରେଷ୍ଠ ଦଳକୁ ତାଙ୍କ ନାମରେ ଏକ ସ୍ମୃତି ଫଳକ ପ୍ରଦାନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି।

